



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-101 ◆TUESDAY ◆7 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୦୧ ◆ମଙ୍ଗଳବାର ◆୭ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



## ସାରା ରାଜ୍ୟକୁ ବ୍ୟାପିଛି ପୁଲିସ ଏସ୍ଆଇ ଚାକିରି ବିକ୍ରିର ବୁଢ଼ିଆଣୀ ଜାଲ

# ଢୋଲ ଭିତରେ ମୂଷା

■ ଭୁବନେଶ୍ୱର, ୬ ।୧୦ (ସମିସ): ଓଡ଼ିଶାରେ ପୁଲିସ ଚାକିରି ବେପାର ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ କରାଯାଇଥିବା ଏହି ଷଡ଼ଯନ୍ତ୍ରର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ହାତରେ କିଛି ତଥ୍ୟ ମଧ୍ୟ ଲାଗିଛି । ମାତ୍ର ସଂଗଠିତ ଭାବରେ ହୋଇଥିବା ଚାକିରି ବିକ୍ରି କେଳେଙ୍କାରୀର ଚେର ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ପହଞ୍ଚି ପାରିନାହିଁ । ଯେଉଁ ସ୍ଥାନରେ କ୍ରାଇମବ୍ରାଞ୍ଚ ଚଢ଼ଉ କରୁଛି, ସେଠାରେ ସେପରି କିଛି ଶକ୍ତ ସୁରାକ ନ ମିଳିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଚଢ଼ଉ ସୂଚନା ପାଇ ଅଭିଯୁକ୍ତମାନେ ଆଗୁଆ ପ୍ରମାଣ ଗାଏବ କରିବାକୁ ସମର୍ଥ ହେଉଥିବା ଏବେ ସନ୍ଦେହ କରାଯାଉଛି । ଗତକାଲି ରଘୁନାଥପୁରରେ ଲିଙ୍ଗରାଜ ଇନ୍‌ଫୋସେଲ ପରୀକ୍ଷା ସେଣ୍ଟରରେ ଚଢ଼ଉ ସମୟରେ ଏହାର ଉଦାହରଣ ଦେଖିବାକୁ ମିଳିଛି । ପରୀକ୍ଷାକେନ୍ଦ୍ର ପାଇଁ ମନୋନୀତ ହୋଇଥିବା ଏହି ସ୍ଥାନରୁ ସବୁ ସାମଗ୍ରୀ କୁଆଡ଼େ ଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି । ତେଣୁ କେଉଁ ସ୍ଥାନରେ ଚଢ଼ଉ ହେବ ସେ ସମ୍ପର୍କରେ ଅଭିଯୁକ୍ତମାନେ ହୁଏତ ଆଗୁଆ ସୂଚନା ସଂଗ୍ରହ କରିବାକୁ ସମର୍ଥ ହେଉଛନ୍ତି ବା ସେମାନଙ୍କୁ କେହି ଆଗୁଆ ସୂଚନା ଦେଉଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି ।

ଅନ୍ୟପକ୍ଷରେ ଶ୍ରୀକାକୁଳମରୁ ଗିରଫ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ ଓ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ପ୍ରାୟ ୩୦୦ ଆଶାୟୀଙ୍କୁ ମଧ୍ୟ ପଡ଼ୋଶୀ ରାଜ୍ୟରେ ତାଲିମ ଦିଆଯାଇଥିବା ଅଭିଯୋଗ ହୋଇଛି । ତେଣୁ ଏହି ପରୀକ୍ଷାର୍ଥୀମାନେ କେଉଁଠି କୋଚିଂ ନେଇଥିଲେ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି । କୌତୂହଳର କଥା ହେଉଛି ପ୍ରତି ପରୀକ୍ଷାର୍ଥୀଙ୍କଠାରୁ ଆଗୁଆ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଥିବା ତଦନ୍ତକାରୀ ଅଧିକାରୀମାନେ କହୁଥିବା ବେଳେ ଏହି ଟଙ୍କା କେଉଁଠି ଓ କାହାପାଖରେ ଅଛି ତାହାର ସନ୍ଧାନ ମିଳିନାହିଁ । ଚାକିରି ପାଇଁ ଟଙ୍କା ଦେଇଥିବା ପିଲାମାନେ ଜେଲ୍‌ରେ ଥିବାବେଳେ ▶ପୃଷ୍ଠା-୭

### ଚାକିରି ବେପାର
### ଅନେକ ଅବୁଝା ପ୍ରଶ୍ନ



- ◆ କିଣିବାବାଲା ଜେଲ୍‌ରେ, ଚାକିରି ବିକିବାବାଲା ଗଲେ କୁଆଡ଼େ ?
- ◆ ଚାକିରି ପାଇଁ ଆଦାୟ ବିପୁଳ ଅଗ୍ରୀମ ଟଙ୍କା ଏବେ କାହା ପାଖରେ ?
- ◆ କିଏ ଦେଇଥିଲା ନିଯୁକ୍ତି ପରୀକ୍ଷା ପରିଚାଳନା ସବ୍‌ଲେଟ୍ ଅନୁମତି ?
- ◆ ସିଲିକନ୍‌ରୁ ପଞ୍ଚସଫ୍ଟ ସବ୍‌ଲେଟ୍ ବେଳେ କାହିଁକି ଚୁପ୍ ଥିଲା ଓପିଆର୍‌ବି ?
- ◆ ଫେରାର୍ ଶଙ୍କର ମୁଣ୍ଡରେ ଦୋଷ ଅଜାଡ଼ି ଖସିଯିବେ କି ବଡ଼ବଡ଼ିଆ ?

### ସେପ୍ଟେମ୍ବରରେ ପରୀକ୍ଷା ଅଭ୍ୟାସ କରିଥିଲେ ୩ ଶହ ଆବେଦନକାରୀ

### ଶଙ୍କରର ବ୍ୟାଙ୍କ ଆକାଉଣ୍ଟରେ ହୋଇଛି କୋଟି କୋଟି ଟଙ୍କାର କାରବାର

## ବାଲେଶ୍ୱରରୁ ଆଉ ଜଣେ ଗିରଫ

■ ଭୁବନେଶ୍ୱର,୬ ।୧୦(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାରେ ବାଲେଶ୍ୱରର ରଣସାହି ପଞ୍ଚାୟତର ଜଣେ ବ୍ୟକ୍ତି ଚନ୍ଦନ ମଲ୍ଲିକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଗିରଫ ଚାକିରି ଆଶାୟୀମାନଙ୍କୁ ପଚରାଉଚରା କରିବା ପରେ ଚନ୍ଦନ ନାମ ପଦାକୁ ଆସିଥିଲା । ଏହାପରେ ଗତକାଲି ବିଳମ୍ବିତ ରାତ୍ରିରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ହାଜର କରିଛି । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ପଠାଇଛି କ୍ରାଇମବ୍ରାଞ୍ଚ । ଚନ୍ଦନଙ୍କୁ ଗିରଫ ପରେ ମୋଟ ଗିରଫଦାରୀ ସଂଖ୍ୟା ୧୨୦ରେ ପହଞ୍ଚିଛି । ଚନ୍ଦନ ଚାକିରି ଆଶାୟୀଙ୍କ ସହ ଯୋଗାଯୋଗ କରୁଥିଲେ । ଶଙ୍କର ପୃଷ୍ଟି ସହ ସେମାନଙ୍କ ଭେଟ କରାଉଥିଲେ ଓ ଆଶାୟୀଙ୍କଠାରୁ ଅଗ୍ରୀମ ଅର୍ଥ ଆଦାୟ କରୁଥିଲେ । ପ୍ରତି ବଦଳରେ ଆଦାୟ ଅର୍ଥର ୧୦% କମିଶନ ତାଙ୍କୁ ପ୍ରଦାନ କରାଯାଉଥିଲା ।

# ଦୁଇ ପର୍ଯ୍ୟାୟରେ ବିହାର ନିର୍ବାଚନ

## ନଭେମ୍ବର ୬ ଓ ୧୧ରେ ଭୋଟ୍, ୧୪ରେ ଗଣତି

■ ନୂଆଦିଲ୍ଲୀ, ୬।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ତାରିଖ ଘୋଷଣା କରିଛନ୍ତି । ଏହି ନିର୍ବାଚନ ଆସନ୍ତା ନଭେମ୍ବର ୬ ଏବଂ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ । ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ । ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ସମାପ୍ତ ହେଉଥିବାରୁ ନିର୍ବାଚନ ପ୍ରକ୍ରିୟା ୧୬ ତାରିଖ ସୁଦ୍ଧା ଶେଷ ହେବ । ତାରିଖ ଘୋଷଣା ସହିତ ରାଜ୍ୟରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି ।

**ଲାଗୁହେଲା ଆଦର୍ଶ ଆଚରଣ ବିଧି**

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ନିର୍ବାଚନ ତାରିଖ ଘୋଷଣା କରି କହିଛନ୍ତି ଯେ ଭୋଟଦାନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ । ସମସ୍ତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ କରାଯିବ ଏବଂ ଇଭିଏମରେ ପ୍ରଥମ ଥର ଲାଗି ପ୍ରାର୍ଥୀମାନଙ୍କର ରଙ୍ଗିନ ଫଟୋ ରହିବ । ଶେଷ ପର୍ଯ୍ୟାୟ ମତଗଣନା ପୂର୍ବରୁ ପୋଷ୍ଟାଲ ଭୋଟ୍ ଗଣତି ▶ପୃଷ୍ଠା-୭

## ୧୧ରେ ନୂଆପଡ଼ା ଉପନିର୍ବାଚନ

■ ଭୁବନେଶ୍ୱର, ୬।୧୦ (ସମିସ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର କାର୍ଯ୍ୟସୂଚୀ ଘୋଷଣା ହୋଇଛି । ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ାରେ ମତଦାନ ହେବ । ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହିତ ଫଳାଫଳ ପ୍ରକାଶ ପାଇବ । ଏଥିପାଇଁ ଆସନ୍ତା ଅକ୍ଟୋବର ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଅକ୍ଟୋବର ୨୦ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଥିବା ବେଳେ ଅକ୍ଟୋବର ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ । ଅକ୍ଟୋବର ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ▶ପୃଷ୍ଠା-୭

- ଆସନ୍ତା ୧୩ ତାରିଖରୁ ନାମାଙ୍କନ ଦାଖଲ
- ମତଦାନ ନିମନ୍ତେ ୩୫୮ କେନ୍ଦ୍ର ପ୍ରସ୍ତୁତ
- ସମସ୍ତ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା



## ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଆଇନଜୀବୀ

■ ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ସୁପ୍ରିମକୋର୍ଟରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କୋର୍ଟ ରୁମ୍‌ରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଛନ୍ତି ଜଣେ ବୟସ୍କ ଓକିଲ । ରାକେଶ କିଶୋର ନାମକ ୭୧ ବର୍ଷୀୟ ଏହି ଓକିଲ ଜଷ୍ଟିସ ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିଥିଲେ । ତେବେ ଏହି ଜୋତା ତାଙ୍କ ବେଞ୍ଚ୍ ପର୍ଯ୍ୟନ୍ତ ପହଞ୍ଚି ନଥିଲା । ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ସମ୍ପୃକ୍ତ ଓକିଲଙ୍କୁ ତୁରନ୍ତ କାବୁ ▶ପୃଷ୍ଠା-୭



### ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ଗର୍ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳ




**ସିବିଆଇ ତଦନ୍ତ ପାଇଁ ଏତେ ଭୟ କାହିଁକି?**

- ଚାକିରି ବିକି ୨୦୦ କୋଟି ରୋଜଗାର
- ଘଟଣାରେ ବିଜେପି ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି
- ଆଶାୟୀଙ୍କୁ ନ୍ୟାୟ ନ ମିଳିଲେ ତୀବ୍ର ଆନ୍ଦୋଳନ

■ ଭୁବନେଶ୍ୱର, ୬।୧୦ (ସମିସ): ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତତା ବିରୋଧରେ ସୋମବାର ଗର୍ଜିଛି ବିଜୁ ଯୁବ, ଛାତ୍ର ଜନତା ଦଳ । ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଜୋରଦାର ପ୍ରତିବାଦ କରାଯାଇଛି । ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ, ଆଗକୁ ଜୋର୍‌ଦାର୍ ଆନ୍ଦୋଳନ କରାଯିବ ବୋଲି ଯୁବ, ଛାତ୍ର ନେତାମାନେ ଚେତାବନୀ ଦେଇଛନ୍ତି ।

ସୋମବାର ଯୁବ, ଛାତ୍ର ଜନତା ଦଳର ବହୁ ସଂଖ୍ୟକ କର୍ମୀ ଏହି ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ବିରୋଧରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକତ୍ରିତ ହୋଇଥିଲେ । ସରକାରଙ୍କ ବିରୋଧରେ ସେମାନେ ନାରାବାଜି କରିବା ସହ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ବିଧାନସଭା ଆଡ଼କୁ ମାଡ଼ି ଆସିଥିଲେ । ପୁଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିବା ବେଳେ ଧସ୍ତାଧସ୍ତି ହୋଇଥିଲା । ଦଳର ଏହି ଦୁଇ ଛାମୁଆ ସଂଗଠନର ଅଭିଯୋଗ ଅନୁଯାୟୀ, ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ଓ ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁଁ ଆଶାୟୀମାନେ ହତାଶ ହୋଇଛନ୍ତି । ପୁଲିସ ଏସଆଇ ପଦ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ମଧ୍ୟ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ▶ପୃଷ୍ଠା-୭

**ପୁଲିସ ବଳୟରେ କଟକ**

# ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ ବନ୍ଦ



■ କଟକ, ୬।୧୦ (ସମିସ): ଶାନ୍ତ ହେଉଛି କଟକ । ଉତ୍ତେଜନା କ୍ରମଶଃ ହ୍ରାସ ପାଇଥିବା ବେଳେ ପୁଲିସର କଡ଼ା ସୁରକ୍ଷାବଳୟରେ ରହିଛି ରୌପ୍ୟନଗରୀ । ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ କଟକ ବନ୍ଦ ଡାକରା ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମୀ ଓ ପୁଲିସ ମଧ୍ୟରେ ଗତକାଲି ଖଣ୍ଡଯୁଦ୍ଧ ହୋଇଥିଲା । ଏଥିଯୋଗୁଁ କଟକ ଅଶାନ୍ତ ହୋଇ ପଡ଼ିଥିବା ବେଳେ ୩୬ ଘଣ୍ଟିଆ କର୍ଫ୍ୟୁ ଘୋଷଣା କରାଯାଇଥିଲା । ୨୪ ଘଣ୍ଟା ଶାନ୍ତିପୂର୍ଣ୍ଣ ଭାବେ ଅତିବାହିତ ହୋଇଥିବା ବେଳେ ୧୨ ▶ପୃଷ୍ଠା-୭

- ୪ଟି ମାମଲା ରୁଜୁ, ୮ ଗିରଫ
- ୧୩ଟି ଥାନା ଅଞ୍ଚଳରୁ ୩୦୦ ଆଇନ ଉଲ୍ଲଙ୍ଘନକାରୀ ଅଟକ

## ଜନଜୀବନ କଲବଲ

■ କଟକ,୬ ।୧୦(ସମିସ): କର୍ଫ୍ୟୁ ଯୋଗୁଁ ସାରା ସହରରେ ଜୀବନଯାତ୍ରା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ଦିନ ତମାମ ସହରବାସୀ ହଇରାଣ ହରକତ ହୋଇଥିବା ନଜରକୁ ଆସିଛି । ମୁଖ୍ୟତଃ ଇଣ୍ଟରନେଟ୍ ସେବା ଅଚଳ ହୋଇଯିବାରୁ ବ୍ୟାଙ୍କ୍, ହସ୍ପିଟାଲ୍, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସେବା ବାଧାପ୍ରାପ୍ତ ହୋଇଛି । ଇଣ୍ଟରନେଟ୍ ଅଚଳ ହୋଇଯିବାରୁ ସହରରେ ଥିବା ହସ୍ପିଟାଲ୍‌ଗୁଡ଼ିକରେ ଆୟୁଷ୍ମାନ୍ କାର୍ଡର ସୁବିଧା ରୋଗୀମାନେ ପାଇ ପାରିନଥିଲେ । ଅନେକ ଗୁରୁତ୍ୱପୂର୍ଣ୍ଣ ଅସ୍ପୋଚାର ମଧ୍ୟ ବନ୍ଦ ରହିଥିଲା । ▶ପୃଷ୍ଠା-୭



- ବୀମା, ବ୍ୟାଙ୍କ ଓ ସ୍ୱାସ୍ଥ୍ୟ ସେବା ଗୁରୁତର ପ୍ରଭାବିତ
- ପରିବହନ ସେବା ବ୍ୟାହତ; ଯାତ୍ରୀ ହଟହଟା




## ଘଣ୍ଟାଏ ଭିତରେ ଯେକୌଣସି ସ୍ଥାନକୁ ହେବ ଡେଲିଭରି

ୱାସିଂଟନ, ୬।୧୦ (ଏଜେନ୍ସି): ଆମେରିକାରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଏଠାକାର ଏକ ଏରୋସ୍ପେସ ତଥା ଡିଫେନ୍ସ କମ୍ପାନୀ 'ଇନଭର୍ଜନ' ବିଶ୍ୱର ଏଭଳି ଏକ ପ୍ରଥମ ମହାକାଶ ଯାନ ପ୍ରସ୍ତୁତ କରି, ଯାହା ମାଧ୍ୟମରେ ପୃଥିବୀର ନିମ୍ନ କକ୍ଷରୁ ଯେକୌଣସି ସ୍ଥାନକୁ ଘଣ୍ଟାଏରୁ କମ୍ ସମୟ ମଧ୍ୟରେ ସାମଗ୍ରୀ ପହଞ୍ଚାଇ ହେବ। ଏହି ଯାନ ୨୨୭ କେଜି ଓଜନ ପର୍ଯ୍ୟନ୍ତ ଭାର ତଥା ଜରୁରୀ ସାମଗ୍ରୀ ନେଇପାରିବ। ଏହି ଯାନର ନାମ 'ଆର୍କ' ରଖାଯାଇଛି। କମ୍ପାନୀ ଏକ କାର୍ଯ୍ୟକ୍ରମରେ ଏହି ଯାନ ଲଞ୍ଚ୍ କରିଛି।



ଇନଭର୍ଜନର ସହ-ପ୍ରତିଷ୍ଠାତା ଜଷ୍ଟିସ ଫିୟାସ୍କେଟି ଏବଂ ଅଷ୍ଟିନ ବ୍ରିଗ୍ସ କହିଛନ୍ତି ଯେ ଏହା ଏକ ନୂଆ ଲଜିଷ୍ଟିକ ପ୍ଲାଟଫର୍ମ। ଏହା ମହାକାଶରେ ଏକ ନେଟୱର୍କ ପ୍ରସ୍ତୁତ କରି ପୃଥିବୀକୁ ପୂର୍ବାପେକ୍ଷା ଅଧିକ ସୁଗମ (ଆକ୍ସେସେବୁଲ) କରିବ। ଏହି ଯାନ ଘଣ୍ଟା ପ୍ରତି ୨୪, ୭୦୦ କିମି ବେଗରେ ଗତି କରିବ। ମହାକାଶ ଯାନ ତୁଳନାରେ ଏହା ବହୁତ କ୍ଷୁଦ୍ର। ଏହି ଯାନର ଉଚ୍ଚତା ୮ ଫୁଟ ଏବଂ ଓସାର ୪ ଫୁଟ। ମହାକାଶରେ ପୁଣିଥରେ ପହଞ୍ଚିବା ପରେ ଆର୍କ ନିଜକୁ ନିୟନ୍ତ୍ରଣ କରିପାରିବ। ଏହା ପାରାଚୁଟ ମାଧ୍ୟମରେ ବିନା ରନୱେରେ ଅବତରଣ ମଧ୍ୟ କରିବାରେ ସକ୍ଷମ। ସାମଗ୍ରୀ ପହଞ୍ଚାଇବା ପାଇଁ ଡିଜାଇନ କରାଯାଇଥିବାରୁ ଏହା ମନୁଷ୍ୟକୁ ନେଇ ଯାଉଥିବା ଯାନ ତୁଳନାରେ ଶସ୍ତା। ଆର୍କ ପୁନଃବ୍ୟବହାରକ୍ଷମ ଏବଂ ସଠିକ ଭାବେ ଅବତରଣ କରିପାରିବ। ଏବେ ସୁଦ୍ଧା ଏହି ଯାନର ଅନେକ ପରୀକ୍ଷଣ ସଫଳ ହେଲାଣି। ଆର୍କକୁ ପୃଥିବୀ କକ୍ଷରେ ରଖାଯିବ। ଏହା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବ। ଆବଶ୍ୟକ ପଡ଼ିଲେ ପୃଥିବୀର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘଣ୍ଟାଏ ମଧ୍ୟରେ ସାମଗ୍ରୀ ପହଞ୍ଚାଇବ।

## ପାକିସ୍ତାନକୁ ଜେଏଫ୍-୧୭ ଜେଟ୍ ଇଞ୍ଜିନ୍ ବିକ୍ରି କରିବ ରୁଷ୍

ନୂଆଦିଲ୍ଲୀ,୬ ।୧୦(ଏଜେନ୍ସି): ରୁଷିଆ ପାକିସ୍ତାନକୁ ଜେଏଫ୍-୧୭ ଜେଟ୍ ଇଞ୍ଜିନ୍ ବିକ୍ରି କରିବାକୁ ଯାଉଛି। ଏହାକୁ ନେଇ ଭାରତ ସରକାରଙ୍କୁ ବିରୋଧୀ ଦଳଗୁଡିକ ସମାଲୋଚନା କରୁଛନ୍ତି। ବିଦେଶ ନୀତି ଉପରେ ପ୍ରଶ୍ନ ଉଠାଉଛନ୍ତି। ତେବେ ଏହି ଚୁକ୍ତି ଭାରତକୁ ପରୋକ୍ଷରେ ଫାଇଦା ପହଞ୍ଚାଇବ ବୋଲି ରୁଷିଆର ପ୍ରତିରକ୍ଷା ବିଶେଷଜ୍ଞ ପିଓଟର ଟୋପିଚକାନୋଭ କହିଛନ୍ତି। ଜେଏଫ୍-୧୭ରେ ବ୍ୟବହାର ପାଇଁ ଆରଡି-୯୩ ଇଞ୍ଜିନ୍ ରୁଷିଆ ପାକିସ୍ତାନକୁ ଦେବ। କିନ୍ତୁ ଏହା ଭାରତକୁ ଫାଇଦା ପହଞ୍ଚାଇବା ନେଇ ଟୋପିଚକାନୋଭ ଦୁଇଟି ତର୍କ ଦେଇଛନ୍ତି। ପ୍ରଥମଟି ହେଲା ଚୀନ୍ ଓ ପାକିସ୍ତାନ ସାଥି ହୋଇ ରୁଷୀୟ ଇଞ୍ଜିନର ବିକଳ୍ପ ପ୍ରସ୍ତୁତି କରିପାରିବେ ନାହିଁ। ଏଥିପାଇଁ ପାକିସ୍ତାନ ଚୀନ୍‌ର ଲଢୁଆ ବିମାନ ପାଇଁ ରୁଷ ଇଞ୍ଜିନ କ୍ରୟ କରୁଛି। ଦ୍ୱିତୀୟଟି ହେଲା ଅପରେସନ ସିନ୍ଦୂର ଚାଲିଥିବା ବେଳେ ପାକିସ୍ତାନ ଚୀନର ଜେଏଫ୍-୧୭ ବିମାନର ବହୁଳ ବ୍ୟବହାର କରିଥିଲା।



ଏପରିସ୍ଥଳେ ଯଦି, ପାକିସ୍ତାନ ତା'ର ଫାଇଟର ଜେଟ୍‌ରେ ରୁଷର ଇଞ୍ଜିନ ବ୍ୟବହାର କରେ ତେବେ ଭାରତ ଏହି ବିମାନର କାର୍ଯ୍ୟକଳାପ ଓ ଉଡାଣ ସମ୍ପର୍କରେ ଅତି ସହଜରେ ଅବଗତ ହେବ। ତେଣୁ ପାକିସ୍ତାନ କୌଣସି ବଡ଼ ଧରଣର କାଣ୍ଡ ଘଟାଇବା ପୂର୍ବରୁ ଭାରତ ଆଗୁଆ ଜାଣିପାରିବ ବୋଲି ଟୋପିଚକାନୋଭ କହିଛନ୍ତି। ପୁଣି ଆରଡି- ୯୩ ଇଞ୍ଜିନ ସମ୍ପୂର୍ଣ୍ଣ ଭାବେ ବ୍ୟବସାୟିକ ହେବ ଓ ଏଥିରେ ପାକିସ୍ତାନ ସହ କୌଣସି ବୈଷୟିକ ନେଣଦେଣ ହେବନି ବୋଲି ରୁଷିଆ ଭାରତକୁ ପ୍ରତିଶ୍ରୁତି ଦେଇଛି।

## ଆମେରିକାରେ ଭାରତୀୟ ମ୍ୟାନେଜରଙ୍କୁ ହତ୍ୟା

ପେନସିଲଭାନିଆ,୬ ।୧୦(ଏଜେନ୍ସି): ଆମେରିକାର ଆଉ ଜଣେ ଭାରତୀୟଙ୍କୁ ହତ୍ୟା କରାଯାଇଛି। ପିଟ୍‌ସବର୍ଗରେ ଜଣେ ଭାରତୀୟ ବଂଶୋଦ୍ଭବ ମୋଟେଲ ମ୍ୟାନେଜର ୫୧ ବର୍ଷୀୟ ରାକେଶ ଏହାଗାବାନଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଛି। ସେ ରବିନସନ ଟାଉନସିପ୍‌ର ପିଟସବର୍ଗ ମୋଟେଲ ପରିଚାଳନା କରୁଥିଲେ। ଶୁକ୍ରବାର ଦ୍ୱିପହରରେ ଏହି ଘଟଣା ଘଟିଥିଲା। ମୋଟେଲର ପାର୍କିଂ ଏରିଆରେ ବିବାଦ ପରେ ହଙ୍ଗାମା ହୋଇଥିଲା। ଏହାକୁ ଶୁଣି ରାକେଶ ବାହାରକୁ ଆସିଥିଲେ। ଦୁଇଜଣ ଲୋକ ପରସ୍ପର ମଧ୍ୟରେ ଝଗଡ଼ା କରୁଥିବା ବେଳେ ରାକେଶ ଦୁହିଁଙ୍କୁ ସେଥିରୁ ନିବୃତ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଫଳ ଓଲଟା ହୋଇଥିଲା। ୩୭ ବର୍ଷୀୟ ଷ୍ଟେନଲି ୟୁଗେନ୍ ରାକେଶଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ।

## ଆମେରିକାରେ ମୁହାଁମୁହିଁ, ହଜାରେରୁ ଊର୍ଦ୍ଧ୍ୱ ଗିରଫ

ୱାସିଂଟନ, ୬।୧୦ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଇଲିନାୟ ରାଜ୍ୟର ଚିକାଗୋରେ ଅପରାଧ ବୃଦ୍ଧି ଏବଂ ବିକ୍ଷୋଭକୁ ଦେଖି ୩୦୦ ନ୍ୟାସନାଲ ଗାର୍ଡ୍ସ ମୁତୟନ କରିଛନ୍ତି। ଏହାକୁ ନେଇ ଅନେକ ସ୍ଥାନରେ ନ୍ୟାସନାଲ ଗାର୍ଡ୍ସ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏହି ମାମଲାରେ ହଜାରେରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀଙ୍କୁ ଗିରଫ କରାଯାଇଛି। ହୋମଲାଣ୍ଡ ସିକ୍ୟୁରିଟି ଡିପାର୍ଟମେଣ୍ଟ (ଡିଏଚଏସ)ର ଅପରେସନ ମିଡୱେ ବ୍ଲିଟଜ୍ ଅଧିନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ସେପ୍ଟେମ୍ବରରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଏହା ଅଧିନରେ ଅପରାଧି ଏବଂ ବେଆଇନ ପ୍ରବାସୀଙ୍କୁ ଗିରଫ କରାଯାଇଛି।

## ୧୪ ବର୍ଷ ପରେ ସିରିଆରେ ନିର୍ବାଚନ

ଦାମାସକସ୍,୬ ।୧୦(ଏଜେନ୍ସି): ପ୍ରାୟ ୧୪ ବର୍ଷ ପରେ ମଧ୍ୟପ୍ରାଚ୍ୟ ଦେଶ ସିରିଆରେ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ରବିବାର ସକାଳେ ରାଜଧାନୀ ଦାମାସକସ୍‌ରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବସର ଅଲ- ଅସଦଙ୍କ ଏକଛତ୍ରବାଦୀ ଶାସନରେ ଦୀର୍ଘ ୧୩ ବର୍ଷର ଗୃହଯୁଦ୍ଧ ବିଭୀଷିକାରେ ଏହି ସିରିଆ ବିପର୍ଯ୍ୟସ୍ତ ହୋଇପଡିଥିଲା। ଗତ ଡିସେମ୍ବରରେ ଅନ୍ତରୀଣ ରାଷ୍ଟ୍ରପତି ଭାବେ ଅହମ୍ମଦ ଅଲ-ଶରା ଶାସନଭାର ହାତକୁ ନେବା ପରେ ନିର୍ବାଚନ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଫଳରେ ସିରିଆରେ ଗଣତନ୍ତ୍ରର ଏକ ନୂଆଯୁଗ ଆରମ୍ଭ ହୋଇଥିବା କୁହାଯାଉଛି। ଏହି ନିର୍ବାଚନରେ ଅଲ-ସରା ବିଜୟୀ ହେବା ଏକପ୍ରକାର ନିଶ୍ଚିତ। ତେବେ ଜନସାଧାରଣ ଓ ରାଜନୈତିକ ଦଳଗୁଡିକୁ ଦୂରେଇ ରଖାଯିବାରୁ ଏହି ନିର୍ବାଚନକୁ ସମାଲୋଚନା କରାଯାଉଛି।

## ପିଏମ୍‌ଓ ଅଭିଯୋଗରେ ଜାଲ୍ ଅଧିକାରୀ ବିରୋଧରେ ଏତଲା ରୁଜୁକଲା ସିବିଆଇ

ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ଅଭିଯୋଗ କ୍ରମେ ସିବିଆଇ ଡ. ପି ରାମାରାଓଙ୍କ ବିରୋଧରେ ଏତଲା ରୁଜୁ କରିଛି। ସେ ନିଜକୁ ପିଏମ୍‌ଓର ବରିଷ୍ଠ ଅଧିକାରୀ ଦର୍ଶାଇ ତିରୁପତି ମନ୍ଦିରର 'ସୁପ୍ରଭାତ ଦର୍ଶନ' ଏବଂ ପୁନେର ସିମ୍ବୋସିସ୍ ୟୁନିଭର୍ସିଟିରେ ଜଣେ ପିଲାର ନାମ ଲେଖାଇବାକୁ ଉଦ୍ୟମ କରିଥିଲେ। ଏହା ସହିତ ମହୀଶୁର ତହସିଲଦାରଙ୍କୁ ଫୋନ କରି ଜଣେ ବ୍ୟକ୍ତିଙ୍କୁ ଜମି କାଗଜପତ୍ର ପ୍ରଦାନ କରିବାକୁ କହିଥିଲା। ପିଏମ୍‌ଓର ସହାୟକ ନିର୍ଦ୍ଦେଶକ ଅନିଲ ଶର୍ମାଙ୍କ ଅଭିଯୋଗ କ୍ରମେ ସିବିଆଇ ଗତ ଦୁଇ ତାରିଖରେ ଏହି ଏତଲା ରୁଜୁ କରିଥିଲା।


# ଜୟପୁର ହସ୍ପିଟାଲରେ ନିଆଁ

## ଅବହେଳାରୁ ଜୀବନ ହରାଇଲେ ୮ ରୋଗୀ

ଜୟପୁର,୬ ।୧୦(ଏଜେନ୍ସି): ଜୀବନ ବଞ୍ଚାଉ ଥିବା ଡାକ୍ତରଖାନାରେ ମୃତଦେହ ଗଦା ହୋଇଯାଇଛି। ରାଜସ୍ଥାନ ଜୟପୁରସ୍ଥିତ ସବାଇ ମାନସିଂ (ଏସ୍‌ଏମ୍‌ଏସ୍) ହସ୍ପିଟାଲରେ ଏଭଳି ହୋଇଛି। ଟ୍ରମା ସେଣ୍ଟରର ନ୍ୟୁରୋ ଆଇସିୟୁ ୱାର୍ଡରେ ରବିବାରରାତି ୧୧ଟା୨୦ରେ ନିଆଁ ଲାଗି ୩ ମହିଳାଙ୍କ ସମେତ ୮ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ଏହାକୁ ନେଇ ହସ୍ପିଟାଲରେ ଆତଙ୍କ ଖେଳିଯାଇଥିଲା। ଧାଁଦୌଡ଼ ଭିତରେ ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ଏଠାରେ କାଗଜ, ଆଇସିୟୁରେ ବ୍ୟବହାର ହେଉଥିବା ଜିନିଷ ଓ ବ୍ଲଡ୍ ସାମ୍ପୁଲର ଟ୍ୟୁବ ଥିଲା। ସର୍ଟ ସାର୍କିଟ ଯୋଗୁ ନିଆଁ ଲାଗିଛି ବୋଲି କୁହାଯାଉଛି। ଘଟଣା ବେଳେ ଆଇସିୟୁରେ ୧୧ ଜଣ ରୋଗୀ ଥିଲେ। ନିକଟରେ ଥିବା ଅନ୍ୟଏକ ଆଇସିୟୁରେ ୧୩ ଜଣ ରୋଗୀ ମଧ୍ୟ ଥିଲେ। ଏହି ଅଗ୍ନିକାଣ୍ଡର ଯାଞ୍ଚ ପାଇଁ ରାଜ୍ୟ ସରକାର ଏକ ୬ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଏଫ୍‌ଏସ୍‌ଏଲ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହ କରୁଛି। ତେବେ ନିଆଁ ଲାଗିବାର ୨୦ ମିନିଟ ପୂର୍ବରୁ ଧୂଆଁ ଉଠିଥିଲା। ଏ ନେଇ ହସ୍ପିଟାଲ କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କେହି ଏହାକୁ ଗୁରୁତ୍ୱ ଦେଇ ନଥିଲେ। ଏହି ଘଟଣା ପାଇଁ ଟ୍ରମା ସେଣ୍ଟର ଇନ୍‌ଚାର୍ଜଙ୍କଠାରୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ୯ ଜଣଙ୍କୁ ଦାୟୀ କରାଯାଉଛି। ଏମାନଙ୍କର ଅବହେଳା ଲାଗି ରୋଗୀଙ୍କ ଜୀବନ ଗଲା ବୋଲି କୁହାଯାଉଛି। ରାଜ୍ୟ ସଚିବାଳୟ ହସ୍ପିଟାଲରୁ କିଛି କିମି ଦୂରରେ ଥିଲେ ମଧ୍ୟ ଅଧିକାରୀଙ୍କଠାର ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଯଦି ସମସ୍ତେ ନିଜ ଦାୟିତ୍ୱ ପାଳନ କରିଥାନ୍ତେ ତେବେ ଏପରି ହୋଇ ନ ଥାଆନ୍ତା।



ନିଆଁ ଲାଗିବାର ସୂଚନା ମିଳିବା ମାତ୍ରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଭିତରକୁ ଯିବାର କୌଣସି ରାସ୍ତା ନ ଥିବାରୁ ଝରକା କାଚ କାଢ଼ି ପାଣି ସ୍ପ୍ରେ କରାଯାଇଥିଲା। ଏହାର ଏକରୁ ଦେଢ଼ ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ସବୁ ରୋଗୀଙ୍କୁ ଶଯ୍ୟା ସମେତ ବାହାରକୁ ବାହାର କରଯାଇଥିଲା।



## ମେଡିସିନ୍‌ରେ ତିନି ବୈଜ୍ଞାନିକଙ୍କୁ ମିଳିଲା ନୋବେଲ

### ଇମ୍ୟୁନୋ ସେଲ୍‌ର ଆକ୍ରମଣକୁ ପ୍ରତିହତ କରୁଥିବା 'ଟି' କୋଷିକାର ସନ୍ଧାନ କରିଥିଲେ

ଷ୍ଟକ୍‌ହାମ, ୬।୧୦ (ଏଜେନ୍ସି): ଚଳିତ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା ଆରମ୍ଭ ହୋଇଛି। ନୋବେଲ ସପ୍ତାହର ପ୍ରଥମ ଦିନରେ ସୋମବାର ମେଡିସିନ ତଥା ଫିଜିଓଲୋଜି ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ପେରିଫେରିଆଲ ଇମ୍ୟୁନୋ ଟଲେରାନ୍ସ କ୍ଷେତ୍ରରେ କରିଥିବା ଉଦ୍ଭାବନା ପାଇଁ ବୈଜ୍ଞାନିକ ମେରି ଇ ବ୍ରନକୋ, ଫ୍ରେଡ ରାମ୍ସଡେଲ ଏବଂ ସିମନ ସାକାଗୁଚାଙ୍କୁ ଚଳିତ ବର୍ଷ ପାଇଁ ନୋବେଲ ଦିଆଯିବ। ସ୍ୱିଡେନର କାରୋଲିନସ୍କା ଇନଷ୍ଟିଚ୍ୟୁଟ ମେଡିକାଲ ୟୁନିଭର୍ସିଟିର ନୋବେଲ ଆସେମ୍ବ୍ଲି ପକ୍ଷରୁ ଏହି ବିଜେତାଙ୍କୁ ବଛା ଯାଇଛି। ଏହି ବୈଜ୍ଞାନିକଙ୍କୁ ପୁରସ୍କାର ବାବଦକୁ ୧୧ ନିୟୁତ ସ୍ୱେଡିଶ କ୍ରାଉନ ତଥା ୧.୨ ନିୟୁତ ଡଲାର ସହିତ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯିବ।

ଭୁଲ୍‌ରେ ବି ଅଙ୍ଗପ୍ରତ୍ୟଙ୍ଗ ଉପରେ ଆକ୍ରମଣ ନ କରିବା ପାଇଁ ଶରୀରର ଶକ୍ତିଶାଳୀ ଇମ୍ୟୁନୋ ସିଷ୍ଟମକୁ କେଉଁ ଭଳି ଭାବେ ନିୟନ୍ତ୍ରଣ କରାଯାଏ ତାହାର ସନ୍ଧାନ ଏହି ବୈଜ୍ଞାନିକମାନେ କରିଥିଲେ। ଆମ ଶରୀରର ଇମ୍ୟୁନୋ ସିଷ୍ଟମ ତଥା ରୋଗ ପ୍ରତିରୋଧୀ ବ୍ୟବସ୍ଥା ପ୍ରତି ଦିନ ଲକ୍ଷାଧିକ ସୂକ୍ଷ୍ମଜୀବନଙ୍କଠାରୁ ଶରୀରକୁ ସୁରକ୍ଷା ଦେଇଥାଏ। ଏହି ସବୁ ସୂକ୍ଷ୍ମ ଜୀବନ ଅଲଗା ଅଲଗା ଦେଖାଯାଆନ୍ତି। ଅନେକ ଜୀବନ ନିଜକୁ ମାନବ କୋଷିକା ଭଳି ଦେଖାଇବାର କ୍ଷମତାକୁ ବିକଶିତ କରିନେଇଛନ୍ତି। ଏହା ଦ୍ୱାରା କାହା ଉପରେ ଆକ୍ରମଣ କରାଯିବ ଏବଂ କାହାକୁ ସୁରକ୍ଷା ଦିଆଯିବ ତାହା ଚିହ୍ନଟ କରିବା ଇମ୍ୟୁନୋ ସିଷ୍ଟମ ପାଇଁ କଷ୍ଟସାଧ ହୋଇଯାଇଥାଏ। ଆମେରିକା ସିଟେଲ ସ୍ଥିତ 'ଇନଷ୍ଟିଚ୍ୟୁଟ୍ସ ଫର ସିଷ୍ଟମ ବାୟୋଲୋଜି'ରେ କାର୍ଯ୍ୟରତ ମେରି, ସାନ୍ ଫ୍ରାନ୍‌ସିସିକୋର ସୋନୋମା ବାୟୋଥେରେପ୍ୟୁଟିକ୍ସ ରାମ୍ସଡେଲ ଏବଂ ଜାପାନର ଓସାକା ୟୁନିଭର୍ସିଟିର ସାକାଗୁଚାଙ୍କୁ ଇମ୍ୟୁନୋ ସିଷ୍ଟମର ସୁରକ୍ଷାଗାର୍ଡ ତଥା ରେଗୁଲେଟରି ଟି-ସେଲ୍ସର ଚିହ୍ନଟ କରିଥିଲେ। ଇମ୍ୟୁନୋ ସେଲ୍ ଶରୀର ଉପରେ ଆକ୍ରମଣ ନ କରିବା ପାଇଁ ଏଗୁଡିକ ସୁନିଶ୍ଚିତ କରିଥାନ୍ତି। ଏହି ଅନୁସନ୍ଧାନ ଗବେଷଣା କ୍ଷେତ୍ରକୁ ନୂଆ ଦିଗ ଦେଇଛି। କର୍କଟ ଏବଂ ଅଟୋଇମ୍ୟୁନୋ ରୋଗର ଚିକିତ୍ସା ଖୋଜା ଯାଉଛି। ଏହା ଦ୍ୱାରା ଅଙ୍ଗପ୍ରତିରୋପଣରେ ମଧ୍ୟ ସହାୟତା ମିଳୁଛି। ଏହା ବ୍ୟତୀତ ଅନେକ ଚିକିତ୍ସା ଏବେ କ୍ଲିନିକାଲ ଟ୍ରାଏଲ ଦେଇ ଗତି କରୁଛି। ଏହି ତିନି ବୈଜ୍ଞାନିକଙ୍କୁ ଡିସେମ୍ବର ୧୦ରେ ଷ୍ଟକହୋମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୦.୩ କୋଟି ଟଙ୍କା, ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯିବ।



## ୨୭ ଦିନରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

### ୨ ବର୍ଷରେ ୫ ପ୍ରଧାନମନ୍ତ୍ରୀ ଛାଡ଼ିଲେଣି ପଦ

ପ୍ୟାରିସ,୬ ।୧୦(ଏଜେନ୍ସି): ମାତ୍ର ୨୭ ଦିନ ମଧ୍ୟରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ଣ୍ଣୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ସେପ୍ଟେମ୍ବର ୯ରେ ଦାୟିତ୍ୱ ଗ୍ରହଣ କରିଥିଲେ ଓ ଅକ୍ଟୋବର ୬ରେ ପଦ ଛାଡ଼ିଛନ୍ତି। ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରିଛନ୍ତି। ରବିବାର ଲେକର୍ଣ୍ଣୁ ନୂଆ ମନ୍ତ୍ରିମଣ୍ଡଳର ଘୋଷଣା କରିଥିଲେ ମଧ୍ୟ ଏହାର ମାତ୍ର ୧୨ ଘଣ୍ଟା ପରେ ହିଁ ଏହି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ଫ୍ରାନ୍ସ ଇତିହାସରେ ସେ ପ୍ରଧାନମନ୍ତ୍ରୀ ଭାବେ ସବୁଠାରୁ କମ୍ ସମୟ ଦାୟିତ୍ୱରେ ରହି ଅଲୋଡା ରେକର୍ଡର ଅଧିକାରୀ ହୋଇଛନ୍ତି। ଏଥିସହ ଗତ ଦୁଇବର୍ଷ ମଧ୍ୟରେ ୫ଜଣ ପ୍ରଧାନମନ୍ତ୍ରୀ ପଦ ଛାଡ଼ିଛନ୍ତି। ଏହାପୂର୍ବରୁ ୩୯ ବର୍ଷୀୟ ଲେକର୍ଣ୍ଣୁ ସର୍ବକନିଷ୍ଠ ପ୍ରତିରକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ୨୦୨୨ରୁ ସେ ଏହି ଦାୟିତ୍ୱରେ ଥିଲେ। କଞ୍ଜରଭେଟିଭ ପାର୍ଟିରୁ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ ମଧ୍ୟ ସେ ମାକ୍ରନଙ୍କ ସେଣ୍ଟ୍ରିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ତାଙ୍କୁ ମାକ୍ରନଙ୍କ ନିକଟତର ବୋଲି ବିବେଚନା କରାଯାଏ। ରାଜନୈତିକ ଦଳଗୁଡିକ ମଧ୍ୟରେ ସନ୍ତୁଳନ ତଥା ସମନ୍ୱୟ ରହୁ ନଥିବାରୁ ସେ ପଦ ଛାଡିଥିବା କହିଛନ୍ତି। ବୁଝାମଣା କରିବାକୁ ରାଜିଥିଲେ ମଧ୍ୟ କିନ୍ତୁ କେହି କାହାକୁ ସହଯୋଗ କରିବାକୁ ରାଜି ନ ଥିବାରୁ ପଦ ଛାଡିବାକୁ ନିଷ୍ପତ୍ତି ନେଲି ବୋଲି ସେ ଉଲ୍ଲେଖ କରିଛନ୍ତି।

## ୱାଙ୍ଗଚୁକ୍ ମାମଲାରେ କେନ୍ଦ୍ରକୁ ନୋଟିସ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି): ସୁପ୍ରିମକୋର୍ଟରେ ସୋମବାର ଲଦାଖ ହିଂସା ମାମଲାରେ ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ସମ୍ବନ୍ଧିତ ହେବିୟସ କର୍ପସ ତଥା ବନ୍ଦୀ ପ୍ରତ୍ୟକ୍ଷୀକରଣ ମାମଲାର ଶୁଣାଣି ହୋଇଛି। ଏହାକୁ ନେଇ ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସୋନମଙ୍କ ପତ୍ନୀ ଗୀତାଞ୍ଜଲି ଅଙ୍ଗମୋଙ୍କ ଏହି ଆବେଦନ ଉପରେ ଜବାବ ମାଗିଛନ୍ତି। ଏଥିରେ ଜାତୀୟ ସୁରକ୍ଷା ଆଇନ ତଥା ଏନ୍‌ଏସଏ ଅଧିନରେ ସ୍ୱାମୀଙ୍କ ଗିରଫକୁ ଚ୍ୟାଲେଞ୍ଜ କରାଯାଇଥିଲା। ତାଙ୍କୁ ତୁରନ୍ତ ମୁକ୍ତି କରିବାକୁ ଦାବି କରାଯାଇଥିଲା। ଏବେ କୋର୍ଟ ମାମଲାର ଶୁଣାଣିକୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।



ଆଜିର ଶୁଣାଣି ସମୟରେ ୱାଙ୍ଗଚୁକଙ୍କ ଓକିଲ କପିଲ ସିବଲ କହିଥିଲେ ଯେ ଯେଉଁ କାରଣ ପାଇଁ ସାମାଜିକ କର୍ମୀଙ୍କୁ ଗିରଫ କରାଯାଇଛି ତାହାର କପି ତଥା ନକଲ ପରିବାରକୁ ଦିଆଯାଇ ନାହିଁ। ତେବେ ହେପାଜତକୁ ନେବାର କାରଣ ୱାଙ୍ଗଚୁକଙ୍କୁ ଜଣାଇ ଦିଆଯାଇଛି। ଏହାର ନକଲ ତାଙ୍କ ପତ୍ନୀଙ୍କୁ ଦେବା ପାଇଁ ବିଚାର କରାଯାଇପାରେ ବୋଲି କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ। ସୂଚନା ଅନୁଯାୟୀ ଗତ ୨୪ ତାରିଖରେ ଲଦାଖରେ ହୋଇଥିବା ହିଂସା ମାମଲାରେ ୨୬ରେ ୱାଙ୍ଗଚୁକଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି। ଗତ ୨ ତାରିଖରେ ସୋନମଙ୍କ ପତ୍ନୀ ସୁପ୍ରିମକୋର୍ଟରେ ହେବିୟସ କର୍ପସ ଦାଏର କରିଥିଲେ। ସ୍ୱାମୀଙ୍କ ଗିରଫକୁ ସେ ବେଆଇନ ବୋଲି କହିଥିଲେ।


## ଆକ୍ରମଣରେ ପଶ୍ଚିମବଙ୍ଗ ସାଂସଦଙ୍କ ମୁଣ୍ଡ ଫାଟିଲା

କୋଲକାତା, ୬ ।୧୦ (ଏଜେନ୍ସି): ପଶ୍ଚିମବଙ୍ଗର ନାଗ୍ରାକାଟା ଅଞ୍ଚଳରେ ବିଜେପି ସାଂସଦ ଖଗେନ ମୁର୍ମୁ ଓ ସ୍ଥାନୀୟ ଶଙ୍କର ଘୋଷଙ୍କ ଉପରେ ଆକ୍ରମଣ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ବେଳେ ସ୍ଥାନୀୟ ଲୋକେ ଏକାଠି ହୋଇ ଏହି କାଣ୍ଡ ଘଟାଇଥିଲେ। ଫଳରେ ଖଗେନଙ୍କ ମୁଣ୍ଡ ଫାଟିଛି ଓ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ଖଗେନ ମାଲଦାର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ସାମଗ୍ରୀ ବାଣ୍ଟିବାକୁ ଯାଇଥିଲେ। ଏହାପରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇ ଫେରିଯାଇ ବୋଲି ସ୍ଲୋଗାନ ଦେଇଥିଲେ। ଆକ୍ରମଣ ପରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା ଓ ସେ ଗାଡ଼ିରେ ବସିଥିବାର ଦେଖାଯାଇଛି। ସାଂସଦଙ୍କ ଉପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଗୁଣ୍ଡାମାନେ ଆକ୍ରମଣ କରିଛନ୍ତି ବୋଲି ବିଜେପି ତରଫରୁ ଅଭିଯୋଗ କରାଯାଇଛି। ଜଣେ ସମ୍ମାନୀତ ଆଦିବାସୀ ନେତା ଓ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା ଖଗେନଙ୍କୁ ଆକ୍ରମଣକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ପୁଲିସର ଉପସ୍ଥିତିରେ ଏହି ଆକ୍ରମଣ ହୋଇଥିବାରୁ ବିରୋଧୀ ଦଳ ନେତା ତଥା ବିଜେପି ବିଧାୟକ ଶୁଭେନ୍ଦୁ ଅଧିକାରୀ ଟିଏମ୍‌ସିକୁ ଏଥିପାଇଁ ଦାୟୀ କରିଛନ୍ତି।



# ନେତନ୍ୟାହୁଙ୍କ ଉପରେ ଟ୍ରମ୍ପ କ୍ଷୁବ୍ଧ

ୱାସିଂଟନ, ୬।୧୦ (ଏଜେନ୍ସି): ଗାଜା ଯୁଦ୍ଧ ସମାପ୍ତ କରିବା ପାଇଁ ପ୍ରୟାସ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଟ୍ରମ୍ପ ରାଗି ଯାଇ ଫୋନ୍‌ରେ ଗାଳି ମଧ୍ୟ ଦେଇଛନ୍ତି। ସବୁବେଳେ ଏତେ ନକାରାତ୍ମକ କାହିଁକି ରହୁଛ ବୋଲି ସେ ନେତନ୍ୟାହୁଙ୍କୁ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ ଗାଜାରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଟ୍ରମ୍ପ ଗତ ୨୯ ତାରିଖରେ ୨୦ ସୂତ୍ରୀ ଯୋଜନା ଆଣିଛନ୍ତି। ଏହି ଯୋଜନାକୁ ଇସ୍ରାଏଲ ସ୍ୱୀକାର କରିଛି। ମାତ୍ର ହମାସ ଆଂଶିକ ଭାବେ ପାଳନ କରିବାକୁ ରାଜି ହୋଇଛି। ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ସହମତି ପ୍ରକାଶ କରିଛି। ଏହାର ସୂଚନା ଦେବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପ ଫୋନ୍ କରିଥିଲେ। ଟ୍ରମ୍ପ ଏହାକୁ ସକାରାତ୍ମକ



ସର୍ବଦା ନକାରାତ୍ମକ ରହୁଛ କାହିଁକି

ସୂଚନା କହିଥିଲେ। ମାତ୍ର ଏହା କୌଣସି ବଡ଼ କଥା ନୁହେଁ ବୋଲି ନେତନ୍ୟାହୁ ଉଲ୍ଲେଖ କରିଥିଲେ। ଏହା ଶୁଣିବା ମାତ୍ରେ ଆମେରିକା ରାଷ୍ଟ୍ରପତି କ୍ଷୁବ୍ଧ ହୋଇ ଯାଇଥିଲେ। ସେ କ୍ରୋଧରେ ନେତନ୍ୟାହୁଙ୍କୁ ଗାଳି ଦେଇଥିଲେ। ଟ୍ରମ୍ପ କହିଥିଲେ ଯେ ତୁମେ ସବୁବେଳେ ଏତେ ନକାରାତ୍ମକ କାହିଁକି ରହୁଛ ମତେ ଜଣା ନାହିଁ। ଏହାକୁ ବିଜୟ ଭାବେ ଦେଖି ସ୍ୱୀକାର କର। ଏହା ଏକ ଭଲ ଖବର।

ଅନ୍ୟପଟେ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଟ୍ରମ୍ପ କହିଥିଲେ ଯେ ସପ୍ତାହନ୍ତରେ ହମାସ ଏବଂ ବିଶ୍ୱର ଅନ୍ୟ ଦେଶ ସହ ବହୁତ ଭଲ ଆଲୋଚନା ହୋଇଛି। ଗାଜା ଯୁଦ୍ଧ ବନ୍ଦ, ପଣବନ୍ଦୀଙ୍କୁ ମୁକ୍ତି ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ। ଅତି ଉତ୍ତମ ଭାବେ ଏ ନେଇ ଆଲୋଚନା ହେଉଛି। ଏହି ପୁରୁଣା ଝଗଡ଼ା ଉପରେ ମୁଁ ନଜର ରଖିବି। ସମୟ ଅତି ମୂଲ୍ୟବାନ, ନଚେତ ବେଶୀ କ୍ଷତି ହେବ। ଏପରି ହେଉ ବୋଲି କେହି ଚାହୁଁନାହାନ୍ତି। ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବକୁ ହମାସ ସ୍ୱୀକାର କରି ୨୫୦ ପାଲେଷ୍ଟିନୀୟ ବନ୍ଦୀଙ୍କ ବଦଳରେ ଇସ୍ରାଏଲ ପଣବନ୍ଦୀକୁ ମୁକ୍ତ କରିବା ପାଇଁ ହମାସ ରାଜି ହୋଇଥିଲା। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଟ୍ରମ୍ପ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। କାତାରରେ ଥିବା ହମାସର ରାଜନୈତିକ ଅଫିସ ପକ୍ଷରୁ କୁହାଯାଇଥିଲା ଯେ ଉପଯୁକ୍ତ ସର୍ତ୍ତ ବଳରେ ଏହି ଚୁକ୍ତିକୁ ଗୋଷ୍ଠୀ ସ୍ୱୀକାର କରୁଛି। ଜୀବିତ ଏବଂ ମୃତଥିବା ପ୍ରତ୍ୟେକ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହି ଯୋଜନା ଅଧିନରେ ହମାସ ତିନି ଦିନ ମଧ୍ୟରେ ପ୍ରାୟ ୪୮ ପଣବନ୍ଦୀଙ୍କୁ ମୁକ୍ତି କରିବ। ଏମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଥିବା ଆଶା କରାଯାଉଛି। ଏହି ଗୋଷ୍ଠୀ କ୍ଷମତା ଏବଂ ଅସ୍ତ୍ରବିରତି ପାଇଁ ମଧ୍ୟ ରାଜି ହୋଇଛି। ଟ୍ରମ୍ପ ଏବଂ ଅନ୍ୟ ବିଶ୍ୱନେତା ଏହାକୁ ସ୍ୱାଗତ କରିଥିବାବେଳେ ଯୁଦ୍ଧ ସମାପ୍ତ କରିବା ପାଇଁ କିଛି କହିନାହାନ୍ତି।

## ଦିଲ୍ଲୀରେ ମାସେ ଧରି ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ

ନୂଆଦିଲ୍ଲୀ,୬ ।୧୦(ଏଜେନ୍ସି): ଦିଲ୍ଲୀରେ ଏକମାସ ଧରି ଜଣେ ୧୮ ବର୍ଷୀୟା ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯିବାର ଘଟଣା ସାମ୍ନାକୁ ଆସିଛି। ପୀଡିତା ଏ ନେଇ ଶୁକ୍ରବାର ମାମଲା ଦାଏର କରିଛନ୍ତି। ଫଳରେ ଏହି ଘଟଣା ଏବେ ସାମ୍ନାକୁ ଆସିଛି। ସ୍ଥାନୀୟ ଆଦର୍ଶ ନଗରସ୍ଥିତ ଏକ ହୋଟେଲକୁ ୨୦ ବର୍ଷର ଯୁବକ ଅମନପ୍ରୀତ ପୀଡିତାଙ୍କୁ ପାର୍ଟିରେ ଯୋଗ ଦେବା ପାଇଁ ଡକାଇଥିଲେ। ସେଠାରେ ଯୁବକଙ୍କର ଦୁଇଜଣ ବନ୍ଧୁ ପୂର୍ବରୁ ଥିଲେ। ୩ ଜଣ ମିସି ପାନୀୟରେ ନିଶା ଦେଇଥିଲେ। ଫଳରେ ଯୁବତୀ ଜଣକ ବେହୋଶ ହୋଇଥିଲେ। ଏହାପରେ ମୁଖ୍ୟ ଅଭିଯୁକ୍ତ ଦୁଷ୍କର୍ମ କରିଥିଲେ ଓ ବାକି ଦୁଇଜଣ ସାଙ୍ଗ ଏହାର ଭିଡିଓ ରେକର୍ଡିଂ କରିଥିଲେ। ଦୁଇଜଣ ବନ୍ଧୁ ମଧ୍ୟ ତାଙ୍କର ଯୌନ ଉତ୍ପୀଡ଼ନ କରିଥିଲେ। ଏହାପରେ ଅଭିଯୁକ୍ତ ଏହି ଭିଡିଓ ଦେଖାଇ ପୀଡିତାଙ୍କୁ ବ୍ଲାକ୍‌ମେଲ କରିବା ସହ ସେପ୍ଟେମ୍ବର ମାସ ସାରା ବାରମ୍ବାର ଦୁଷ୍କର୍ମ କରିଥିଲେ।

ଅଭିଯୁକ୍ତ ଏହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବାକୁ ଧମକ ଦେଇଥିଲେ ବୋଲି ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ପୀଡିତା ଜଣକ ହରିୟାଣାର ଓ ସେ ଡଃ ବିଆର ଆମ୍ବେଦକର ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଛନ୍ତି। ସେ ରୋହିଣୀରେ ଏକ ହଷ୍ଟେଲରେ ରହୁଛନ୍ତି। ପୁଲିସ ଏହି ମାମଲାର ଯାଞ୍ଚ କରୁଛି ଓ ଅମନପ୍ରୀତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

**ଅଶାନ୍ତ ହେଉଛି ଶାନ୍ତିପ୍ରିୟ ଓଡ଼ିଶା**

# ଦେଢ଼ ବର୍ଷର ସରକାରରେ ୩ ଟି କର୍ଫ୍ୟୁ

ଭୁବନେଶ୍ୱର,୬।୧୦(ସମିସ): ଦେଶକୁ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଥିବା ଓଡ଼ିଶାର ଅନେକ ସହରରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ମିଶି ପୂଜା ପାର୍ବଣ ଆୟୋଜନ କରୁଥିବାର ନଜିର ରହିଛି। ହେଲେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୱେଷ ଓ ଅବିଶ୍ୱାସ ମାଡ଼ି ଚାଲିଛି। ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସାମ୍ପ୍ରଦାୟିକ ସଦ୍‌ଭାବନା



ବିଗିଡ଼ିଥିବା ବେଳେ ୩ଟି ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି। ବିଭିନ୍ନ ସ୍ଥାନରେ ସାମାଜିକ ବିଶୃଙ୍ଖଳା ବଢ଼ିଚାଲିଥିବା ବେଳେ ସରକାର ଏଭଳି ଘଟଣାକୁ ଦମନ କରିବାରେ କାହିଁକି କିଛି ଠୋସ୍ ପଦକ୍ଷେପ ନେଇପାରୁ ନାହାନ୍ତି, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ହଜାର ବର୍ଷର ଭାଇଚାରାକୁ ନେଇ କଟକ ସହର ଯେଉଁ ଗର୍ବ କରୁଥିଲା, ତାହା ମଧ୍ୟ ଏବେ ଧୂଳିସାତ୍ ହୋଇଯାଇଛି। କଟକରେ ମା' ଦୁର୍ଗାଙ୍କ ଭାସାଣି ସମୟରେ ହୋଇଥିବା ହିଂସା ଓ ଏହା ପରର ସ୍ଥିତି ଏତେ ଆଗକୁ ବଢ଼ିଯାଇଛି ଯେ ୨ ଦିନ ହେବ ସେଠାରେ କର୍ଫ୍ୟୁ ବଳବତ୍ତର ରହିଛି। କେବେ ଏଠାରେ ସ୍ଥିତି ସ୍ୱାଭାବିକ ହେବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କେବଳ କଟକ ନୁହେଁ; ଏହା ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ମୁକୁନ୍ଦପ୍ରସାଦରେ ଅଗଷ୍ଟ ୨୦୨୪ରେ ମଧ୍ୟ କର୍ଫ୍ୟୁ ଲାଗିବା ସହ ଜୁନ୍ ମାସରେ ବାଲେଶ୍ୱରରେ ମଧ୍ୟ ସ୍ଥିତି ଉଦ୍‌ବେଗଜନକ ହେବା ଓ କର୍ଫ୍ୟୁ ଲାଗିଥିଲା। ୨୦୨୪ ସେପ୍ଟେମ୍ବର ଶେଷ ଆଡ଼କୁ ଭଦ୍ରକରେ ମଧ୍ୟ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି

**■ ବିଗିଡ଼ିଗଲାଣି ରାଜ୍ୟର ସାମ୍ପ୍ରଦାୟିକ ସଦ୍‌ଭାବନା**
**■ ହିଂସା ଉଦ୍ରେକକାରୀଙ୍କୁ ଦମନ କରିପାରୁନି ପୁଲିସ**

ହୋଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଅଳ୍ପ କେଇ ଦିନ ମଧ୍ୟରେ ବାଲେଶ୍ୱରରେ ସାମ୍ପ୍ରଦାୟିକ ଘଟଣା ସାରା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। ଏଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ଉଗ୍ର ହେବା ଓ ପୁଲିସ ଉପରେ ଆକ୍ରମଣ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏଠାରେ ସ୍ଥିତି ସ୍ୱାଭାବିକ ଆଣିବାରେ ସରକାର ବିଫଳ ହେବା ସହ ପ୍ରାୟ ୧୭ ଦିନ କାଳ ୧୪୪ ଓ କର୍ଫ୍ୟୁ ଲାଗି ରହିଥିଲା। ଏଠାରେ ସ୍ଥାନୀୟ ଏସ୍‌ପିଙ୍କ ଉପରେ ଆକ୍ରମଣ ହେବା ସହ ସେ ଆହତ ହୋଇଥିଲେ। ଏବେ ବି ବାଲେଶ୍ୱର ପରିସ୍ଥିତି ସୁଧୁରି ନାହିଁ। ଗତକାଲି ମଧ୍ୟ ସହରରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସେହିପରି ଖୋର୍ଦ୍ଧରେ ଭିନ୍ନ ଭିନ୍ନ ଭାବେ ଦୁଇଟି ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବନା ଭଙ୍ଗ ହେବା ସହ ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲାର ମୁକୁନ୍ଦ ପ୍ରସାଦରେ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ଏଠାରେ ମାସେ କାଳ ଆଇଏନ୍ଏସ୍‌ର ୧୬୩ ଧାରା ଜାରି ରହିଥିଲା। ସେହିପରି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକର ଛଣଗିରିରେ ମଧ୍ୟ ସ୍ଥିତି ବେକାବୁ ହେବା ସହ ଏଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସ୍ଥାନୀୟ ପ୍ରଶାସନକୁ ପ୍ରାୟ ୧୫ ଦିନ ଧରି ୧୬୩ ବଳବତ୍ତର ରଖିବାକୁ ପଡ଼ିଥିଲା।

ଲଗାତାର ଭାବେ ଏହିଭଳି ଘଟଣା ବଢ଼ି ଚାଲିଥିବାରୁ ସାରା ଦେଶରେ ଓଡ଼ିଶାର ଛବି ମଳିନ ହେବାରେ ଲାଗିଛି। ସଂପ୍ରତି ଜାତୀୟ ଗଣମାଧ୍ୟମଗୁଡ଼ିକରେ ଓଡ଼ିଶାର ହିଂସା ଖବର ପ୍ରମୁଖ ସ୍ଥାନ ନେଉଛି। ରାଜ୍ୟ ଏବେ ବିହାର ଓ ଉତ୍ତର ପ୍ରଦେଶ ଆଡ଼କୁ ଗତି କରୁଥିବା ଅଭିଯୋଗ ହୋଇଛି। ବଡ଼ କଥା ହେଉଛି ଯେ ଏଭଳି ଘଟଣାକୁ ଦମନ କରିବାରେ ପୁଲସ ପ୍ରଶାସନର ନିଷ୍କ୍ରିୟତା ଅନେକ ଦିଗକୁ ପ୍ରଶ୍ନ ଉଠାଉଛି। କଟକରେ ପ୍ରଥମେ ହିଂସା ହେବା ଓ ପରେ ଏତେ ବଡ଼ ବାଇକ ରାଲିକୁ କିଏ ଅନୁମତି ଦେଲା ତାକୁ ନେଇ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ଏହା ବ୍ୟତୀତ ଗୁଇନ୍ଦା ବ୍ୟବସ୍ଥା ଏଠାରେ କିପରି କାମ କରୁଥିଲା ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ସରକାର ପରିବର୍ତ୍ତନର କିଛି ଦିନ ମଧ୍ୟରେ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଛୋଟମୋଟ ବିବାଦ ବଢ଼ିବା ଆରମ୍ଭ ହୋଇଥିଲା। ଏହାକୁ ନେଇ ଗତ ବର୍ଷ ଅଗଷ୍ଟ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରି ରାଜ୍ୟର ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଦେଖା ଦେଇଥିବା ବିଭେଦ ଆଗାମୀ ଦିନରେ ରାଜ୍ୟର ଗରିମା କ୍ଷୁଣ୍ଣ କରିବା ଭଳି ପରିସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ପ୍ରକାଶ କରିଥିଲେ। ଏଥିସହ ସବୁ ବର୍ଗର ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଏବଂ ସମସ୍ତ ସରକାରୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏହା ସହ ନବୀନ ସମସ୍ତ ସମ୍ପ୍ରଦାୟକୁ ଓଡ଼ିଶାର ଭାବମୂର୍ତ୍ତି ତଥା ଗରିମା ରକ୍ଷା କରିବା ପାଇଁ ନିବେଦନ କରି ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ଲୋକଙ୍କ ଧନଜୀବନର ସୁରକ୍ଷା ଓ ଆଇନଶୃଙ୍ଖଳା ବଜାୟ ରଖିବା ଦିଗରେ କାମ କରିବାକୁ ନିବେଦନ କରିଥିଲେ। ମାତ୍ର ସରକାର ଏ ଦିଗରେ ସେପରି ଠୋସ୍ ପଦକ୍ଷେପ ଗ୍ରହଣ ନ କରିବା ଓ ରାଜ୍ୟରେ ନୂଆ କରି ମୁଣ୍ଡ ଟେକୁଥିବା ସାମ୍ପ୍ରଦାୟିକ ବିଭେଦକୁ ଦୂର କରିବା ନେଇ କୌଣସି ଅପିଲ୍ ନ କରିବା ପୁଣି ଥରେ ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ କୁଠାରଘାତ କରିବା ଭଳି ସ୍ଥିତି ସୃଷ୍ଟି କରିଛି।

## ଆଜି ସୃଷ୍ଟି ହେବ ଆଉ ଏକ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୬।୧୦ (ସମିସ): ମଙ୍ଗଳବାର ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ସମ୍ଭବତଃ ଏହା ପ୍ରଭାବରେ ୯ ତାରିଖ ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହୋଇପାରେ। କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବା ବେଳେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବରେ ଅଧିକ ରହିବା ନେଇ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ଘୂର୍ଣ୍ଣିବଳୟ/ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ୪ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ, ବର୍ତ୍ତମାନ ଓଡ଼ିଶା ଉପରେ ଏକ ଟ୍ରଫ-ଲାଇନ୍ ପ୍ରଭାବ ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସହ ହାଲୁକା ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ ଘଣ୍ଟାରେ ପାରାଦୀପରେ ସର୍ବାଧିକ ୭୦ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୩୬ ମିମି ବର୍ଷା ହୋଇଛି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର



ବିଞ୍ଝାରପୁର/ବରୀ, ୬।୧୦ (ସମିସ): ବରୀ ବ୍ଲକ୍ ବୋଦୁଅ ପଞ୍ଚାୟତ କନ୍ତିଆ ଗାଁ ଦେଇ ଯାଇଥିବା ଖରସ୍ରୋତା ନଦୀରେ ଧୋଇ ହେଉଥିବା ବେଳେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଛି। ଆଜି ଅପରାହ୍ଣ ପ୍ରାୟ ୩ଟାରେ ଏହି ଅଘଟଣ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଶୁକଦେବ ମହଲାଙ୍କ ପତ୍ନୀ ସୌଦାମିନୀ ମହଲା। ସୂଚନା ମୁତାବକ, ସୌଦାମିନୀ ଆଜି ଦ୍ୱିପ୍ରହରେ ଖାଇ ସାରିବା ପରେ ବାସନ ମାଜିବାକୁ ନଦୀକୁ ଯାଇଥିଲେ। ବାସନ ମାଜି ସାରି ହାତଗୋଡ଼ ଧୋଇ ହେଉଥିବା ବେଳେ ଗୋଟିଏ କୁମ୍ଭୀର ତାଙ୍କୁ ଟାଣି ନେଇଥିଲା। ସୌଦାମିନୀର ହାତକୁ ଧରି କୁମ୍ଭୀର ନଦୀରେ ଟାଣିଟାଣି ନେଉଥିବା ଦୃଶ୍ୟ ଗ୍ରାମବାସୀ ଦେଖିଥିଲେ ହେଁ କୁମ୍ଭୀର ଆକ୍ରମଣ ଭୟ ଓ ନଦୀରେ ଅଧିକ ସ୍ରୋତ ଥିବାରୁ ତାଙ୍କୁ ଉଦ୍ଧାର କରିପାରିନଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରି ସୌଦାମିନୀଙ୍କ ମୃତଦେହ ଉଦ୍ଧାର କରିଥିଲା।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏହି ନଦୀରେ କୁମ୍ଭୀର ବୁଲାବୁଲି କରୁଥିବା ଦୃଶ୍ୟ ମଧ୍ୟ ଅଞ୍ଚଳବାସୀ ଦେଖି ବନ ବିଭାଗକୁ ଜଣାଇଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ କୁମ୍ଭୀରକୁ ନିଜ ଆୟତ୍ତକୁ ନେଇ ପାରି ନଥିବାରୁ ଆଜି ଏପରି ଏକ ଅଘଟଣ ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ମିଳିବ ବୋଲି ସୂଚନା ଦେଇଛନ୍ତି।

## ୨୦ରୁ ଯୁକ୍ତ ୨ ପରୀକ୍ଷା ଫର୍ମପୂରଣ

ଭୁବନେଶ୍ୱର, ୬ ।୧୦ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫର୍ମପୂରଣ ତାରିଖ ଆଜି ଘୋଷଣା ହୋଇଛି। ଆସନ୍ତା ୨୦ତାରିଖରୁ ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଆରମ୍ଭ ହେବ। ଛାତ୍ରଛାତ୍ରୀମାନେ ବିନା କୌଣସି ଜରିମାନାରେ ନଭେମ୍ବର ୬ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଏହା ପୂର୍ବରୁ, ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ହେବ। ଆସନ୍ତା ୧୩ରୁ ୨୫ ତାରିଖ ମଧ୍ୟରେ ବିନା ଜରିମାନାରେ ଫର୍ମ ପୂରଣ କରିପାରିବେ। ବିନା ଜରିମାନାରେ ଫର୍ମ ପୂରଣ ସରିବା ପରେ ଏକା ସମୟରେ ଜରିମାନା ଦେଇ ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିପାରିବେ। ନଭେମ୍ବର ୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ

**୧୩ରୁ ଏକ୍ସ-ରେଗୁଲାର୍**

୧୯ତାରିଖ ମଧ୍ୟରେ ୬୦୦ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିବେ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଅବଗତ କରିଛନ୍ତି।

ଫର୍ମ ପୂରଣ ପାଇଁ ୮ଶହ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି। ପ୍ରୋଜେକ୍ଟ, ପ୍ରାକ୍ଟିକାଲ୍ ଓ ଇଣ୍ଟରନାଲ୍ ପରୀକ୍ଷା ପାଇଁ ଅତିରିକ୍ତ ଭାବେ ୪୦ଟଙ୍କା ଲେଖାଏଁ ଫି' ରହିଛି। କେବଳ ରେଗୁଲାର୍ ପରୀକ୍ଷାର୍ଥୀଙ୍କଠାରୁ ଏହି ଫି' ଆଦାୟ କରାଯିବ। ଫର୍ମ ପୂରଣ ଅବଧି ପରବର୍ତ୍ତୀ ସମୟରେ ଆଉ ବୃଦ୍ଧି କରାଯିବ ନାହିଁ। ଫର୍ମ ପୂରଣର ଶେଷ ତାରିଖ ଛୁଟିଦିନ ପଡ଼ିଲେ, ତାହାର ପରବର୍ତ୍ତୀ କାର୍ଯ୍ୟ ଦିବସକୁ ଶେଷ ତାରିଖ ଭାବେ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏକା ସମୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

**■ ହାଇକୋର୍ଟ ଉପରେ ବଢ଼ୁଛି ମାମଲା ବୋଝ**

## ବିଚାରପତି ପଦ ପୂରଣ ପାଇଁ ଦାବି ଦୋହରାଇଲା ରାଜ୍ୟ ଆଇନଜୀବୀ ପରିଷଦ

କଟକ, ୬।୧୦ (ସମିସ): ଓଡ଼ିଶା ହାଇକୋର୍ଟରେ ଖାଲି ପଡ଼ିଥିବା ବିଚାରପତି ପଦ ପୂରଣ ପାଇଁ ପୁନଃ ଦାବି ହୋହରାଇଛି ରାଜ୍ୟ ଆଇନଜୀବୀ ପରିଷଦ (ବାର୍ କାଉନସିଲ)। ପରିଷଦର କର୍ମକର୍ତ୍ତାମାନେ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍ ଗଭାଇଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିକଟରେ ଜଷ୍ଟିସ୍ ଗଭାଇଙ୍କ ଓଡ଼ିଶା ଗସ୍ତ ସମୟରେ ବାର୍ କାଉନସିଲ ପ୍ରତିନିଧିମଣ୍ଡଳୀ ତାଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଓଡ଼ିଶା ହାଇକୋର୍ଟରେ ମୋଟ ଅନୁମୋଦିତ ୩୩ଟି ବିଚାରପତି ପଦ ମଧ୍ୟରୁ ବର୍ତ୍ତମାନ ମାତ୍ର ୧୯ ଜଣ ବିଚାରପତି ରହିଥିବା ବେଳେ ଆସନ୍ତା ବର୍ଷ ଆଉ ୪ଜଣ ବିଚାରପତିଙ୍କ କାର୍ଯ୍ୟକାଳ ଶେଷ ହେବ। ଅଧା ବିଚାରପତି ପଦ ଖାଲି ପଡ଼ିଥିବାରୁ

**ପ୍ରଧାନ ବିଚାରପତିଙ୍କ ସହ ଆଲୋଚନା**

ମାମଲା ବୋଝ ବୃଦ୍ଧି ପାଇ ଚାଲିଛି। ଏଣୁ, ଖାଲି ବିଚାରପତି ପଦଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରଧାନ ବିଚାରପତିଙ୍କୁ ବାର୍ କାଉନସିଲ ଦାବି ଜଣାଇଛି। ଏଥିସହ, ସୁପ୍ରିମକୋର୍ଟରେ ମଧ୍ୟ ଦୀର୍ଘ ବର୍ଷ ଧରି ଓଡ଼ିଶାରୁ କେହି ବିଚାରପତି ପ୍ରତିନିଧିତ୍ୱ କରିପାରି ନଥିବା ନେଇ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ସହ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରି ପଦକ୍ଷେପ ନେବା ପାଇଁ ପ୍ରଧାନ ବିଚାରପତି ପ୍ରତିଶ୍ରୁତି ଦେଇଥିଲେ।

ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସଦସ୍ୟ ଭକ୍ତଭୂଷଣ ବାରିକ, ରାଜୀବ କୁମାର ମହାନ୍ତି, ଅରୂପାନନ୍ଦ ଦାସ, ବିଭୁପ୍ରସାଦ ତ୍ରିପାଠୀ, ସୌରଚନ୍ଦ୍ର ମହାପାତ୍ର, ଦେବୀ ପ୍ରସାଦ ଧଳ, ପ୍ରସନ୍ନ କୁମାର ପାଢ଼ୀ, ମାନସ କୁମାର ଚାନ୍ଦ, ଜ୍ଞାନରଂଜନ ମହାନ୍ତି, ଆତ୍ମାପ୍ରକାଶ ମହାନ୍ତି, ପୀତବାସ ପଣ୍ଡା, ବିଭୁପ୍ରସାଦ ଦାସ, ପିଟା ରମେଶ ପାତ୍ର, ଧନଞ୍ଜୟ ମୁଣ୍ଡ, ନୃସିଂହ ଚରଣ ପଟ୍ଟନାୟକ, ଗିରିଜା ଶଙ୍କର ମିଶ୍ର, ଅକ୍ଷୟ କୁମାର ସାମନ୍ତରାୟ ଓ ଗିରିଧାରୀ ମହାପାତ୍ର ପ୍ରମୁଖ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

# ଦିନକରେ ଗଡ଼ିଲା ୪ ମୁଣ୍ଡ

## ୫ ବର୍ଷର ଶିଶୁକୁ ପଥରରେ ଛେଚି ହତ୍ୟା

ଲାଞ୍ଜିଗଡ଼, ୬ ।୧୦ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍, ଲାଞ୍ଜି ପଞ୍ଚାୟତ ଯେବା ଗାଁରେ ଜଣେ ୫ ବର୍ଷର ଶିଶୁକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଶିଶୁଜଣଙ୍କ ହେଲା, ସୁଦର ମାଝୀଙ୍କ ପୁଅ ଚନ୍ଦନ ମାଝୀ (୫)। ଏହି ଘଟଣାରେ ବିଶ୍ୱନାଥପୁର ପୁଲିସ ସେହି ଗାଁର ବିଙ୍ଗରି ମାଝୀ (୩୭)କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ କେଉଁ କାରଣରୁ ବିଙ୍ଗରି ଜଣେ ନିଷ୍ପାପ ଶିଶୁକୁ ହତ୍ୟା କଲା, ସେନେଇ ପୁଲିସ ତଦନ୍ତ କରୁଛି।



ସୂଚନାନୁସାରେ, ସୁଦର ଓ ତାଙ୍କ ପତ୍ନୀ ସନୁ ମାଝୀ ପଡ଼ୋଶୀ ଗାଁକୁ ଏକ ଦଶାହ କାର୍ଯ୍ୟରେ ଯାଇଥିବା ବେଳେ ବିଙ୍ଗରି ଘରେ ଥିଲା। ଏହି ସମୟରେ ବିସ୍କୁଟ୍ ଦେବାର ଲୋଭ ଦେଖାଇ ବିଙ୍ଗରି ତାକୁ ଦୋକାନକୁ ଡାକି ନେଇଥିଲା। ତେବେ ଫେରିବା ବେଳେ ସେ ଚନ୍ଦନର ମୁଣ୍ଡକୁ ପ୍ରଥମେ ଛୋଟ ଟେକା ମାରିଥିଲା। ଏଥିରେ ଚନ୍ଦନର ମୁଣ୍ଡ ଫାଟିଯିବା ସହ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲା। ତେବେ କାଳେ ଚନ୍ଦନ ଏ ସଂପର୍କରେ ତା'ର ପରିବାରକୁ ସବୁ କଥା ଜଣାଇଦେବ ବୋଲି ଭାବି ପୁଣି ତାକୁ କାଠଫାଳିଆରେ ଆକ୍ରମଣ କରିଥିଲା ଏବଂ ପରେ ମୁଣ୍ଡରେ ପଥର ଛେଚି ଦେଇଥିଲା। ଖବର ପାଇ ପରିବାରଲୋକ ରକ୍ତ ଜୁଡୁବୁଡୁ ଚନ୍ଦନକୁ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ତାକୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ପରିବାର ପକ୍ଷରୁ ଏନେଇ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ନଂ ୬୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ସୋମବାର ଅଭିଯୁକ୍ତ ବିଙ୍ଗରିକୁ କୋର୍ଟଚାଲାଣ କରାଯାଇଥିବା ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବର ସୂଚନା ଦେଇଛନ୍ତି।

## ଗାଁ ଦାଣ୍ଡରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

ତିର୍ତ୍ତୋଲ/କୁଜଙ୍ଗ, ୬।୧୦(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଣିତ ପଞ୍ଚାୟତର ସରିକି ଗ୍ରାମରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ଗ୍ରାମର ମନୋଜ ସ୍ୱାଇଁ (୪୫)। ଗତ ରାତିରେ ମନୋଜ ତାଙ୍କର କିଛି ସାଙ୍ଗଙ୍କ ସହ ଗାଁ ମୁଣ୍ଡ ଚାନ୍ଦିନୀରେ ବସିଥିବା ବେଳେ ସେହି ଗାଁର ପରେଶ ସ୍ୱାଇଁ ତାଙ୍କୁ ଏକ ଖଣ୍ଡାରେ ହାଣି ହତ୍ୟା କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ସହ ଅଭିଯୁକ୍ତ ପରେଶକୁ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ରାତି ପ୍ରାୟ ୧୦ଟାରେ ମନୋଜ ଓ ଅନ୍ୟ ଯୁବକମାନେ ବୋଧେଇକୁ ଡ୍ରାମା ଦେଖିବାକୁ ଯିବା ପାଇଁ ଗାଁ ମୁଣ୍ଡ ଚାନ୍ଦିନୀରେ ବସିଥିଲେ। ସେହି ସମୟରେ ପରେଶ ସେଠାରେ ପହଞ୍ଚିଥିଲା। କେହି କିଛି ବୁଝିବା ପୂର୍ବରୁ ମନୋଜଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲା। ଏଥିରେ ମନୋଜ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ତିନିଜଣ ଆହତ ହୋଇଥିଲେ। ମନୋଜଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପେଟ, ବେକ ଓ ହାତରେ ଗଭୀର କ୍ଷତ ହୋଇଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ନେଇ ଆଲୋଚନା ହେଉଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା

ଭଞ୍ଜନଗର, ୬ ।୧୦ (ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସମ୍ପାଦକ ପଞ୍ଚୁ ବେହେରା (୬୫)ଙ୍କ ମୃତ୍ୟୁ ଘଟିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ୧୧୩୦/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାନୁସାରେ, ରବିବାର ସନ୍ଧ୍ୟାରେ ଗ୍ରାମର କିଛି ଯୁବକଙ୍କ ସହ ଅନ୍ୟ ଅନ୍ୟ ଏକ ଗ୍ରାମର ଜଣେ ଯୁବକଙ୍କ ବଚସା ହୋଇଥିଲା। ପଞ୍ଚୁ ବେହେରାଙ୍କ ଦୋକାନ ସମ୍ମୁଖରେ ଏହି ଝଗଡ଼ା ହୋଇଥିଲା। ଏହି ସମୟରେ ଦୋକାନରେ ଥିବା ପଞ୍ଚୁଙ୍କ ଦୁଇ ପୁଅ ମଧ୍ୟ କିଛି କହିବାରୁ ସେମାନଙ୍କ ସହ ଝଗଡ଼ା ହେବା ସହ ପରସ୍ପରକୁ ଆକ୍ରମଣ କରିଥିଲେ। ପରେ ପଞ୍ଚୁ ଖବର ପାଇ ଘଟଣାସ୍ଥଳକୁ ଯିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରିଆସିଥିଲା। ଏହାର କିଛି ସମୟ ପରେ ପଞ୍ଚୁ ଘରେ ବାନ୍ତି କରିବାରୁ ପରିବାରଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଞ୍ଚୁଙ୍କ ରାତି ପ୍ରାୟ ୧୨ଟାରେ ମୃତ୍ୟୁ ହୋଇଥିଲା। ଅପରପକ୍ଷେ, ବିପକ୍ଷ ଗୋଷ୍ଠୀର ମଧ୍ୟ ଏକାଧିକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି।

**କାଳ ହେଲା ପୂର୍ବ ଶତ୍ରୁତା**

## ଛୁରାମାଡ଼ରେ ଯୁବକ ମୃତ

ଧରାକୋଟ,୬ ।୧୦(ସମିସ): ପୂର୍ବ ଶତ୍ରୁତା ଓ ଧାରଟଙ୍କାକୁ କେନ୍ଦ୍ର କରି ଧରାକୋଟ ଥାନା ଅନ୍ତର୍ଗତ ରେଡ୍ଡୀ ଦାମୋଦରପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ଗ୍ରାମର ଡି. ଶଙ୍କର ରେଡ୍ଡୀ ଓରଫ୍ କାଳିଆ (୩୩)। ଏନେଇ ମୃତକଙ୍କ ବଡ଼ଭାଇ ଡି. ସଞ୍ଜୀବ ରେଡ୍ଡୀ ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ନଂ ୩୮୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସମେତ ତିନିଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ଏଥିରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଖୁବ୍‌ଶୀଘ୍ର ସବୁ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବାଲ୍ମିକୀ ପ୍ରଧାନ କହିଛନ୍ତି। ଗତ ୨୦ ତାରିଖରେ ଗ୍ରାମର ଜଗନ୍ନାଥ ମନ୍ଦିରରେ ଜୁଆ



ଆଡ଼ା ଚାଲିଥିବା ବେଳେ ଶଙ୍କର ଏ ସଂପର୍କରେ ଧରାକୋଟ ଥାନା, ଆସିକା ପୁଲିସ ଉପଖଣ୍ଡ ଅଧିକାରୀ ତଥା ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇଥିଲେ। ଏ ସଂପର୍କରେ ଜାଣିବା ପରେ ଅଭିଯୁକ୍ତମାନେ ଶଙ୍କରଙ୍କୁ ଟାର୍ଗେଟ୍ କରିଥିଲେ। ଗତ ରବିବାର ରାତି ପ୍ରାୟ ୧୧ଟାରେ ସେମାନେ ସଂଘବଦ୍ଧ ଭାବେ ଶଙ୍କରଙ୍କୁ ଛୁରାମାଡ଼ କରିଥିଲେ। ଅଭିଯୁକ୍ତମାନେ ତାଙ୍କ ପେଟକୁ ଏକାଧିକବାର ଛୁରିରେ ଭୁସିବାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। ଗୁରୁତର ଶଙ୍କରଙ୍କୁ ଉଦ୍ଧାର କରି ପରିବାରଲୋକ ବ୍ରହ୍ମପୁର ମେଡିକାଲକୁ ନେଉଥିବା ବେଳେ ବାଟରେ ହିଞ୍ଜିଳି ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ବ୍ରହ୍ମପୁର ବଡ଼ ମେଡିକାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

## ଲାଞ୍ଚ ନେଇ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ

କୁନ୍ଦୁରା, ୬।୧୦ (ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମନରେଗା କାମର ବକେୟା ବିଲ୍ ପାସ୍ କରାଇଦେବା ବାବଦକୁ ୨୦ ହଜାର ଟଙ୍କା



**ଚମ୍ପଟ ମାରିଲେ ଜିଆର୍‌ଏସ୍**

ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ତାଙ୍କୁ ବ୍ଲକ୍ ଅଫିସ ପରିସରରେ ଥିବା ତାଙ୍କ ସରକାରୀ ବାସଭବନରୁ ଧରିଛି। ତେବେ ଏହି ଘଟଣାରେ ଜିଆରଏସ୍ ଲକ୍ଷ୍ମୀକାନ୍ତ ବିଶୋଇ ସାମିଲ ଥିଲେ ହେଁ ସେ ଭିଜିଲାନ୍ସ ଅଧିକାରୀମାନଙ୍କୁ ଚକ୍‌ମା ଦେଇ ଫେରାର୍ ହୋଇଯାଇଛନ୍ତି। ସୂଚନାନୁଯାୟୀ, ଅଭିଯୋଗକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ୬ ଲକ୍ଷ ଟଙ୍କାର ମନରେଗା କାମ ପାଇଥିଲେ। ବକେୟା ବିଲ୍ ୩ ଲକ୍ଷ ୧୭୬ ହଜାର ଟଙ୍କା ପାସ୍ କରାଇଦେବା ପାଇଁ ସହକାରୀ ଯନ୍ତ୍ରୀ ଶ୍ରୀ ନାୟକ ଓ ଜିଆର୍‌ଏସ୍ ଶ୍ରୀ ବିଶୋଇ ତାଙ୍କୁ ୭୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ କଥା ୨୦ ହଜାରରେ ଛିଡ଼ିଥିଲା। ପ୍ରଫୁଲ୍ଲ ସେମାନଙ୍କୁ ୨୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଅଭିଯୁକ୍ତଦ୍ୱୟ ଆଉ ୨୦ ହଜାର ଟଙ୍କା ପାଇଁ ଦାବି କରିଥିଲେ। ଟଙ୍କା ନ ଦେଲେ ବିଲ୍ ପାସ୍ କରିବେ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ତେଣୁ ପ୍ରଫୁଲ୍ଲ ଏ ସଂପର୍କରେ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଦୁହିଁଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ, ଆଜି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ବାସଭବନରେ ଅଭିଯୁକ୍ତଦ୍ୱୟ ପ୍ରଫୁଲ୍ଲଙ୍କଠାରୁ ୨୦ ହଜାର ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ସହକାରୀ ଯନ୍ତ୍ରୀ ଲମ୍ବୋଦରଙ୍କୁ ଧରିଥିଲେ। କିନ୍ତୁ ଜିଆର୍‌ଏସ୍ ଶ୍ରୀ ବିଶୋଇ ଚତୁରତାର ସହ ସେଠାରୁ ଖସି ପଳାଇଥିଲେ।

**ବିଜେଡିର କଟାକ୍ଷ**

# ରାଜ୍ୟ ଅଶାନ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

**ନୂଆପଡ଼ାରେ ଇଟା ଖଣ୍ଡେ ପକାଇ ନାହାନ୍ତି ଡବଲ ଇଞ୍ଜିନ ସରକାର**

ଭୁବନେଶ୍ୱର,୬।୧୦(ସମିସ): ଏକାଧିକ ପ୍ରସଙ୍ଗରେ ଏବେ ରାଜ୍ୟର ସ୍ଥିତି ଗମ୍ଭୀର, ଉଦ୍‌ବେଗଜନକ ଥିବାବେଳେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚନୀ ପ୍ରଚାର କରିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। କଟକରେ ପୂଜା ଭସାଣି ବେଳର ଗୋଷ୍ଠୀ ସଂଘର୍ଷକୁ ନେଇ ଉଦ୍‌ବେଗଜନକ ସ୍ଥିତି, ଗଜପତି ଜିଲ୍ଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍‌ଆଇ ଚାକିରି କେଲେଙ୍କାରୀ, ୫ଟି ଜିଲ୍ଲାରେ ବର୍ଷା ଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାରକୁ ଦଳ କଡ଼ା ନିନ୍ଦା କରିଛି।

ସୋମବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତିି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଭାଇଚାରାର ସହର କଟକରେ କେବେ ନ ଦେଖିବା ସ୍ଥିତି ଆଜି ଡବଲ ଇଞ୍ଜିନ ସରକାରରେ ଦେଖିବାକୁ ମିଳିଛି। ଓଡ଼ିଶାର ସାଂସ୍କୃତିକ

**■ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା ନିର୍ବାଚନୀ ଥୋପ**
**■ ନୂଆ ରଙ୍ଗ ମାରି ନବୀନ ସରକାରଙ୍କ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ**

ପ୍ରାଣକେନ୍ଦ୍ର ତଥା ୧୦୦୦ ବର୍ଷର ଐତିହାସିକ ସହର କଟକର ଗରିମା ଆଜି ଭୂଲୋଟିତ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିଭଳି ଗଜପତି ଜିଲ୍ଲାରେ ଲଗାତାର ଭୂସ୍ଖଳନ ସ୍ଥିତିକୁ ପ୍ରଶାସନ ଗମ୍ଭୀରତାର ସହ ନ ନେବା ଚିନ୍ତାଜନକ। ରାଜ୍ୟର ୫ଟି ଜିଲ୍ଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି ପ୍ରତି ସରକାରଙ୍କ ନିଘା ନାହିଁ। ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ଏଭଳି ସ୍ଥିତିରେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି



ସମ୍ବେଦନହୀନତାକୁ ଦର୍ଶାଉଛି।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀନବୀନ ପଟ୍ଟନାୟକଙ୍କ ଦ୍ୱାରା ୬୪ କୋଟି ଟଙ୍କାରେ ନିର୍ମିତ ୧୦୮ଟି ପ୍ରକଳ୍ପରେ ଆଜି ରଙ୍ଗ ମାରି ମୁଖ୍ୟମନ୍ତ୍ରୀ ଫିତା କାଟିଛନ୍ତି। ସିନାପାଲିକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଏନ୍‌ଏସି ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ବିଜେପି ସରକାର ଘୋଷଣା କରିଥିବା ତାଲିକାରୁ ସିନାପାଲିର ନାଁକୁ କାଟି ଏବେ ଯୋଡ଼ିବାରେ ରାଜନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଆଜି ଘୋଷଣା କରିଥିବା 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ୨୦୨୩ ଏପ୍ରିଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଜିଲ୍ଲା ଘୋଷଣା ମଧ୍ୟ ପୂର୍ବ ବିଜେଡି ସରକାର ସମୟରେ ୨୦୧୯ରେ ହୋଇଥିଲା। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ୧୯୯୩ରେ ଜିଲ୍ଲା ଘୋଷଣା ହେବା ଠାରୁ ନୂଆପଡ଼ା ବିଜୁ ଜନତା ଦଳର ଫୋକସ୍‌ରେ ରହିଆସିଛି। ଗତ ୧୬ ମାସରେ ନୂଆପଡା ପାଇଁ ଇଟା ଖଣ୍ଡେ ଯୋଡି ନ ଥିବା ବିଜେପି ସରକାର, ନିର୍ବାଚନ ଘୋଷଣା ହେବା ସମୟରେ ନୂଆପଡ଼ାବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ।

ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ରାଜ୍ୟବାସୀଙ୍କ ସମସ୍ୟାକୁ ଅଣଦେଖା କରି ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ। ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନ ନେବା ଦୁଃଖଦାୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

● କାନପୁରରେ ମା' ମାହେଶ୍ୱରୀଙ୍କ ମହାଖଲା ପୂଜା

## ମଣ୍ଡପରେ ବିଜେ ହେଲେ ମା'

ବୀରମହାରାଜପୁର,୬।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଉଫୁଲା ଗ୍ରାମପଞ୍ଚାୟତ କାନପୁର ମା' ମାହେଶ୍ୱରୀ ପୀଠରେ ମା' ମାହେଶ୍ୱରୀଙ୍କ ମହାଖଳା ପୂଜା ପାଇଁ ଅଧିବାସ କାର୍ଯ୍ୟ ସମାପନ ହୋଇଛି। ଏହାପରେ ମା' ମାହେଶ୍ୱରୀ ଛତିଛତ୍ର, ପାରମ୍ପାରିକ ପଞ୍ଚବାଦ୍ୟ, ବାଡ଼ି ଖେଳ ସହିତ ଗମ୍ଭିରାରୁ ବାହାରି ମଣ୍ଡପକୁ ବିଜେକରି ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। କାନପୁର (ବିକଳପାଲି) ଗ୍ରାମର ଗୌନ୍ତିଆ ଶମ୍ଭୁନାଥ ଖଣ୍ଡଗିରୀ କର୍ତ୍ତା ଭାବେ ଛେରା ପହରା କାର୍ଯ୍ୟ ସମ୍ପାଦନା କରିଥିଲେ। ପଣ୍ଡିତ ତପନ ଚାନ୍ଦ କାର୍ଯ୍ୟ ନିର୍ବାହ କରିଥିବାବେଳେ ମାହେଶ୍ୱରୀ ସେବାୟତ ପୂଜକ ଭାବରେ ରବୀନ୍ଦ୍ର ଦେହେରୀ, ବିଷ୍ଣୁଚରଣ ଦେହେରୀ, ସୁରେନ୍ଦ୍ର ଦେ ହେରୀ, ରମେଶ ଦେହେରି, ପୂଜାକାର୍ଯ୍ୟ ତୁଲାଇଥିଲେ। ଆଲମ୍‌ରେ ରଣଘଣ୍ଟା ପୂଜା ପାଉଥିବାବେଳେ ଧଳା ଛତ୍ରରେ ମା' ପରମେଶ୍ୱରୀ, କଳା ଛତ୍ରରେ ମା' ମାହେଶ୍ୱରୀ, ଖାମେଶ୍ୱରି ଓ ଅନ୍ୟାନ୍ୟ ଦେବୀଙ୍କ ପୂଜାର୍ଚ୍ଚନା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଚମ୍ପେଶ୍ୱର ମିଶ୍ର, ଅଯତ୍ନ କଲତା, ପ୍ରକାଶ ପଧାନ, ଆଲୋକ ପଧାନ, ମାନଭଞ୍ଜନ ଦେହୁରୀ, ସୁଦର୍ଶନ ମହାକୁଡ, ସିଦ୍ଧାର୍ଥ ପାତ୍ର, ରମେଶ, ସତ୍ୟନାରାୟଣ ମହାକୁର, ନାରାୟଣ ମହାକୁଡଙ୍କ ସହିତ ପଞ୍ଚବାଦ୍ୟରେ କଂଗ୍ରେସ ବାଦି, ସାନବାଦି ଓ ତାଙ୍କ ଦଳ ସହାୟତା କରିଥିଲେ। ଆଜି ଅପରାହ୍ନରେ ମା' ମାହେଶ୍ୱରୀ ଦେମୁଲ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଏହି ଯାତ୍ରା ଦେଖିବାପାଇଁ ଆଖପାଖ ଅଞ୍ଚଳର ହାଜର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥାଆନ୍ତି, ରାତ୍ରୀରେ ମହିଶାଶୁର ଦରବାର ପ୍ରଦର୍ଶିତ ହୋଇଥିଲା।



## ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା



ବୀରମହାରାଜପୁର,୬।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ବସଷ୍ଟାଣ୍ଡ ଛକଠାରେ ୧୭ତମ ଗଜଲକ୍ଷ୍ମୀ ପୂଜା ଅବସରରେ ଆଜି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ନିକଟସ୍ଥ ବାଇଗଣି ଜୋରଠାରେ ଗଙ୍ଗାମତାଙ୍କୁ ଆରାଧନା କରି ପୂଜାର୍ଚ୍ଚନା କରାଯାଇଥିଲା। ବହୁ ସଂଖ୍ୟକ ମହିଳା ଓ ପୁରୁଷ ଜଳପୂର୍ଣ୍ଣ କଳସି ଧରି ହରିବୋଲ, ହୁଳହୁଳି, ଢୋଲ, ନାମ ସଂକୀର୍ତ୍ତନ ଓ ଘଣ୍ଟ ବାଦ୍ୟ ସହ ନଗର ପରିକ୍ରମା କରିଥିଲେ। ପରେ ପୂଜା ମଣ୍ଡପଠାରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଏଥିରେ ପୂଜକ ବଳରାମ ପଣ୍ଡା ପୂଜା କାର୍ଯ୍ୟ ସମାପନ କରିଥିବା ବେଳେ ମଧୁସୂଦନ ମହାକୁର ଓ ତାଙ୍କ ଧର୍ମପତ୍ନୀ କୁନ୍ତୀ ମହାକୁର ସୁରୁଖୁରୁରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟି ସଭାପତି ରୁଦ୍ରପ୍ରକାଶ ମହାକୁର, ସମ୍ପାଦକ ପ୍ରଦୀପ ମାଝୀ, ସକ୍ରିୟ ସଦସ୍ୟ ସୁଭାଷ ପ୍ରଧାନ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିବା ବେଳେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ରଣେଶ୍ୱର ରାମଚଣ୍ଡୀଙ୍କ ବାର୍ଷିକ ପୂଜାଉତ୍ସବ

ବିନିକା,୬।୧୦(ସମିସ): ବିନିକା ବ୍ଲକ୍ ଅନ୍ତର୍ଗତ କୁଇବାହାଲ ସ୍ଥିତ ରଣେଶ୍ୱର ରାମଚଣ୍ଡୀ ପୀଠରେ କୁଲତା ସମାଜ ପକ୍ଷରୁ ମା'ଙ୍କର ବାର୍ଷିକ ପୂଜୋନତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଁର ଡୋଲାମଣୀ ପଧାନ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ପଧାନଙ୍କ ଦ୍ୱାରା ୨୧ ତାମ୍ବି ଧାନରେ ପ୍ରସ୍ତୁତ ଜୁଗାରକୁ ଘଣ୍ଟବାଦ୍ୟ ଶୋଭାଯାତ୍ରାରେ ପୀଠକୁ ନେବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିନିକା ବ୍ଲକର ସମସ୍ତ ଅଞ୍ଚଳରୁ କୁଲତା ସମାଜର ଲୋକେ ଯୋଗଦାନ କରି ରଣେଶ୍ୱର ରାମଚଣ୍ଡୀଙ୍କ କୃପାଲାଭ କରିଥିଲେ। ପୀଠ ପୂଜକ ଦେବାର୍ଚ୍ଚନ ଭୋଇ, ସଭାପତି ଡ.ଖଗେଶ୍ୱର ପଧାନ, ସଂପାଦକ ଗୋପୀନାଥ ବିଶ୍ୱାଳ, ମୁଖ୍ୟ ଉପଦେଷ୍ଟା ଧନୁ ପଧାନ, କେଶବ ପଧାନ, ପ୍ରସନ୍ନ ବିଶ୍ୱାଳ, ହୃଷିକେଶ ସାହୁ, ସୂନୀଲ ସାହୁ, ଜୟନ୍ତ ପଧାନ, ଡୋଲାମଣୀ ପଧାନ, ଗଣନାଥ ପଧାନ ଓ ମାଗୁଣି ପଧାନଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



ଜଙ୍ଗଲ ଓ ରାଜସ୍ୱ ମନ୍ତ୍ରୀଙ୍କ ଘୋଷଣା ଧୂଆଁବାଣ

# ୨୫୦ ଆଦୀବାସୀଙ୍କୁ କାଗଜପତ୍ର ଫେରାଇଲେ ତହସିଲଦାର

ଶଗଡ଼ା,୬।୧୦(ସମିସ)

କଣ୍ଟାମାଳ ତହସିଲ ଅଧୀନ ଲମ୍ବସରି, ଶୁଣ୍ଡିପଦର, ଦପଲା, ବରଗୋଛା ଆଦି ପଞ୍ଚାୟତ ଗୁଡ଼ିକର ପ୍ରାୟ ୨୫୦ଜଣ ଆଦିବାସୀଙ୍କୁ ଜଙ୍ଗଲଜମି ପାଇଁ ଆବେଦନ କରିଥିବା ଦରଖାସ୍ତ ଗୁଡ଼ିକୁ କଣ୍ଟାମାଳ ତହସିଲଦାର ଫେରାଇ ଦେଇଛନ୍ତି।

ସୂଚନା ଅନୁସାରେ, ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ ଅଧୀନ ଲମ୍ବସରି, ବରଗୋଛା, ଶୁଣ୍ଡିପଦର, ଦପଲା ଆଦି ପଞ୍ଚାୟତ ଗୁଡିକରୁ ଆଦିବାସୀମାନେ "ସରକାରଙ୍କ ଆଦିବାସୀ ଜଙ୍ଗଲ ଜମି ପ୍ରଦାନ' ଯୋଜନାରେ ପ୍ରାୟ ୪ବର୍ଷ ତଳେ ଦରଖାସ୍ତ ମାଧ୍ୟମରେ ଆବେଦନ କରିଥିଲେ। ଦରଖାସ୍ତରେ ସଂଘର ସଭାପତି, ସମ୍ପାଦକଙ୍କ ଦସ୍ତଖତ ଥିବା ଏକ ନିୟମାବଳୀ ମଧ୍ୟ ଦିଆଯାଇଛି। ଏପରିକି ଜଙ୍ଗଲ ଜମି ପାଇବା ଆଶାରେ ଦୀର୍ଘ ୪ବର୍ଷ ହେଲା ଗରିବ ଆଦିବାସୀମାନେ ବାରମ୍ବାର କଣ୍ଟାମାଳ ତହସିଲ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ୪ବର୍ଷ କଣ୍ଟାମାଳ ତହସିଲ କାର୍ଯ୍ୟାଳୟରେ କାଗଜପତ୍ର ପଡ଼ି ରହିବାପରେ ଗତ ଦୁଇ ଦିନ ମଧ୍ୟରେ କଣ୍ଟାମାଳ ତହସିଲର ଆଦିବାସୀ ଜଙ୍ଗଲ ଜମି କୋର୍ଡିନେଟର ଗଣେଶ ମହାକୁଡ଼ ଏହି କାଗଜପତ୍ର ଗୁଡ଼ିକୁ ଫେରସ୍ତ କରିଥିବା ଅଭିଯୋଗ ହୋଇଛି। ବିଭାଗୀୟ ମନ୍ତ୍ରୀ ସମସ୍ତ ଆଦିବାସୀଙ୍କୁ ଜଙ୍ଗଲ ଜମି ପ୍ରଦାନ କରାଯିବ ଓ ସେମାନେ ତାଙ୍କର ଉଚିତ୍ ନ୍ୟାୟ ପାଇବେ ବୋଲି ଡିଡିମ୍ବ ପିଟୁଛନ୍ତି। ହେଲେ ବସ୍ତବ ଚିତ୍ର ଅଲଗା ବୋଲି ଆଲୋଚନା ହେଉଛି। ବରଗୋଛା, ଶୁଣ୍ଡିପଦର, ଦପଲା, ଲମ୍ବସରି ଆଦି ପଞ୍ଚାୟତ ଗୁଡ଼ିକରୁ ସିଦ୍ଧେଶ୍ୱର ମଲ୍ଲିକ, ବୈଷ୍ଣବ ମଲ୍ଲିକ, ପୁରନ୍ଦର କହଁର, ସୁରେନ୍ଦ୍ର କହଁର, ଦେବାର୍ଚ୍ଚନ ଭୋଇ, ଲିଙ୍ଗରାଜ ରାଜହଂସ, ବରୁଣ ସାହୁ, ସୁବଳ ଦେହେରି ପରି ୨୫୦ଜଣଙ୍କ ଅଭିଯୋଗ ପତ୍ର ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏମାନେ ତାଙ୍କ ସଭାପତି, ସଂପାଦକଙ୍କ ଦସ୍ତଖତ ସହ ନିୟମାବଳୀ କପି ମଧ୍ୟ ଆବେଦନ ପତ୍ରରେ ପ୍ରଦାନ କରି ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ। ସମସ୍ୟା ସମ୍ପର୍କରେ କଣ୍ଟାମାଳ ତହସିଲଦାର ଶ୍ୱେତାପଦ୍ମା ଯୋଶୀଙ୍କୁ ପଚାରିବାରୁ ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ନିୟମାବଳୀ କପି ନ ଥିବ କିମ୍ବା ଯଦି କପି ଥିବ ସଭାପତି କିମ୍ବା ସମ୍ପାଦକଙ୍କ ମୃତ୍ୟୁବରଣ ହୋଇଯାଇଥିବ ତାହାହେଲେ ସେହି ଆବେଦନ କାଗଜ ପତ୍ର ଗୁଡ଼ିକୁ ଫେରସ୍ତ କରାଯାଇଛି ବୋଲି କହୁଥିବାବେଳେ ପ୍ରକୃତ ପକ୍ଷେ ସଭାପତି ଓ ସଂପାଦକଙ୍କ ନିୟମାବଳୀ କପିଥିବ କିମ୍ବା ଉଭୟେ ସଭାପତି ଓ ସମ୍ପାଦକ ବଞ୍ଚିଥିଲେ ମଧ୍ୟ ଫେରସ୍ତ ହୋଇଥିବାରୁ ଆଦିବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଫଳ ସ୍ୱରୂପ ଆଗାମୀ ଦିନରେ କଣ୍ଟାମାଳ ବ୍ଲକର ସମସ୍ତ ଆଦିବାସୀ ମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## ମାହେଶ୍ୱରୀ ପୂଜା ଓ ଡୁମାଲ ସମାଜ ବାର୍ଷିକ ଉତ୍ସବ

ମନମୁଣ୍ଡା,୬।୧୦(ସମିସ): ବୌଦ୍ଧ ବ୍ଲକ୍ ଖଲିଆପାଲି ପଞ୍ଚାୟତ ମା ମାହେଶ୍ୱରୀ ଡୁମାଲ ସମାଜ ବୁଢ଼ୀକଣ କେନ୍ଦ୍ର ଠାରେ ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୂଜକ ଭାବେ ନରସିଂହ ଦେହୁରି ତୁଲାଇ ଥିଲାବେଳେ ସମାଜର ସଭାପତି ବିହାରୀ ମହାକୁଳ, ସମ୍ପାଦକ ସୁରେଶ କର୍ଣ୍ଣ, କୋଷାଧ୍ୟକ୍ଷ ସନ୍ତୋଷ ଦେହୁରୀ, ଦୟା ସାଗର ବାରିକଙ୍କ ସହ ସଦସ୍ୟ ଋଷି ମହାକୁଳ, ଅର୍ଜୁନ କ୍ଷେତୀ, ଦୂତିଆ ମହାକୁଳ, ବାବୁଲି ପ୍ରଧାନ, ମହିଧର ଛନ୍ଦ, ରବି ବାରିକ, ଘାସିରାମ ପ୍ରଧାନ, ମେନା ମହାକୁଳ, ପ୍ରମୋଦ ପ୍ରଧାନ, ଗୋପବନ୍ଧୁ ଦେହୁରୀ, ନକୁଳ ପ୍ରଧାନ, ଅଭିଲ ଗାଇଗୌରିଆ, ଲବ ମେଶୁଆ ପ୍ରମୁଖ ସହଯୋଗ କରିଥିଲେ। ଅଞ୍ଚଳର ଶତାଧିକ ଡୁମାଲ ସମାଜର ଲୋକ ଉକ୍ତ ଉତ୍ସବରେ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମହିଳା ମାଷ୍ଟର ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ସୁଣ୍ଡିପଦର ପଞ୍ଚାୟତ ଧୁଙ୍ଗିଆପଦର ଗ୍ରାମ ମା' ମାହେଶ୍ୱରୀଙ୍କ ପୀଠରେ କୁମାର ପୂର୍ଣ୍ଣିମା ଅବସରରେ ମଧ୍ୟ ଅନୁରୂପ ପୂଜା ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ କର୍ଣ୍ଣ, ଜଗମୋହନ କର୍ମୀ, ଆଶିଷ କର୍ଣ୍ଣ, ଶରତ ଖଣ୍ଡଗିରି ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜାମୁମାଲରେ ମା' ସମଲେଶ୍ୱରୀ ଯାତ୍ରା ସମ୍ପନ୍ନ

ଶଗଡ଼ା,୬।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳିପଦର ପଞ୍ଚାୟତ ଯାମୁମାଳ ଠାରେ ଯାଦବ ମାନଙ୍କ ମାଁ ସମଲେଶ୍ୱରୀ ଯାତ୍ରା ସମ୍ପନ୍ନ ହୋଇଛି। ଯାଦବ ସମାଜର ରୀତିନୀତି ଅନୁଯାୟୀ ମାଁ ସମଲେଶ୍ୱରୀଙ୍କ ପାଖରେ ପୂଜାପାଠ ହେଲା ପରେ ବାଡିଖେଳ ଦେଖିବାକୁ ମିଳିଥିଲା। ବିଭିନ୍ନ ଗ୍ରାମ ତଥା ପଡ଼ୋଶୀ ଜିଲ୍ଲାରୁ ଯାଦବ ସମାଜର ଭାଇମାନେ ଉପସ୍ଥିତ ଥିଲେ। ସମାଜରେ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଯାତ୍ରାରେ କଣ୍ଟାମାଳ ବ୍ଲକ୍ ଯାଦବ ସଂଘ ସଭାପତି ବାବୁଲାଲ ମଟାଳିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯାତ୍ରାରେ ସଂପାଦକ କ୍ଷୀରୋଦ୍ର ବଗର୍ତ୍ତି, ମହେଶ୍ୱର ସାଣ୍ଟ, ସୁଶାନ୍ତ ବାଘ, କଷ୍ଟ ମାହାର ,ବିରଞ୍ଚି ନାରାୟଣ ସାଣ୍ଡ, ନୃପମଣି ନାଗ, ପ୍ରଫୁଲ୍ଲ ବଗର୍ତ୍ତି, ଦେବେନ୍ଦ୍ର କୁଦେଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିବା ବେଳେ ଯାତ୍ରା ପରିଚାଳନା ଉପସଭାପତି ଜଗନ୍ନାଥ ସାଣ୍ଡ, ସଂପାଦକ ସାଧବ ଛତ୍ରିଆ, ଉପଦେଷ୍ଟା ଉମେଶ ସାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ସମସ୍ୟା ନେଇ ଭାରୀଯାନ ଅଟକାଇଲେ ଗ୍ରାମବାସୀ

ଶଗଡ଼ା/ମନମୁଣ୍ଡା,୬।୧୦(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବାହାଯୋରା ଚାରି ଛକ ଠାରେ ରାଇସ ମିଲକୁ ଯାଉଥିବା ଭାରୀଯାନ ଗୁଡ଼ିକୁ ଗ୍ରାମବାସୀ ଅଟକାଇଥିବା ଜଣାପଡ଼ିଛି। ମନମୁଣ୍ଡା ଥାନା କଣ୍ଣୁର ବନ୍ଧ ପଞ୍ଚାୟତ ଅଧୀନ ପଦ୍ମପୁର ଠାରେ ଥିବା ରାଇସ ମିଲକୁ ଭାରୀଯାନ ଗୁଡିକ ଯାତାୟାତ କରୁ ଥିବାରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଯାହାଫଳରେ ସ୍ଥାନୀୟ ଲୋକେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସମସ୍ୟା ଯୋଗୁଁ ଆଜି ଆଖପାଖ ଅଞ୍ଚଳର ୬ଖଣ୍ଡ ଗ୍ରାମର ଲୋକେ ଆସି ବାହାଯୋର ଚାରିଛକ ଠାରେ ଯାଉଥିବା ଭାରୀଯାନକୁ ଅଟକାଇ ଥିଲେ। ପଦ୍ମପୁର, ବାହାଯୋର, କରମା ପଦର, ଘଣ୍ଟପାଲି, ବାଗଡ଼ିଆ ଓ ତବଡା ଗ୍ରାମବାସୀ ମିଲକୁ ଯାଉଥିବା ଯାନବାହାନ ଅଟକାଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଖବରପାଇ ମନମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆନ୍ଦୋଳନକାରୀ ଗ୍ରାମବାସୀ ଓ ମିଲ୍ କର୍ତ୍ତୃପକ୍ଷଙ୍କୁ ଡାକି ଆଲୋଚନା କରିଥିଲେ।



## ସାହୁ ଗଳିରେ ଗଜଲକ୍ଷ୍ମୀ ପୂଜା



ବୌଦ୍ଧ,୬।୧୦(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ନାରାୟଣ ନଗର ସାହୁ ଗଳିରେ ମା ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇ ଯାଇଛି। ଅଜିତ ପାଣିଗ୍ରାହୀ ଘାଟବନ୍ଧରେ ନୀତିକାନ୍ତି ଭାବେ ପୂଜାର୍ଚ୍ଚନା କରି ଗଙ୍ଗା ମାତାଙ୍କୁ ଆବାହନ କରି ମହିଳାମାନେ କଳସୀରେ ଜଳ ଧରି ଏକ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହା ପରେ ମା ଗଜଲକ୍ଷ୍ମୀଙ୍କ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଶସ୍ତିକ ହୃଦାନନ୍ଦ ମେହେର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଅଜିତ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ। ୮ ତାରିଖରେ ଗଜଲକ୍ଷ୍ମୀ ପୂଜା କମିଟିର ସଭ୍ୟମାନଙ୍କ ଦ୍ୱାରା ଅଭିନୀତ ନାଟକ ସୁଖ ଆସିଥିଲା ଭଗାରୀ ମଞ୍ଚସ୍ଥ ହେବ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ମନମୁଣ୍ଡା,୬।୧୦(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଖଟଖଟିଆ ପଞ୍ଚାୟତ ଅଧୀନ ସିନ୍ଦୁରପୁର ଛକ ନିକଟରେ ରବିବାର ଜଣେ ଯୁବକକୁ କେତେକ ଦୁର୍ବୃତ୍ତ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ଶୀମିଳିପଦର ଗ୍ରାମର ମାନଭଞ୍ଜନ କ୍ଷେତି (୨୮) ବୋଲି ଜାଣିବାକୁ ମିଳିଛି। ପୀଡ଼ିତଙ୍କ ମା କୁନ୍ତୀ କ୍ଷେତି ଏନେଇ ଆଜି ମନମୁଣ୍ଡା ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲା ପ୍ରକାରେ ରବିବାର ଅପରାହ୍ନ ପ୍ରାୟ ୨. ୩୦ ଟା ସମୟରେ ପୀଡ଼ିତ ତାଙ୍କ ଗ୍ରାମର ସତ୍ୟନାରାୟଣ ମହାକୁଡ ଙ୍କ ସହ ଏକ ବାଇକ୍‌ରେ ଖଟଖଟିଆ ଗ୍ରାମ କୁ ଯାଉଥିଲେ। ସିନ୍ଦୁରପୁର ଛକ ନିକଟରେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ସେମାନଙ୍କୁ ଅଟକାଇ ଥିଲେ। ଦୁର୍ବୃତ୍ତ ମାନେ ପୂର୍ବ ଶତ୍ରୁତାକୁ ନେଇ ମାନଭଞ୍ଜନଙ୍କୁ ଆକ୍ରମଣ କରିଥିଲେ। ସେ ଜୀବନ ବଞ୍ଚାଇବା ସକାଶେ ବିଲ ଦେଇ ଧାଇଁ ପଳାଇବା ବେଳେ ଦୁର୍ବୃତ୍ତ ମାନେ ତାଙ୍କୁ ଗୋଡ଼ାଇ ଜୀବନରୁ ମାରି ଶେଷ କରିଦେବା ଉଦ୍ଦେଶ୍ୟରେ ଶରୀରର ବିଭିନ୍ନ ଜାଗାରେ ହାଣି ଥିଲେ। ସେ ଅଚେତ୍ ହୋଇ ପଡ଼ି ଯିବାରୁ ମରିଗଲା ଭାବି ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। ପରିବାର ଲୋକେ ଖବରପାଇ ପ୍ରଥମେ ସୋନପୁର ଡାକ୍ତରଖାନା ଓ ପରେ ବୁର୍ଲା ଡାକ୍ତରଖାନା ନେଇଥିଲେ। ମାନଭଞ୍ଜନଙ୍କ ଅବସ୍ଥା ଗୁରୁତର ଓ ସଙ୍କଟାପନ୍ନ ଥିବା ଜାଣିବାକୁ ମିଳିଛି। ପ୍ରକାଶ ଥାଉକି, ତାଙ୍କୁ ଆକ୍ରମଣ କରିବାବେଳେ ତାଙ୍କ ସାଙ୍ଗରେ ଯାଇଥିବା ସତ୍ୟନାରାୟଣ ଭୟରେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଆକ୍ରମଣକାରୀ ଭଡ଼ାଟିଆ ଗୁଣ୍ଡା ବୋଲି ଅସମର୍ଥିତ ସୂତ୍ରରୁ ଜାଣିବାକୁ ମିଳିଛି। ପୁଲିସ ଏହାର ତଦନ୍ତ ଚଳାଇଛି।

● ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

## ତହସିଲ କାର୍ଯ୍ୟାଳୟ ଘେରିଲେ କୁଡ଼ାପଡାବାସୀ

ବୀରମହାରାଜପୁର,୬।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ କୁଡାପଦା ଗ୍ରାମର ଖେଳ ପଡ଼ିଆ ନିକଟରେ ଥିବା ଗୋଚର ଜମି ଓ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରି ସୋମବାର କୁଡ଼ପଡ଼ା ଗ୍ରାମର ଶତାଧିକ ପୁରୁଷ ଓ ମହିଳା ବୀରମହାରାଜପୁର ତହସିଲ ଅଫିସ ଘେରିଥିଲେ। ଗ୍ରାମର ଖେଳପଡିଆ ନିକଟରେ ଥିବା ଗୋଚର ଓ ସରକାରୀ ଜମିକୁ ଦିନକୁ ଦିନ କିଛି ଲୋକେ ଜବରଦଖଲ କରିଆସୁଥିବାରୁ ଗୋଚର ଜମି ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଫଳରେ ଗାଇଗୋରୁଙ୍କୁ ଖାଦ୍ୟ ମିଳିବାରେ ଅସୁବିଧା ହେଉଛି। ଜବରଦଖଲକାରୀଙ୍କୁ ୭ଦିନ ଭିତରେ ଉଚ୍ଛେଦ ନ କଲେ ଆଗାମୀ ଦିନରେ ତହସିଲ ଅଫିସ ପୁଣି ଘେରଉ କରିବା ସହ ରାସ୍ତାରୋକ୍ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଥିଲେ। ଏନେଇ ଏକ ଲିଖିତ ଦାବିପତ୍ର ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ଜବରଦଖଲକାରୀଙ୍କୁ ସରକାରୀ ନିୟମ ଅନୁସାରେ ଉଚ୍ଛେଦ କରିବା ସହ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି ଗୋଚର ଜମିକୁ ସଂରକ୍ଷିତ ରଖିବା ପାଇଁ ଚାରିପଟେ ତାର ଜାଲି ଦେବାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଫେରିଥିଲେ।



## ନାଟକ 'ଛାତିର କୋହକୁ ଦେଖିଛି କିଏ' ମଞ୍ଚସ୍ଥ

ବୌଦ୍ଧ,୬।୧୦(ସମିସ): ବୌଦ୍ଧ ବ୍ଲକ୍ ଅଧୀନ ତେଲିବନ୍ଧ ବସ୍‌ଷ୍ଟାଣ୍ଡରେ ୪୬ ତମ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ରୋପ କ୍ଲବ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ "ଛାତିର କୋହକୁ ଦେଖିଛି କିଏ' ମଞ୍ଚସ୍ଥ ହୋଇ ଯାଇଛି। ଏହାକୁ ନିର୍ଦ୍ଦେଶନା ଦେଇଥିଲେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଚନ୍ଦ୍ରଧ୍ୱଜ ସେଠୀ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ତେଲିବନ୍ଧ ସରପଞ୍ଚ ରତ୍ନାକର ନାଏକ, ତେଲିବନ୍ଧ ସେବା ସମବାୟ ସମିତିର ସଭାପତି ତ୍ରିପୁର ମହାକୁଡ଼, ଅବସରପ୍ରାପ୍ତ ବନପାଳ ସୁଶୀଲ କୁମାର ହୋତା, ବନପାଳ ପ୍ରକାଶ ସେଠୀ, ପ୍ରକାଶ ସାହୁ ଯୋଗ ଦେଇଥିଲେ। କ୍ଲବର ସଭାପତି ଉମେଶ ସାହୁ ସଭାପତିତ୍ୱ କରିଥିବାବେଳେ ସୁଶାନ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ସିକୁନ, ସୁଜିତ, ଲିମନ, ପପୁ, ଚନ୍ଦ୍ର, ଉମେଶ, ସୀତାଂଶୁ, ଉତ୍ତମ, ଲମ୍ବ, କୁନୁ, ବିଭୁ, ସନତ, ସାରଥୀ, ପ୍ରଶାନ୍ତ, ସୁମନ, ପ୍ରଦୀପ, ଜିତୁ ଓ ନାରୀ ଭୂମିକାରେ ରୋଜାଲିନ, ଜୁହି, ରୋହିଣୀ, ଲଭଲି, ପିଙ୍କିଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ନାଟକର ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ରୋପ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବୌଦ୍ଧ,୬।୧୦(ସମିସ): ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକଙ୍କ ରାହୁଲ୍ ଗୋୟଲ ଶିବିରରେ ଉପସ୍ଥିତ ରହି ରାସନକାର୍ଡ, ଭତ୍ତା, ଆବାସ ଯୋଜନା, ମେଡିକାଲ ଜନିତ ସମସ୍ୟା, ବିକଳାଙ୍ଗଙ୍କୁ ସାଇକେଲ ଯୋଗାଇବା ନେଇ ବିଭିନ୍ନ ଅଭିଯୋଗଗୁଡ଼ିକର ସମାଧାନ କରିଥିଲେ। ଶିବିରରେ ମୋଟ ୫୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୪୫ଟି ବ୍ୟକ୍ତିଗତ ଓ ୫ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ୧୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜଣକୁ ରେଡକ୍ରସରୁ ୨ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବୌଦ୍ଧ ତହସିଲଦାର ଅନୀତାରାଣୀ ସାହୁ, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ସମାଧାନରେ ସହଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଅଭିଯୋଗକାରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ବୌଦ୍ଧ ବ୍ଲକ ଓ ଏନଏସି ଅଞ୍ଚଳର ଜନସାଧାରଣ ସେମାନଙ୍କ ବିଭିନ୍ନ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ଶିବିରକୁ ଆସିଥିଲେ।

ଲକ୍ଷ୍ୟରୁ ଦୂରରେ ଗାଁ କଲ୍ୟାଣ ସମିତି

## ସୁଧୁରୁନି ପରିମଳ ବ୍ୟବସ୍ଥା

ବୀରମହାରାଜପୁରତା,୬।୧୦(ସମିସ): ଗାଁ ପରିବେଶ ସୁସ୍ଥ ରଖିବା ଲକ୍ଷ୍ୟ ନେଇ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଗାଁ କଲ୍ୟାଣ ସମିତି ଭଳି ମହତ୍ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଗାଁର ସ୍ୱାସ୍ଥ୍ୟ, ପରିମଳ, ଅପପୁଷ୍ଟି, ଶିଶୁ ମୃତ୍ୟୁ ଏବଂ ମାତୃ ମୃତ୍ୟୁହାରରେ ବ୍ରେକ୍ ଲଗାଇବା ଯୋଜନାର ମୁଖ୍ୟ ଲକ୍ଷ୍ୟ। କିନ୍ତୁ ସଚେତନତା ଅଭାବରୁ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ଗାଁ କଲ୍ୟାଣ ସମିତି ଲକ୍ଷ୍ୟ ଠାରୁ ଦୂରେଇ ଯାଇଥିବା ନଜରକୁ ଆସିଛି। ଗାଁ କଲ୍ୟାଣ ପାଇଁ ଗଠନ ହୋଇଥିବା ସମିତି ନିଜର ନୈତିକ ଦାୟିତ୍ୱକୁ ସଠିକ ଢ଼ଙ୍ଗରେ କାର୍ଯ୍ୟ କରିବାରେ ବିଫଳ ହୋଇଛି। ଏପରି ସ୍ଥିତିରେ ଏହି ପାଣ୍ଠି କେଉଁ କାମରେ ଲାଗୁଛି ତା'ର ସବିଶେଷ ଯାଞ୍ଚ କରାଯିବାକୁ ସାଧାରଣରେ ଦାବି ହୋଇଛି। ୨୦୦୯-୧୦ରେ ଗାଁ କଲ୍ୟାଣ ସମିତି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ନେଇ ଗୋଟିଏ ଗାଁ କଲ୍ୟାଣ ସମିତି ଗଠନ କରାଯାଇଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ବ୍ଲକ୍‌ରେ ପ୍ରତ୍ୟେକ ଗ୍ରାମରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଗାଁର ସ୍ୱାସ୍ଥ୍ୟ, ପରିମଳ, ଅପପୁଷ୍ଟି, ଶିଶୁ ଏବଂ ମାତୃ ମୃତ୍ୟୁହାର ହ୍ରାସ ଦିଗରେ ସମିତିକୁ ସଚେତନତା ପରେ ମଧ୍ୟ ଏହା ଲକ୍ଷ୍ୟ ଠାରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବର୍ଷା ଦିନ ପୂର୍ବରୁ ଗ୍ରାମର ଅସ୍ୱାସ୍ଥ୍ୟକର ପରିବେଶ ସୁଧାର ଆସୁନଥିବା ଦେଖିବାକୁ ମିଳିଛି। ୱାର୍ଡସଭ୍ୟଙ୍କୁ ସମିତିର ସଭାପତି ଏବଂ ଅଙ୍ଗନବାଡ଼ି କର୍ମୀଙ୍କୁ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଗାଁର ସ୍ୱାସ୍ଥ୍ୟ ପ୍ଲାନ୍, ରୋଗୀଙ୍କୁ ମେଡିକାଲ ପହଞ୍ଚାଇବା, ଜରୁରୀ ସ୍ୱାସ୍ଥ୍ୟ ସେବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଦିଗରେ କମିଟି ପକ୍ଷରୁ ବ୍ୟାପକ ସଚେତନତା କରାଯିବାକୁ ଲକ୍ଷ୍ୟ ରହିଛି।

ପ୍ରତିମାସରେ ବୈଠକ କରାଯାଇ ଖସଡ଼ା ପ୍ରସ୍ତୁତି କରାଯିବା, ପ୍ରତି ମାସରେ ପଞ୍ଚାୟତ ବୈଠକ ପଙ୍ଖାନୁପଙ୍ଖ ଆଲୋଚନା ସହ ଖର୍ଚ୍ଚ ବିବରଣୀ ସମୀକ୍ଷା ନିୟମ ରହିଛି। ମାତ୍ର ସରକାରଙ୍କ ଟଙ୍କାକୁ ଠିକ୍ କାମରେ ବିନିଯୋଗ କରାଯାଉ ନ ଥିବାରୁ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଣୁ ଜିଲ୍ଲାପାଳ ଓ ଜିଲ୍ଲା ଜଳ ଓ ପରିମଳ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହୋଇଛି।



● ସର୍ବଭାରତୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲ୍‌ରେ ଝାଡ଼ଖଣ୍ଡ

ବିନିକା,୬।୧୦(ସମିସ): ବିନିକା ବ୍ଲକ୍ କୁହିବାହାଲ ପଞ୍ଚାୟତ ପଧାନପାଲି ଖେଳପଡିଆ ଠାରେ ପ୍ରଜାମଙ୍ଗଳ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା ସର୍ବଭାରତୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଚତୁର୍ଥ ଦିବସର କ୍ୱାର୍ଟର ଫାଇନାଲ ମ୍ୟାଚରେ ନାଗପୁର ଡାଇମଣ୍ଡ କ୍ଲବକୁ ୧-୦ ଗୋଲରେ ହରାଇ ଝାରଖଣ୍ଡ ଧନବାଦ ଇଲେଭେନ ଚିତ୍ତାକର୍ଷକ ବିଜୟ ହାସଲ କରି ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ନାଗପୁର ଦଳ ପେନାଲ୍ଟି ସୁଟ ଜରିଆରେ ଝାରଖଣ୍ଡ ଅମିତ୍ ବ୍ରଦରକୁ ୪-୨ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଝାରଖଣ୍ଡ ଏକ୍ସ ଆଇ ଦଳ ୨-୦ ଗୋଲରେ ଜାମସେଦପୁର ରିମିକ୍ସ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ ଅର୍ଥାତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ନାଗପୁର ବନାମ ଝାଡ଼ଖଣ୍ଡ ମଧ୍ୟରେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳର ଶେଷ ପର୍ଯ୍ୟାୟରେ ଝାଡ଼ଖଣ୍ଡ ଦଳର ଖେଳାଳିମାନେ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳ ନାଗପୁରକୁ ୧-୦ ଗୋଲ ଦେଇ ବିଜୟ ହୋଇଥିଲେ।

ଟୁର୍ଣ୍ଣାମେଣ୍ଟର ଖେଳଗୁଡ଼ିକୁ ଜିତେନ୍ଦ୍ରିୟ ଥନାପତି, ସୁବ୍ରତ ପୁରୋହିତ, ସହିଲ ବେହେରା, ଜିତୁ ପାତ୍ର, ସଞ୍ଜୟ କୁଦେଇ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କୁହିବାହାଲ ସରପଞ୍ଚ ତଥା ପ୍ରଜାମଙ୍ଗଳ କ୍ଲବ ସଭାପତି ସୁଦାମ ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରଫୁଲ୍ଲ କୁମାରୀ ସାହୁ
ଆବିର୍ଭାବ: ୧୫.୦୩.୧୯୪୮
ତିରୋଧାନ: ୨୭.୦୯.୨୦୨୫

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ

## ଆଇଜିଏଚ୍‌ରେ ଜଟିଳ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର

**ରାଉରକେଲା, ୬।୧୦(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ର ନ୍ୟୁରୋସର୍ଜରୀ ଦଳ ଏକ ମେରୁଦଣ୍ଡ ଅସ୍ତ୍ରୋପଚାର ସମ୍ପର୍କିତ ଭ୍ରାନ୍ତ ଧାରଣାକୁ ଦୂର କରି ପୁଣି ଥରେ ସେମାନଙ୍କର ଅସାଧାରଣ ଦକ୍ଷତା ପ୍ରଦର୍ଶନ କରି ଜଣେ ୩୪ ବର୍ଷୀୟ କର୍ମଚାରୀଙ୍କ ଉପରେ ଏକ ପ୍ରାରମ୍ଭିକ କଟିବନ୍ଧ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର କରିଛନ୍ତି। ଫଳରେ ରୋଗୀଜଣଙ୍କ ଅସ୍ତ୍ରୋପଚାରର ପରଦିନ ପୁଣି ଚାଲିବାକୁ ସକ୍ଷମ ହୋଇଛନ୍ତି। ଏହି ୩୪ ବର୍ଷୀୟ ପୁରୁଷ ରୋଗୀଜଣକ ୩୦ ଦିନରୁ ଅଧିକ ସମୟ ଧରି ଉଭୟ ଗୋଡରେ ଓ ପିଠିରେ ଯନ୍ତ୍ରଣା, ଠିଆ ହେବା, ଚାଲିବା, ଶଯ୍ୟାରେ କଡ ଲେଉଟେଇବା ଏବଂ ପରିସ୍ରା ଓ ମଳ ତ୍ୟାଗ କରିବାରେ କଷ୍ଟ ସମସ୍ୟା ନେଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଇଜିଏଚରେ କରାଯାଇଥିବା ଏକ ଏମଆରଆଇ ସ୍କାନରୁ ଏକ ଏଲ୪-୫ ଏକ୍ସଟ୍ରୁଡେଡ୍ ଡିସ୍କ ଜଣାପଡ଼ିଥିଲା। ବରିଷ୍ଠ ପରାମର୍ଶଦାତା ତଥା ନ୍ୟୁରୋସର୍ଜନ ଡା. ମନୋଜ କୁମାର ଦେଓଙ୍କ ନେତୃତ୍ୱରେ ବିଶେଷଜ୍ଞ ଡାକ୍ତରଙ୍କ ଏକ ଦଳ ଅତିରିକ୍ତ ସିଏମଓ ଡା ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ନିଶ୍ଚେତକ ସହାୟତା ଏବଂ ନର୍ସିଂ ଷ୍ଟାଫ୍ କମଳା କର ଏବଂ ସିଷ୍ଟର କାନ୍ତିଙ୍କ ଆନ୍ତଃ ଅପରେଟିଭ୍ ସହାୟତାରେ ସଫଳତାର ସହିତ ଏହି ଅସ୍ତ୍ରୋପଚାର କରିଥିଲେ। ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ମନୀଷା, ସିଷ୍ଟର ରୁବି ଏବଂ ସିଷ୍ଟର ସୋନିଆଙ୍କ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନକୁ ସତର୍କତାର ସହିତ ପରିଚାଳନା କରାଯାଇଥିଲା। ଅସ୍ତ୍ରୋପଚାରର ଦ୍ୱିତୀୟ ଦିନରେ ଠିଆ ହେବା ଓ ଚାଲିବା ପାଇଁ ରୋଗୀ ସକ୍ଷମ ହୋଇଥିଲେ। ତାଙ୍କ ଅବସ୍ଥାରେ ପ୍ରାୟ ୮୦ ପ୍ରତିଶତ ଉନ୍ନତି ଦେଖାଯାଇଛି।



### ନାବାଳିକା ଠିକା ଶ୍ରମିକ ମୃତ୍ୟୁ ଘଟଣା

## ମୃତ୍ୟୁ ପଛରେ ଅବୈଧ ପ୍ରେମ; ଦମ୍ପତି ଗିରଫ

ରାଉରକେଲା, ୬।୧୦(ସମିସ)

କାର୍ଯ୍ୟ ସ୍ଥଳରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ୧୫ ବର୍ଷୀୟା ନାବାଳିକା ଠିକା ଶ୍ରମିକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାର ୩ ଦିନ ପରେ ରଘୁନାଥପାଲି ଥାନା ପୁଲିସ ପର୍ଦ୍ଦାଫାଶ କରିଛି। ନାବାଳିକାର ମୃତ୍ୟୁ ପଛରେ ସମ୍ପୃକ୍ତ ଥିବା ଦମ୍ପତିକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦମ୍ପତି ହେଲେ ସେକ୍ଟର -୫ ଗୋଲଘର ବସ୍ତିର ସ୍ୱାମୀ ଡକ୍ଟର ମୁଣ୍ଡା (୨୮) ଓ ସ୍ତ୍ରୀ ସାବିନା ମୁଣ୍ଡା (୨୭)। ରଙ୍ଗ ମିସ୍ତ୍ରୀ ଡକ୍ଟର ମୁଣ୍ଡାଙ୍କ ସହ ନାବାଳିକାର ଅବୈଧ ପ୍ରେମ ସମ୍ପର୍କ ଜଣାପଡ଼ିବା ପରେ ସାବିନା ମୁଣ୍ଡାର ଗାଳିଗୁଲଜ ଯୋଗୁଁ ନାବାଳିକା ବିଷ ପିଇ ଦେଇଥିବା ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ସୂଚନା ମୁତାବକ, ପାନପୋଷଠାରେ ନିର୍ମାଣାଧୀନ ରାଉରକେଲା ୱାନ୍ ଠାରେ ବାଲୁଘାଟ ବସ୍ତିର ଜନେ ୧୫ ବର୍ଷିଆ ନାବାଳିକା ବର୍ଷା ଝରା କାମ କରୁଥିଲେ। ଗତ ୩ ତାରିଖ ସକାଳେ କାମ ପାଇଁ ଘରୁ ବାହାରି ଥିଲା, ହେଲେ ସନ୍ଧ୍ୟାରେ ଘରକୁ ଫେରି ନଥିଲା। ତେବେ ବର୍ଷା ଗୁରୁତର ଭାବେ ଅସୁସ୍ଥ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ପରିବାର ଲୋକେ ସୂଚନା ପାଇ

### ସ୍ପଷ୍ଟୀକରଣ ପାଇଁ ଶ୍ରମ ବିଭାଗକୁ ଚିଠି ଲେଖିଲେ ଏସ୍‌ଡିପିଓ

ସେଠାରେ ପହଞ୍ଚିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବର୍ଷାର ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ତଦନ୍ତ କରିଥିଲା। ତେବେ ବର୍ଷା କାର୍ଯ୍ୟ କରିଥିବା ରାଉରକେଲା ୱାନ୍‌ଠାରେ ଡକ୍ଟର ମୁଣ୍ଡା ରଙ୍ଗ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲା। ନାବାଳିକା ବର୍ଷା ଓ ରଙ୍ଗ ମିସ୍ତ୍ରୀ ଡକ୍ଟରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ନେଇ ଡକ୍ଟରର ସ୍ତ୍ରୀ ସାବିନା ସନ୍ଦେହ କରିଥିଲା। ଉକ୍ତ ଦିନ ହଠାତ୍ ସେଠାରେ ସାବିନା ପହଞ୍ଚି ନାବାଳିକାକୁ ସମସ୍ତଙ୍କ ଆଗରେ ଗାଳି ଗୁଲଜ କରିଥଲା। ଫଳରେ ନାବାଳିକା ଲଜ୍ଜାରେ କୌଣସି ରାସାୟନିକ ତରଳ ପଦାର୍ଥ





ପିଇ ଦେଇଥିଲା। ଯାହା ଫଳରେ ସେ ଗୁରୁତର ଭାବେ ଅସୁସ୍ଥ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା ବୋଲି ଇନ୍ସପେକ୍ଟର ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି। ନାବାଳିକାର ମୃତ୍ୟୁ ପାଇଁ ଦାୟୀ କରି ରଙ୍ଗମସ୍ତ୍ରୀ ଡକ୍ଟର ମୁଣ୍ଡା ଓ ତାର ପତ୍ନୀ ସାବିନା ମୁଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ ସମ୍ପ୍ରତି ଆଧାର କାର୍ଡ ମୁତାବକ ମୃତା ନାବାଳିକା ଠିକା ଶ୍ରମିକ ବର୍ଷା ଝରାକୁ ୧୪ ବର୍ଷ ୯ ମାସ ବୟସ ହୋଇଥିଲା। ତେବେ ସେ କେଉଁ ପରିସ୍ଥିତିରେ 'ରାଉରକେଲା ୱାନ୍' ପରି ଏକ ସରକାରୀ ପ୍ରକଳ୍ପରେ ଠିକା କାର୍ଯ୍ୟରେ ନିୟୋଜିତ ରହିଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି। ଠିକା କାର୍ଯ୍ୟ କରୁଥିବା ଠିକା ସଂସ୍ଥା କିପରି ସରକାରଙ୍କ ଶ୍ରମ ବିଭାଗର ସମସ୍ତ ନିୟମ ଉଲଂଘନ କରି ଜଣେ ନାବାଳିକାକୁ ଠିକା କାର୍ଯ୍ୟରେ ନିୟୋଜିତ କରିଥିଲେ, ଏବଂ ଏହି କାର୍ଯ୍ୟକୁ ତଦାରଖ କରୁଥିବା ସ୍ମାର୍ଟ ସିଟି କର୍ତ୍ତୃପକ୍ଷ କିପରି ଅଣଦେଖା କରି ଆସୁଥିଲେ, ତାକୁ ନେଇ ଉଠିଛି ପ୍ରଶ୍ନ। ତେବେ ଏନେଇ ସବିଶେଷ ରିପୋର୍ଟ ପ୍ରଦାନ ସହ ସ୍ପଷ୍ଟିକରଣ ପାଇଁ ଜିଲ୍ଲା ଶ୍ରମ ବିଭାଗକୁ ଚିଠି ଲେଖାଯାଇଥିବା ପାନପୋଷ ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

## ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ମା' କନ୍ତଦେବୀ

**ବଣାଇଁ, ୬।୧୦(ସମିସ):** ବଣାଇଁର ଆରାଧ ଦେବୀ ମା' କନ୍ତଦେବୀ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ତାଙ୍କର ଆସ୍ଥାନ ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ ସାନଜଲ ଗ୍ରାମରୁ ବାହାରି ୧୫ ଦିନ ବ୍ୟାପୀ ବଣାଇଁ ପରିକ୍ରମା କରିଥିଲେ। ଆଜି ଆଶ୍ୱିନ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ତାଙ୍କ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ୧୫ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବଣାଇଁ ପ୍ରାଶାସନିକ ଅଧିକାରୀ, ମହୁଲପଦା ଥାନା ଅଧିକାରୀ ଓ ବଣାଇଁ ଥାନା ଅଧିକାରୀ, ଲହୁଣିପଡ଼ା ଥାନା ଅଧିକାରୀ ଓ ବଣାଇଁ ଉପଖଣ୍ଡ ପୋଲିସ୍ ଅଧିକାରୀ ଓ ବଣାଇଁବାସୀଙ୍କୁ ବଣାଇଁ ରାଜା ସାହେବ ତଥା ପୂଜା କମିଟିର ଅଧ୍ୟକ୍ଷ ବୀର କିଶୋର ଇନ୍ଦ୍ର ଦେଓ ଦେବ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୁଖ୍ୟ ପୁରୋଧା ଭାବେ ସଞ୍ଜୀବ କୁମାର ମହାନ୍ତି, ଭବତୋଷ ଦେଓ, ଜୟନ୍ତ ଦେଓ, ଶିବ ନାରାୟଣ ଦେଓ, ରମାକାନ୍ତ ଦେହୁରୀ କାର୍ଯ୍ୟକ୍ରମ ତଦାରଖ କରିଥିଲେ।



## ଶ୍ରମିକଙ୍କ କାର୍ଯ୍ୟ ସମୟ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ରାଉରକେଲା, ୬।୧୦(ସମିସ):** ରାଜ୍ୟ ବିଜେପି ସରକାରଙ୍କ କ୍ୟାବିନେଟ୍ ଗତ ସେପ୍ଟେମ୍ବର ୩୦ରେ ଏକ ପାଖିଆ ଭାବରେ ରାଜ୍ୟରେ ଫ୍ୟାକ୍ଟ୍ରି ଆଇନ୍ -୧୯୪୮ର ଧାରା ୫୧ ଓ ଧାରା ୫୪ରେ ସଂଶୋଧନ ଆଣି ଶ୍ରମିକଙ୍କ ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟାରୁ ୧୦ ଘଣ୍ଟା ବୃଦ୍ଧି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସିଆଇଟିୟୁ ରାଜ୍ୟ କମିଟି ଡାକରାରେ ସୋମବାର ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଉଦିତନଗର ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ପ୍ରତ୍ୟାହୃତ କରା ନଗଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ବ୍ୟାପକ ଶ୍ରମିକ ଆନ୍ଦୋଳନ ପାଇଁ ଆହ୍ୱାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଜିଲ୍ଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ବି ପି ମହାପାତ୍ର, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ଅଜିତ ଏକ୍କା, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ଅଟଳ ସ୍ୱାଇଁ, ବିନୟ ବେହୁରିଆ, ଦିବାକର ମହାରଣା, ସମ୍ବିତ ସ୍ୱାଇଁ, ସରୋଜ ବାର୍ଲା, ବିଜୟ ସ୍ୱାଇଁ, ଉପେନ୍ଦ୍ର ତ୍ରିପାଠୀ, ଏନ୍ କେ ରାଉତରାୟ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି, ସି ଦିବାକର ରାଓ, ବସନ୍ତ ପାଢ଼ୀ, ଜୟନ୍ତୀ ମୋହିନୀ, କାଞ୍ଚନୀ ଦେହୁରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




### ■ ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟିର ମା' ଲକ୍ଷ୍ମୀ ମହୋତ୍ସବ

## ଚିତ୍ତୋରର ପଦ୍ମାବତୀ ପ୍ୟାଲେସ ତୋରଣ ମୁଖ୍ୟ ଆକର୍ଷଣ

**ରାଉରକେଲା, ୬।୧୦(ସମିସ):** ଚଳିତବର୍ଷ ସେକ୍ଟର - ୭ ଦୁର୍ଗା ପୂଜା ପଡ଼ିଆରେ ରାଜସ୍ଥାନ ଚିତ୍ତୋରର ରାଣୀ ପଦ୍ମାବତୀ ପ୍ୟାଲେସ ତୋରଣରେ ମା' ଲକ୍ଷ୍ମୀ ବିରାଜମାନ ହୋଇ ପୂଜା ପାଇବେ। ଯାହା ପୂଜା ମଣ୍ଡପର ମୁଖ୍ୟ ଆକର୍ଷଣ ସାଜିବ ବୋଲି ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି ରାଉରକେଲା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସେକ୍ଟର -୭ କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟିର ସଭାପତି କଳ୍ପନା ଭଞ୍ଜ ଓ ସାଧାରଣ ସମ୍ପାଦକ ଲୀନା ନାୟକ ସୂଚନା ଦେଇ କହିଛନ୍ତି, ରାଉରକେଲା ଇତିହାସରେ ପ୍ରଥମ ଥର ୧୨୦ରୁ ଉର୍ଦ୍ଧ୍ୱ କେବଳ ମହିଳା ସଦସ୍ୟଙ୍କୁ ନେଇ ଗଠିତ ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏହି ପ୍ରୟାସ କରାଯାଉଛି। ବନ୍ଧମୁଣ୍ଡାର ମୂର୍ତ୍ତି କାରିଗର ପଣ୍ଡିତ(ପିଣ୍ଟୁ) ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଥିବା ବେଳେ ପୂଜା ଲାଇଟ୍ ସାଜସଜ୍ଜା ବିକାଶ ଇଲେକ୍ଟ୍ରି ଡେକୋରେଟର କରୁଛନ୍ତି। ଲକ୍ଷ୍ମୀ ପୂଜା ମହୋତ୍ସବର ଅନ୍ୟତମ ଆକର୍ଷଣ ମୀନା ବଜାର ମେଳା ସହ ଉଭୟ ବଡ଼ ଓ ଛୋଟଙ୍କ ପାଇଁ ଆକର୍ଷଣୀୟ ହୋଇ ଲାଗୁଛି। ପୂଜା ମହୋତ୍ସବ ଅକ୍ଟୋବର ୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଭଜନ ସଂଧ୍ୟା, ଛୋଟ ପିଲାଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ୍, ଚିତ୍ରାଙ୍କନ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗୀତା, ନୃତ୍ୟ ପ୍ରତିଯୋଗିତା, ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏହି ସମସ୍ତ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ପୂଜା ଶେଷ ଦିନ ବିତରଣ କରାଯିବ। କେବଳ ମହିଳାଙ୍କୁ ନେଇ ଆୟୋଜିତ ଲକ୍ଷ୍ମୀ ପୂଜାକୁ ନେଇ ସହରରେ ମଧ୍ୟ ବେଶ୍ ଉତ୍କଣ୍ଠା ପ୍ରକାଶ ପାଇଛି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ମମତା ଜେନା, କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ପ୍ରିୟା ଦାସ, ସଙ୍ଗୀତା ନାୟକ, ଉପସଭାପତି ମଧୁସ୍ମିତା ମହନ୍ତ, ସଙ୍ଗୀତା ସିଂ, ସ୍ୱପନା ସ୍ୱାଇଁ, ଯୁଗ୍ମ ସମ୍ପାଦିକା ମାନୀନି ଜେନା, ରଜନୀ ନାୟକ, ସରୋଜିନୀ ବେହେରା, ଅଳକା ଦାସ, ରୀତା ଦେବୀ, ସଂଯୋଜିକା ଅନ୍ନପୂର୍ଣ୍ଣା ମାହାନ୍ତି, ସାଂସ୍କୃତିକ ସମ୍ପାଦକ ସଂଯୁକ୍ତା ପାତ୍ର, ନିବେଦିତା ବୈରୀଗଞ୍ଜନ, ରାଜଶ୍ରୀ ପ୍ରଧାନ, ନମିତା ସାହୁଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।



### ରାଉତାଣି-ବନ୍ଦୋଡିହି ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଷ୍ଟାର କ୍ଲବ୍ ଟିକ୍ରାପୋଷ ଚାମ୍ପିଅନ୍

**ବଣାଇଁ, ୬।୧୦(ସମିସ):** ବଣାଇଁ ଉପଖଣ୍ଡ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବନ୍ଦୋଡିହି ଖେଳ ପଡ଼ିଆରେ ଇନ୍ଦିରା ମେମୋରିଆଲ କ୍ଲବ୍ ପକ୍ଷରୁ ଆୟୋଜିତ ୪୪ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଷ୍ଟାର କ୍ଲବ ଟିକ୍ରାପୋଷ ବନାମ ଗଦାପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୩-୦ ଗୋଲରେ ଟିକ୍ରାପୋଷ ଦଳ ବିଜୟ ହୋଇ ଚଳିତ ବର୍ଷର ଚମ୍ପିଅନ୍ ହୋଇଥିଲା। ଗଦାପାଲି ଦଳ ଚଳିତ ବର୍ଷର ରନର୍ସ ଅପ୍ ହୋଇଥିବା ବେଳେ ତୃତୀୟ ସ୍ଥାନ ଶିବନାଥପୁର ଓ ଚତୁର୍ଥ ସ୍ଥାନ ବଡପଡ଼ାକୁ ମିଳିଥିଲା। ବଣାଇଁ ଅଞ୍ଚଳର ସମୁଦାୟ ୨୪ଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ କୃତି ପ୍ରତିଯୋଗୀ ଦଳ ଗୁଡ଼ିକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଗାଲାଣ୍ଡ ବିଜେପିର ରାଜ୍ୟ ଉପସଭାପତି ବାସୁ ଦାମାନି, ବରିଷ୍ଠ ବିଜେପି ନେତା ଅନିଲ କୁମାର ମାହାନ୍ତ, ଅଭିରାମ ମହାକୁଳ, ମନୋଜ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଓରାମ, ଜିଲ୍ଲା ସରପଞ୍ଚ ସଂଘ ସଭାପତି ଉଗ୍ରସେନ କିସାନ, ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଭାପତି ରତ୍ନାକର କିସାନ୍, ସମ୍ପାଦକ ରବିନାରାୟଣ ଦେବ୍, ସଭ୍ୟ ସାହେବ୍ କିଶାନ, କୁହିଁରୁ ପାତ୍ର, ବିକାଶ ଦେବ, ପ୍ରତାପ ସିଂ, ତପନ କିଷାନ୍, ଦିଲୁ କିଶାନ୍, ନରହରି ସାହୁ, ରଞ୍ଜନ କିସାନ, ମହେଶ କିସାନ, ତପୁ, ରଞ୍ଜିତ, ପଙ୍କଜ, ଅଜୁ, ବିଜୁ, ଜଗଦୀଶ, ମନୋଜ୍, ମୁନା, ଅଜିତ, ଚନ୍ଦନ, ମାନସ, ରେଙ୍ଗଟୁ ପ୍ରମୁଖ ସହଯୋଗ କରିଥିଲେ। ଯୁଗଳ କିସାନ, ସୁଶାନ୍ତ କିସାନ ଓ ସହଯୋଗୀ ଖେଳ ପରିଚାଳନା କରିଥିବା ବେଳେ ମାନସ ଦେବ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ପୁରସ୍କାର ବିତରଣ ପୂର୍ବରୁ 'ଏକ ପେଡ ମାଁ କେ ନାମ୍' କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟ ଅତିଥି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଚାରାରୋପଣ କରିବା ସହ ଅନୁଷ୍ଠାନର ମୁଖ୍ୟ ଉଦ୍ୟୋକ୍ତା ସ୍ୱର୍ଗତଃ କାହ୍ନୁ ଚରଣ କିସାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




## ବାଜପେୟୀଙ୍କ ନାମରେ ପାର୍କ ନିର୍ମାଣ ଦାବି

**ରାଉରକେଲା, ୬।୧୦(ସମିସ):** ପାନପୋଷ ଡାକ୍ତରଖାନାର ଆଧୁନିକୀକରଣ ଓ ଏହାର ପଛ ପାଖରେ ଥିବା ପ୍ରାୟ ୨୭ ଏକର ସରକାରୀ ଜମିରେ ବିଭିନ୍ନ ଔଷଧୀୟ ଉଦ୍ଭିଦରେ ଶୋଭିତ ଏକ ବୋଟନିକାଲ ଗାର୍ଡେନ ନିର୍ମାଣ, ଆୟୁର୍ବେଦ ଚିକିତ୍ସାଳୟ ନିର୍ମାଣ ସହିତ ଯୋଗାଶିକ୍ଷା କେନ୍ଦ୍ର ସ୍ଥାପନ କରି ତାହାକୁ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ନାମରେ ନାମିତ କରିବା ପାଇଁ ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚର ସଭାପତି ବଦ୍ରୀନାରାୟଣ ପାଢ଼ୀ ଉପସଭାପତି ହୃଷିକେଶ ବଳିୟାରସିଂହ, ରମାକାନ୍ତ ପାଣ୍ଡେ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ ଏବଂ ସମ୍ପାଦକ ବିଜୟାନନ୍ଦ ଅଗ୍ରୱାଲ ମିଶି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରି ପ୍ରାୟ ୧୫୦ ବ୍ୟକ୍ତିଙ୍କ ଦସ୍ତଖତ ସମ୍ମିଳିତ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବେଦବ୍ୟାସ ବିକାଶ ମଞ୍ଚର ଏହି ଦାବିକୁ କେନ୍ଦ୍ର ସରକାରଙ୍କ ପ୍ରଣୋଦିତ କାର୍ଯ୍ୟକ୍ରମ ଅଟଳ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଆଇଜିଏଚ ଥିବା ସତ୍ତ୍ୱେ ଏହି ପାନପୋଷ ଡାକ୍ତରଖାନା ଉପରେ ଦୟାନନ୍ଦ ନଗର, ଦାଣ୍ଡିଆପାଲି, କଳୁଙ୍ଗା, ବେଦବ୍ୟାସ, କୁଆଁରମୁଣ୍ଡା, ପାନପୋଷ, ପୁରୁଣା ଛେଣ୍ଡ, କଳିଙ୍ଗ ବିହାର ତଥା ଛେଣ୍ଡ ପ୍ରୋଜେକ୍ଟ ଅଞ୍ଚଳର ଅଗଣିତ ରୋଗୀ ଚିକିତ୍ସା ପାଇଁ ଦୈନନ୍ଦିନ ନିର୍ଭରଶୀଳ। ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁଁ ଏହି ଅଞ୍ଚଳବାସୀ ଚିକିତ୍ସା ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ଏହି ଡାକ୍ତରଖାନାର ଆଧୁନିକରଣ କରିବାକୁ ମଞ୍ଚ ଦାବିପତ୍ରରେ ଉଲ୍ଲେଖ କରିଛି।

## ୩୬ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲ୍ଲାପାଳ



**ରାଉରକେଲା, ୬।୧୦ (ସମିସ):** ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ସୁଶ୍ରୀ ଦୀନା ଦସ୍ତଗୀର୍ ଏହି ଯୁଗ୍ମ ଜନଶୁଣାଣିରେ ଉପସ୍ଥିତ ରହି ଆସିଥିବା ମୋଟ ୩୬ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୭ ଟି ବ୍ୟକ୍ତିଗତ ରହିଥିବା ବେଳେ ୯ ଟି ସାମୁହିକ ଅଭିଯୋଗ ଥିଲା। ଏହି ଜନଶୁଣାଣିରେ ରାସ୍ତା ନିର୍ମାଣ ତଥା ମରାମତି ଠାରୁ ଆରମ୍ଭ କରି ଭଡ଼ା ସମସ୍ୟା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟା, ଜମିଜମା ସମସ୍ୟା, ଜବରଦଖଲ ସମସ୍ୟା ଆଦି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏଥିସହ ଅଧିକ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ୭ ଟି ଅଭିଯୋଗ ରହିଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ମିଶ୍ର, ଆର୍‌ଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ଡେପୁଟି କଲେକ୍ଟର ଚାନ୍ଦିନୀଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରଗତି ଉତ୍କଳ ସଂଘରେ ଚିତ୍ତରଞ୍ଜନ ଦାସଙ୍କ ଜୟନ୍ତୀ

## 'ଚିତ୍ତରଞ୍ଜନ ଥିଲେ ଓଡ଼ିଶାର ସକ୍ରେଟିସ୍'

ରାଉରକେଲା, ୬।୧୦(ସମିସ)

ଧୂରୀଣ ଲେଖକ, ଅନୁବାଦକ, ଦାର୍ଶନିକ ତଥା ଜଣେ ଅସୀମିତ ପ୍ରଜ୍ଞା ଓ ଗଭୀର ଚିନ୍ତାଧାରା ସମନ୍ୱିତ ସମାଜ ସଂସ୍କାରକ ଚିତ୍ତରଞ୍ଜନ ଦାସ ଓଡ଼ିଶାର ସକ୍ରେଟିସ୍ ଥିଲେ ବୋଲି ପ୍ରଗତି ଉତ୍କଳ ସଂଘର ସଭାଗୃହରେ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚିତ୍ତରଞ୍ଜନ ଦାସଙ୍କ ୧୦୨ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ବିଶିଷ୍ଟ ଅତିଥି ଏବଂ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାପତି ପ୍ରତାପ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପାଠାଗାରର ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ଆଲୋଚ୍ୟ ବିଷୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ 'ଶିକ୍ଷକ ଚିତ୍ତରଞ୍ଜନ' ଶୀର୍ଷକରେ ଆଲୋଚନା କରିଥିଲେ। ସଂଘର ଅନ୍ୟତମ ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ 'ଚିତ୍ତମାନସ ଏକ ଭିନ୍ନ ଦୃଷ୍ଟି' ସମ୍ପର୍କରେ ଏକ ତାତ୍ତ୍ୱିକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ ଚିତ୍ତରଞ୍ଜନଙ୍କ ବିରଳ ବ୍ୟକ୍ତିତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଚିତ୍ତରଞ୍ଜନଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଏବଂ ପ୍ରଦୀପ ପ୍ରଜ୍ୱଳନ ପରେ ଗଙ୍ଗାଧର ତ୍ରିପାଠୀ ରବୀନ୍ଦ୍ର ସଙ୍ଗୀତ ଗାନ କରିଥିଲେ। ସଂଘର ଉପଦେଷ୍ଟା ଏବଂ ଚିତ୍ତରଞ୍ଜନ ଜନ୍ମ ବାର୍ଷିକୀ ପାଳନ କମିଟିର ଆବାହକ ଭାରତ ଭୂଷଣ ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ, ଧରଣୀଧର ସାମଲ, ଘନଶ୍ୟାମ ଧଳ, ଅଶୋକ କୁମାର ପଟ୍ଟନାୟକ, ଅରବିନ୍ଦ ପାତ୍ର, ସ୍ମିତା ମିଶ୍ର, ରଶ୍ମୀ ସାହୁ, ଇନ୍ଦ୍ରମଣି ମହାପାତ୍ର, ବରୁଣ ନାହାକ, ପ୍ରଦୀପ କୁମାର ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ମହାପାତ୍ର, ପରିକ୍ଷୀତ ଗୁରୁ ପ୍ରମୁଖ ସହାୟତା କରିଥିବା ବେଳେ ଡାକ୍ତର କୃପାସିନ୍ଧୁ ନାୟକ, ରାଜୀବ ପାଣି, ଦାମୋଦର ରାଉତ, ବିଜୟ ରାୟ, ପ୍ରଫୁଲ୍ଲ ସାମଲ, ସଞ୍ଜୀବ ଭୋଇ, ପ୍ରମୋଦ ଜଗଦେବ, ନାରାୟଣ ଦଳାଇ, ଗୀତା ରାଣୀ ବେହେରା, ପ୍ରମୋଦ କୁମାର ପତି, ଦିଲୀପ କୁମାର ଭୋଇ, କରୁଣାକର ପାଟଶାଣୀ, ବ୍ରଜେନ୍ଦ୍ର କୁମାର ଦାସ, କାଶୀନାଥ ନନ୍ଦୀ, ଚିତ୍ତରଞ୍ଜନ ବ୍ରହ୍ମା, ବ୍ରହ୍ମାନନ୍ଦ ପାଢ଼ୀ, ଗୌତମ ଦାସ, ସୁନୀଲ କୁମାର ମହାନ୍ତି, ଗଙ୍ଗାଧର ପୁହାଣ ପ୍ରମୁଖଙ୍କ ସହ ସହରର ବହୁ ସାହିତ୍ୟ ସଂସ୍କୃତି ପ୍ରେମୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।





### ଇସ୍ପାତ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

## 'ସାହିତ୍ୟିକମାନେ ସମାଜ ସଂସ୍କାରକ ହୁଅନ୍ତୁ'

**ରାଉରକେଲା, ୬।୧୦(ସମିସ):** ରାଉରକେଲା ସହରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦର ଦ୍ୱିଦିବସୀୟ ୫୫ତମ ବାର୍ଷିକ ଉତ୍ସବ ସଂସଦର ସେକ୍ଟର - ୭ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସାରଦା ପ୍ରସାଦ ନାୟକ, ଉଦ୍‌ଘାଟକ ଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ସମ୍ପ୍ରତି ସାମାଜିକ ବ୍ୟବସ୍ଥା ଅବିଶ୍ୱାଶ ଓ ସନ୍ଦେହର ବାତାବରଣ ମଧ୍ୟରେ ସାହିତ୍ୟିକମାନେ ଦିଗ୍‌ଦର୍ଶକଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶ୍ରୀ ତନ୍ତୀ ରାଉରକେଲା ସହରର ଉନ୍ନତି ଓ ବିକାଶ ଦିଗରେ ସାହିତ୍ୟିକ ଓ ସାହିତ୍ୟ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ସଂସଦର ଭିତ୍ତିଭୂମି ବିକାଶ ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡ. ମନୋଜ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ସମ୍ବଲପୁର ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ଯୋଗଦେଇଥିଲେ। ଲେଖିକା ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ବାର୍ଷିକ ମୁଖପତ୍ର 'ସ୍ତବକ' ଉନ୍ମୋଚିତ ହୋଇଥିଲା। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ବିବରଣୀ ପାଠ କରିଥିଲେ। ସଂସଦର ନବ ନିର୍ମିତ 'ତପସ୍ୱିନୀ ପାଠାଗାର'ର ଉଦ୍‌ଘାଟନ ସହ ମା' ବାଗ୍‌ଦେବୀଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ବ୍ୟାସକବି ପୁରସ୍କାରରେ ସାହିତ୍ୟିକ ଡ. ଅଶ୍ୱିନୀ କୁମାର ରାୟ, ଲେଖିକା ଡ. ଗୀତାଞ୍ଜଳି ପତ୍ରୀ, ସଂଗଠକ ତଥା ସାହିତ୍ୟିକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ସମ୍ପାଦକୀୟ



କ୍ରମାଗତ ଅଭ୍ୟାସ ବଳରେ ସ୍ୱୟଂସମ୍ପୂର୍ଣ୍ଣତା ସମ୍ଭବ।
-ବ୍ରୁଶ୍ ଲି

ସକାଳ
THE SAKALA

## ବ୍ୟବସ୍ଥିତ ଅବ୍ୟବସ୍ଥା

ଭାଇଚାରାର ସହର କଟକ। ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଶ୍ରଦ୍ଧା, ସମ୍ମାନ ଓ ସହନଶୀଳତାକୁ ଆଧାର କରି ଗଢ଼ି ଉଠିଥିବା ଏହି ସହର ନିଜ ନିଜ ସ୍ୱାତନ୍ତ୍ର୍ୟକୁ ଆଧାର କରି ପାଳିତ ହେଉଥିବା ମେଳା ଓ ଉତ୍ସବ ମିଳିତ ଭାବେ ମନେଇଥାନ୍ତି। ତେଣୁ ବର୍ଷ ତମାମ ଉତ୍ସବମୁଖର ଏହି ସହର ସର୍ବ ପୁରାତନ ସହରବାସୀଙ୍କ ଏହି ନିଆରା ସଦ୍‌ଭାବ ଓ ସଂପ୍ରୀତି ସମଗ୍ର ରାଜ୍ୟକୁ ପ୍ରଭାବିତ କରିଆସିଛି। ତେଣୁ ତ ସମଗ୍ର ଦେଶରେ ଆମ ରାଜ୍ୟର ଶାନ୍ତ ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏସବୁ ସତ୍ତ୍ୱେ ବେଳେ ବେଳେ ଗୋଷ୍ଠୀ ସଂଘର୍ଷ ଓ ହିଂସାକାଣ୍ଡ ଯେ ନ ଉପୁଜେ ଏକଥା ନୁହେଁ। ତେବେ ତାହାକୁ ଆପୋଷ ବୁଝାମଣା ଏବଂ ଭାଇଚାରା ସମ୍ପର୍କର ପରିସରରେ ତୁଟାଇ ଦିଆଯାଇଥାଏ। ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ କିଛିଟା ଶୃଙ୍ଖଳାକୁ ଆଦରି ନେଇଥାଉ।

ନିକଟରେ ଦଶହରା ଭସାଣି ବେଳେ ସହରର ଦରଘାବଜାର ଅଞ୍ଚଳରେ ଉପୁଜିଥିବା ହିଂସା ଓ ଗୋଷ୍ଠୀ ସଂଘର୍ଷ କିଛି ପୁରୁଖା ଓ ମୁରବୀଙ୍କୁ ବ୍ୟଥିତ କରିଛି। ଭାଇଚାରା ସମ୍ପର୍କରେ ଏଭଳି ତିକ୍ତତାର ସ୍ଥାନ ନାହିଁ। ଏକଥା ସହରବାସୀ ଅଳ୍ପ ବହୁତେ ସମସ୍ତେ ହୃଦଙ୍ଗମ କରନ୍ତି। ସମୟ ବଦଳୁଛି, ନୂଆପିଢ଼ି ଦଶହରା ଓ ଦୁର୍ଗାପୂଜାର ମଙ୍ଗ ଧରିଛନ୍ତି। କଟକ ସହର ପୂଜା କମିଟି ଓ ଶାନ୍ତି କମିଟିରେ କିଛି ପୁରୁଖା ଏବେ ମଧ୍ୟ ଦାୟିତ୍ୱରେ ଅଛନ୍ତି। କ୍ଷମତାରେ ଥିବା ପ୍ରଶାସନ ଆସିବେ ଓ ଯିବେ। ସେମାନଙ୍କୁ ମାର୍ଗଦର୍ଶନ କରାଇବାର ଦାୟିତ୍ୱ ଏହି କମିଟିର ପୁରୁଖାଙ୍କର।

୧୯୯୧ରେ ସେହି ଭସାଣି ବେଳେ ଉପୁଜିଥିବା ଗୋଷ୍ଠୀ ସଂଘର୍ଷକୁ ନିୟନ୍ତ୍ରଣ କରିଥିବା ଅଧିକାରୀ ନ ଥାଇ ପାରନ୍ତି, କିନ୍ତୁ ମୁରବୀ ତ ଅଛନ୍ତି। ସେବେଠାରୁ ଏ ପର୍ଯ୍ୟନ୍ତ ପ୍ରାୟତଃ ଶାନ୍ତି ଶୃଙ୍ଖଳାରେ ଭସାଣ ଉତ୍ସବ ସମାପିତ ହୋଇ ଆସିଥିବା ବେଳେ ପୁଣି ହିଂସା ମୁଣ୍ଡ ଟେକିଲା କାହିଁକି? ଆମ ଜାଣିବାରେ, ସହରରେ ଭାଇଚାରା ସମ୍ପର୍କ ଅତୁଟ ରଖିବା ପାଇଁ କିଛି ଅଲିଖିତ ନିୟମ ଓ ଶୃଙ୍ଖଳା ସବୁପକ୍ଷ ଏପର୍ଯ୍ୟନ୍ତ ମାନି ଆସୁଥିଲେ। ତାହାର ଉଲ୍ଲଙ୍ଘନ ହେବାକୁ ଦେଲା କିଏ? ମୁରବୀ ନା ପ୍ରଶାସନ? କଣ ହେଲା କାହିଁକି ହେଲା ତାହା ଏଠାରେ ଆମେ ଉପସ୍ଥାପନ କରିବାକୁ ଚାହୁଁନା। କିଛି ତ ହୋଇଛି ଯାହା ହେବାର ନଥିଲା। ଆମକୁ ଏଠାରେ ସ୍ୱୀକାର କରିବାକୁ ହେବ ଯେ ଏଥି ସକାଶେ ପ୍ରାକ୍ ପ୍ରସ୍ତୁତି ମଧ୍ୟ ହେଉଥିଲା। ସହର ଶୃଙ୍ଖଳା ଦାୟିତ୍ୱରେ ଥିବା ପ୍ରଶାସନ ଓ ପୁଲିସର ଅନଭିଜ୍ଞତା ଓ ଅପରିପକ୍ୱତା ସ୍ପଷ୍ଟ ବାରି ହୋଇପଡୁଛି। ସଂଘର୍ଷ ଓ ହିଂସାକାଣ୍ଡରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଡ୍ରୋନ ଓ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଅଥଚ ଏହି ସମ୍ବେଦନଶୀଳ ଅଞ୍ଚଳର ସ୍ଥିତି ଭସାଣୀ ପୂର୍ବରୁ ଯାଞ୍ଚ ବା ପରଖିବାରେ ଅସୁବିଧା କେଉଁଠି ଥିଲା ? ଅନ୍ୟପକ୍ଷରେ ଭସାଣୀବେଳେ ଉତ୍ତେଜନାର କାରଣ ମନେ ହେଉଥିବା କିଛି ନକାରାତ୍ମକ କାର୍ଯ୍ୟକୁ ମଧ୍ୟ ରୋକାଯାଇ ପାରିଥାନ୍ତା। କିନ୍ତୁ ସେଥିପ୍ରତି ପ୍ରଶାସନ ଆଦୌ ସଚେତନ ଥିଲା ଭଳି ମନେ ହେଉନି।

ସ୍ୱାଭାବିକ ଭାବେ ଦୁଇପକ୍ଷ ନିଜନିଜର ଏତଲା ଦେବେ ଓ ପ୍ରଶାସନ ମଧ୍ୟ ନିଜଆଡୁ ମାମଲା ରୁଜୁ କରିବ। ସଂଘର୍ଷରେ ୨ ଜଣ ଗୁରୁତର ଆହତ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥାନେଇ ସମସ୍ତେ ଚିନ୍ତିତ ଓ ଉଦ୍‌ବିଗ୍ନ। ଡିସିପିଙ୍କ ସମେତ ଅନ୍ୟ ଯେଉଁମାନେ ଆହତ ହୋଇଛନ୍ତି ତାହାକୁ ଘଟଣା ପ୍ରବାହର ଆରମ୍ଭ ବିଶେଷ ରୂପେ ଗ୍ରହଣ କରାଯାଇପାରେ। ସୋମବାର ବନ୍ଦ ପାଳନ ପାଇଁ ଦିଆଯାଇଥିବା ଆହ୍ୱାନ ଓ ପୂର୍ବଦିନ ସଂଧ୍ୟାରେ ଘଟଣାର ପ୍ରତିବାଦ ସ୍ୱରୂପ ବାହାରିଥିବା ଶୋଭାଯାତ୍ରାରୁ ଆଗକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାର ସୂଚନା ମିଳିଥିଲା। ତେଣୁ ତୁରନ୍ତ ସାଂଧ୍ୟଆଇନ ଜାରି କରାଯିବାରୁ ଉତ୍ତେଜନା ପ୍ରଶମିତ ହେଉଥିବାର ଲକ୍ଷ୍ୟ କରାଯାଇଛି। ସର୍ବୋପରି ସହରରେ ଭାଇଚାରା ସଂପର୍କ ଯେପରି ଅତୁଟ ରହେ ତାହାକୁ ଦୃଷ୍ଟିରେ ରଖି ଦୁଇପକ୍ଷ ମଧ୍ୟରେ ଶାନ୍ତି ଓ ସଦ୍‌ଭାବନା ଫେରାଇ ଆଣିବା ଜରୁରୀ।

## ଶିକ୍ଷା, ଶିକ୍ଷକ ଓ ଏଆଇ

ସୁପ୍ରିୟା ମିଶ୍ର

ନିକଟରେ ଆମେରିକାର ଗୋଟିଏ ପ୍ରସିଦ୍ଧ ଏଆଇ ସେବା ଯୋଗାଇ ଦେଉଥିବା କମ୍ପାନୀର ଜଣେ ବରିଷ୍ଠ ଇଞ୍ଜିନିୟର କହିଲେ ଯେ ତାଙ୍କ କମ୍ପାନୀର ଏଆଇ ଟୁଲ୍‌ର ବୁଦ୍ଧି ଲବ୍ଧାଂଶ ବା ଆଇକ୍ୟୁ ଜଣେ ପିଏଚଡି ଧାରୀଙ୍କ ଠାରୁ ମଧ୍ୟ ଅଧିକ। କିଛି ଏଆଇ କମ୍ପାନୀମାନେ ଗୁରୁ ଦିବସ ଅବସରରେ ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ରିହାତି ମୂଲ୍ୟରେ ସେବା ଯୋଗାଇ ଦେବା ପାଇଁ ଇଣ୍ଟରନେଟରେ ବିଜ୍ଞାପନ ମଧ୍ୟ ପ୍ରକାଶିତ କରିଥିଲେ। ପ୍ରଶ୍ନ ଉଠୁଛି ଯେ କୃତ୍ରିମ ବୁଦ୍ଧିମତ୍ତା କ'ଣ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ରୂପେ ବିକଳ୍ପ ହୋଇପାରିବ? ୟୁରୋପ, ଆମେରିକା ଓ ଚୀନରେ ପାରମ୍ପରିକ ଶ୍ରେଣୀ ଗୃହରେ ଏଆଇ ଦ୍ୱାରା ସଂଚାଳିତ ରୋବଟ ମାଧ୍ୟମରେ ଶିକ୍ଷା ପ୍ରଦାନର ପରୀକ୍ଷଣ ଚାଲିଛି। ଭାରତରେ ମଧ୍ୟ ଏହାକୁ ପରୀକ୍ଷା କରାଯାଉଛି। ଗତବର୍ଷ କେରଳର କିଛି ମାଧ୍ୟମିକ ବିଦ୍ୟାଳୟରେ ରୋବଟ ଶିକ୍ଷକକୁ ପରୀକ୍ଷା କରାଯାଇଥିଲା।

କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା କ୍ଷେତ୍ରରେ ଅନେକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହା ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନ କରୁଛି, ଯେଉଁଠି ଏକ ଛାତ୍ରର ନିର୍ଦ୍ଦିଷ୍ଟ ଆବଶ୍ୟକତା, ଶିକ୍ଷଣ ଶୈଳୀ ଓ ବୁଦ୍ଧି ଲବ୍ଧାଂଶ ଅନୁଯାୟୀ ପାଠ୍ୟକ୍ରମ ଡିଜାଇନ କରାଯାଉଛି। ଏହା ବିଦ୍ୟାର୍ଥୀମାନଙ୍କୁ ନିଜ ଗତି ଓ ସାମର୍ଥ୍ୟରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେଉଛି। ଏଆଇ ଛାତ୍ରମାନଙ୍କର ଦୁର୍ବଳତା ଚିହ୍ନଟ କରି ସେମାନଙ୍କୁ ଅଧିକ ଅଭ୍ୟାସ କିମ୍ବା ବିଶେଷ ସମ୍ବଳ ପ୍ରଦାନ କରିପାରେ। ଏହାସହିତ ଏଆଇ-ଚାଳିତ ଚାଟ୍‌ବଟ୍ ଓ ଭର୍ଚୁଆଲ ସହାୟକ ଛାତ୍ରମାନଙ୍କୁ ଯେକୌଣସି ସମୟରେ ସମର୍ଥନ ଯୋଗାଇ ଦେଉଛି, ଯାହା ଶିକ୍ଷକଙ୍କ ପାଇଁ ସବୁବେଳେ ସମ୍ଭବ ନୁହେଁ। ତଥାପି, ଏହି ସବୁ ସୁବିଧା ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥାରେ ଏଆଇ ଶିକ୍ଷକଙ୍କର ମୌଳିକ ଭୂମିକାର ଏକ ବିକଳ୍ପ କଦାପି ହୋଇ ପାରିବ ନାହିଁ।

ଶିକ୍ଷା କେବଳ ତଥ୍ୟ ଓ ଜ୍ଞାନ ପ୍ରଦାନ କରିବା ନୁହେଁ; ଏହା ଏକ ମାନବୀୟ ପ୍ରକ୍ରିୟା, ଯେଉଁଠି ଭାବନା, ଆତ୍ମବିଶ୍ୱାସ, ନୈତିକ ବୋଧ, ସହାନୁଭୂତି, ପ୍ରେରଣା ଓ ସାମାଜିକ ମୂଲ୍ୟବୋଧର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଂରେଜ ସରକାରଙ୍କ ଶାସନ ସମୟରେ ଭାରତରେ ପାଶ୍ଚାତ୍ୟ ପଦ୍ଧତିରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲେ ମଧ୍ୟ ଭାରତରେ ଶିକ୍ଷା ବ୍ୟବସ୍ଥାରେ ସର୍ବଦା ମାନବୀୟ ଗୁଣକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଏ। ଯେତେବେଳେ ଜଣେ ବିଦ୍ୟାର୍ଥୀ କୌଣସି କାରଣରୁ ନିରାଶ ହୁଏ କିମ୍ବା କୌଣସି ବିଷୟରେ ଅସୁବିଧାର ସମ୍ମୁଖୀନ ହୁଏ, ଶିକ୍ଷକ ତାଙ୍କୁ ପ୍ରେରଣା ଦେଇପାରନ୍ତି ଏବଂ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିପାରନ୍ତି। ଏଆଇ ଏହି ସହାନୁଭୂତି ଏବଂ ଭାବନାତ୍ମକ ସଂଯୋଗ ପ୍ରଦାନ କରିପାରେ ନାହିଁ। ଏଆଇ ଏକ ଯନ୍ତ୍ର ହିସାବରେ କେବଳ ଡାଟା ଓ ଅଲଗରିଦମ୍ ଉପରେ ନିର୍ଭର କରେ, ଯାହା ମାନବୀୟ ଭାବନାକୁ ବୁଝିବାରେ ଅକ୍ଷମ।

ଏହାସହିତ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମୂଲ୍ୟବୋଧ, ନୈତିକତା ଓ ସହଯୋଗ ଶିଖାଇଥା'ନ୍ତି। ଏକ ଶ୍ରେଣୀଗୃହରେ ଶିକ୍ଷକ ଛାତ୍ରମାନଙ୍କ ମଧ୍ୟରେ ଆଲୋଚନା, ଦଳଗତ କାର୍ଯ୍ୟ ଓ ସହଯୋଗୀ ଶିକ୍ଷଣକୁ ପ୍ରୋତ୍ସାହିତ କରନ୍ତି। ଏହି ପ୍ରକ୍ରିୟା ଛାତ୍ରମାନଙ୍କୁ ସାମାଜିକ ଦକ୍ଷତା, ନେତୃତ୍ୱ ଓ ପରସ୍ପର ସମ୍ମାନ ଶିଖାଇଥାଏ। ଏଆଇ ଏକ ବ୍ୟକ୍ତିଗତ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିପାରେ, କିନ୍ତୁ ଏହା ଏକ ଶ୍ରେଣୀଗୃହର ସାମାଜିକ ଗତିଶୀଳତାକୁ ଅନୁକରଣ କରିପାରେ ନାହିଁ। ଗୋଟିଏ ଏଆଇ ଟୁଲ ସମ୍ମୁଖରେ ସବୁ ଛାତ୍ରଛାତ୍ରୀ ସମାନ ଓ ସେମାନଙ୍କ ଜିଜ୍ଞାସା ମଧ୍ୟ ସମାନ। କିନ୍ତୁ ଜଣେ ଶିକ୍ଷକ ବା ଶିକ୍ଷୟତ୍ରୀଙ୍କ ପାଖରେ ପ୍ରଶ୍ନର ଉତ୍ତର ସମାନ ଥିଲେ ମଧ୍ୟ ପ୍ରଶ୍ନ କର୍ତ୍ତା କିନ୍ତୁ ସମାନ ନୁହନ୍ତି। କାରଣ କିପରି ଭାବରେ ଉତ୍ତର ପ୍ରଦାନ କରାଗଲେ ତାହା ବିଦ୍ୟାର୍ଥୀମାନେ ସହଜରେ ଗ୍ରହଣ କରି ପାରିବେ ତାହା କେବଳ ଜଣେ ମାନବର ପ୍ରାକୃତିକ ବୁଦ୍ଧିମତ୍ତା ଉପରେ ନିର୍ଭରଶୀଳ।

ଏଆଇ ଶିକ୍ଷା କ୍ଷେତ୍ର ଅତ୍ୟନ୍ତ ଆଧୁନିକ ହେଲେ ମଧ୍ୟ ସେଥିରେ ଅନେକ ସୀମାବଦ୍ଧତା ରହିଛି। ପ୍ରଥମତଃ, ଏଆଇ କେବଳ ପୂର୍ବରୁ ପ୍ରୋଗ୍ରାମ କରାଯାଇଥିବା ଡାଟା ଓ ଅଲଗରିଦମ ଉପରେ କାର୍ଯ୍ୟ କରେ। ଏହା ଅଣପ୍ରତ୍ୟାଶିତ ପରିସ୍ଥିତିରେ ନିଷ୍ପତ୍ତି ନେବାରେ ଅକ୍ଷମ। ଉଦାହରଣ ସ୍ୱରୂପ, ଯଦି ଜଣେ ଛାତ୍ର ଏକ ଅସାଧାରଣ ପ୍ରଶ୍ନ ପଚାରେ ଯାହା ଏଆଇର ଡାଟାବେସରେ ନାହିଁ, ତେବେ ଏଆଇ ସେହି ପ୍ରଶ୍ନର ଉତ୍ତର ଦେବାରେ ଅସଫଳ ହୋଇପାରେ। ଅନ୍ୟପକ୍ଷରେ, ଶିକ୍ଷକମାନେ ନିଜର ଅଭିଜ୍ଞତା ଓ ସୃଜନଶୀଳତା ବ୍ୟବହାର କରି ଏଭଳି ପରିସ୍ଥିତିରେ ସମାଧାନ ଯୋଗାଇପାରନ୍ତି। କାନପୁରଠାରେ ଅବସ୍ଥିତ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନର ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନୀ ତଥା ପ୍ରସିଦ୍ଧ ପ୍ରଯୁକ୍ତି ବିଜ୍ଞାନର ପୁସ୍ତକ ଲେଖକ ଡ ହରିଶ ଚନ୍ଦ୍ର ବର୍ମା କୁହନ୍ତି ପ୍ରତିଦିନ ମାନବ ସଭ୍ୟତାରେ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାରର ସମସ୍ୟାକୁ ସମାଧାନ କରିବା ପାଇଁ ଜଣେ କିପରି ନିଜର ସୃଜନଶୀଳତାକୁ ବ୍ୟବହାର କରି ପାରିବ ତାହା କେବଳ ଜଣେ ଶିକ୍ଷକ ହିଁ ଛାତ୍ରଛାତ୍ରୀଙ୍କୁ ଶିଖାଇ ପାରିବେ। ଏଆଇ ଏହା କରି ପାରିବ ନାହିଁ; କାରଣ ଆଇଟି ଇଞ୍ଜିନିୟରମାନଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ନିଜର ସୀମା ବାହାରକୁ ଯାଇ ଏଆଇ କିଛି ଚିନ୍ତା କରିବା ପାଇଁ ସକ୍ଷମ ନୁହେଁ।

ଦ୍ୱିତୀୟତଃ, ଏଆଇ ସାଂସ୍କୃତିକ ଏବଂ ସାମାଜିକ ପ୍ରେକ୍ଷାପଟକୁ ସମ୍ପୂର୍ଣ୍ଣ ରୂପେ ବୁଝିପାରେ ନାହିଁ। ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ଯେଉଁଠି ବିଭିନ୍ନ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି, ଶିକ୍ଷକମାନେ ଛାତ୍ରମାନଙ୍କୁ ସେମାନଙ୍କର ସାଂସ୍କୃତିକ ପ୍ରେକ୍ଷାପଟ ଅନୁଯାୟୀ ଶିକ୍ଷା ଦେଇପାରନ୍ତି। ଏଆଇ ଏହି ସାଂସ୍କୃତିକ ସମ୍ବେଦନଶୀଳତାକୁ ଅନୁକରଣ କରିବାରେ ଅକ୍ଷମ। ତୃତୀୟତଃ, ଏଆଇ ଶିକ୍ଷାରେ ଅତ୍ୟଧିକ ନିର୍ଭରଶୀଳତା ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମିଳାମିଶାରୁ ଦୂରେଇ ଦେଇପାରେ। ଶିକ୍ଷା କେବଳ ବୌଦ୍ଧିକ ବିକାଶ ନୁହେଁ, ବରଂ ସାମାଜିକ ଓ ଭାବନାତ୍ମକ ବିକାଶର ଏକ ଅଂଶ। ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ଏକ ସମ୍ପ୍ରଦାୟ ଭାବେ କାମ କରିବାକୁ, ପରସ୍ପର ସହଯୋଗ କରିବାକୁ ଏବଂ ସମାଜରେ ନିଜର ଦାୟିତ୍ୱ ବୁଝିବାକୁ ଶିଖାଇଥା'ନ୍ତି।

ଉତ୍କଳମଣି ଗୋପବନ୍ଧୁ ରଥଯାତ୍ରା ସମୟରେ ଏବଂ ନଦୀରେ ବଢ଼ି ଆସିଲେ ଜନ ସେବା ଯୋଗାଇ ଦେବାକୁ ଯିବା ସମୟରେ ପାଇଁ ବନ ବିଦ୍ୟାଳୟର ଛାତ୍ରମାନଙ୍କୁ ନିଜ ସହିତ ନେଇ ଯାଉଥିଲେ। ଏହାଦ୍ୱାରା ସେମାନଙ୍କ ମନରେ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଦେବାର ମନୋବୃତ୍ତି ଜାଗ୍ରତ ହେଉଥିଲା। ବର୍ତ୍ତମାନ ମଧ୍ୟ ଜାତୀୟ ସେବା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ସେବାରେ ନିଯୋଜିତ କରାଯାଇ ରାଷ୍ଟ୍ର ପ୍ରତି ସମର୍ପିତ ରହିବା ପାଇଁ ଉତ୍ସାହିତ କରାଯାଏ। ଏଆଇ ଏହି ସାମାଜିକ ଶିକ୍ଷଣକୁ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ଭାବରେ ଅକ୍ଷମ। ଏଠାରେ ଗୋଟିଏ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ଉଲ୍ଲେଖନୀୟ। ଗତ ବର୍ଷ ନଭେମ୍ବର ମାସରେ ଆମେରିକାର ଜଣେ ସ୍ନାତକ ଛାତ୍ର ଗୋଟିଏ ପ୍ରସିଦ୍ଧ ଏଆଇ ଟୁଲ ମାଧ୍ୟମରେ ଏକ ପ୍ରବନ୍ଧ ରଚନା କରୁଥିଲେ। ବରିଷ୍ଠ ନାଗରିକମାନଙ୍କର କିପରି ଯତ୍ନ ନେବା ସହିତ ସେମାନଙ୍କୁ ବିଭିନ୍ନ ପ୍ରକାରର ସାମାଜିକ ଦୁର୍ବ୍ୟବହାରରୁ କିପରି ସୁରକ୍ଷା ପ୍ରଦାନ କରାଯାଇ ପାରିବ ସେହି ବିଷୟରେ ବାର୍ତ୍ତାଳାପ ମାଧ୍ୟମରେ ଚାଟ୍‌ବଟ୍‌ଠାରୁ ବିଭିନ୍ନ ପ୍ରକାରର ତଥ୍ୟ ସଂଗ୍ରହ କରୁଥିଲେ। ହଠାତ୍ ଚାଟ୍ ବଟ୍ ଗାଳି ଗୁଲଜ କରିବାକୁ ଆରମ୍ଭ କରିଲା। ମନୁଷ୍ୟମାନେ ଏହି ଧରା ଉପରେ ଏକ ବୋଝ ଭାବରେ ଚିତ୍ରିତ କଲା। ଶେଷରେ ଛାତ୍ରଙ୍କୁ ଏହି ବ୍ରହ୍ମାଣ୍ଡରେ ରହିବାର କୌଣସି ଅଧିକାର ନାହିଁ ବୋଲି ଜଣାଇ ଯଥାଶୀଘ୍ର ଆତ୍ମହତ୍ୟା କରିବା ପାଇଁ ବାରମ୍ବାର ପ୍ରୋତ୍ସାହିତ କରିବାକୁ ଲାଗିଲା।

ଏଆଇର ଅନେକଗୁଡ଼ିଏ ଦୁର୍ବଳତା ରହିଥିଲେ ମଧ୍ୟ ଶିକ୍ଷା କ୍ଷେତ୍ରରେ ଏହାର ପ୍ରୟୋଗ ସ୍ୱାଗତଯୋଗ୍ୟ। ଏଆଇ ଶିକ୍ଷକଙ୍କ ବିକଳ୍ପ ହେବା ପରିବର୍ତ୍ତେ ସେମାନଙ୍କ ସହ ସହଯୋଗ କରି ଶିକ୍ଷା ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିପାରେ। ଏଆଇ ଶିକ୍ଷକମାନଙ୍କୁ ସେମାନଙ୍କର ପାଠ୍ୟକ୍ରମ ପରିଚାଳନା, ଛାତ୍ରଛାତ୍ରୀମାନଙ୍କର ପ୍ରଗତି ମୂଲ୍ୟାଙ୍କନ ଏବଂ ଅଧିକ ସମୟ ମାନବୀୟ ସଂଯୋଗ ପାଇଁ ବ୍ୟବହାର କରିବାରେ ସାହାଯ୍ୟ କରିପାରେ। ଶିକ୍ଷକମାନେ ଶିକ୍ଷାରେ ମାନବୀୟ ସଂଯୋଗ, ସହାନୁଭୂତି ଓ ସାମାଜିକ ମୂଲ୍ୟବୋଧର ଏକ ଅନନ୍ୟ ଅବଦାନ ରଖନ୍ତି, ଯାହା ଏଆଇ ପ୍ରଦାନ କରିପାରେ ନାହିଁ। କରୋନା ମହାମାରୀ ସମୟରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଡିଜିଟାଲ୍ ମାଧ୍ୟମରେ ଯୋଗାଯୋଗ ଥିଲେ ମଧ୍ୟ ଶିକ୍ଷା ବ୍ୟବସ୍ଥା କିପରି ଭୁଶୁଡ଼ି ପଡ଼ିଲା ତାହାକୁ ପ୍ରତ୍ୟେକ ଅଭିଭାବକ ହୃଦୟଙ୍ଗମ କରିଥିଲେ। ତେଣୁ ଏଆଇ ଓ ଶିକ୍ଷକଙ୍କ ମଧ୍ୟରେ ଏକ ଉତ୍ତମ ସହଯୋଗୀ ପନ୍ଥା ହିଁ ଭବିଷ୍ୟତରେ ଶିକ୍ଷାକୁ ଅଧିକ ସଫଳ କରିବ।

(ବିଭାଗୀୟ ମୁଖ୍ୟ, ମହର୍ଷି ମହିଳା ମହାବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୪୩୮୨୭୬୮୩୪

## ଚାପମୁକ୍ତ ଜୀବନ ସମ୍ଭବ କି?

ସଲିଳା ତ୍ରିପାଠୀ

ବୟସ ବଢ଼ିବା ସଙ୍ଗେ ସଙ୍ଗେ ମନୁଷ୍ୟର ଚାହିଦାର ବୃଦ୍ଧି ଘଟିଥାଏ। ଯେଉଁ ସମୟରେ ଯାହା ଖୋଜାଯାଏ ନ ପାଇଲେ ମନ ମଧ୍ୟରେ ଏକ ଅଭାବବୋଧର ସୃଷ୍ଟି ହୁଏ, ଯାହାକୁ ପ୍ରକାରାନ୍ତରେ ଆମେ ଚାପ କହିପାରୁ। ଅନେକ ସମୟରେ ବାପ ମା' ପିଲାମାନଙ୍କର ଇଚ୍ଛାକୁ ଗୁରୁତ୍ୱ ନଦେଇ ହତୋତ୍ସାହିତ କରିବା ବାଲ୍ୟଜୀବନରେ ଗଭୀର ଚାପ ସୃଷ୍ଟି କରିଥାଏ। ଆମ ସମାଜରେ ପୁଅ ରୋଜଗାର ନ କରିପାରିଲେ ଏବଂ ଝିଅର ବାହାଘର ଉଚିତ୍ ସମୟରେ ନ ହୋଇପାରିଲେ ବଞ୍ଚିବା କଷ୍ଟକର ହୋଇପଡ଼େ। ପୁଅଟି ଖାଲି ରୋଜଗାରକ୍ଷମ ନୁହେଁ ବରଂ ସମାଜରେ ପାଞ୍ଚ ଜଣଙ୍କ ସାଥିରେ ତାଳ ମିଶେଇ ଚାଲିବାର ଇଚ୍ଛା ଆଉ ଝିଅର ବିବାହ ମଧ୍ୟ ସେହିଭଳି ଉପଯୁକ୍ତ ପାତ୍ରରେ ଦାନ ହୋଇପାରିଲେ ଯାଇ ପୁଅଝିଅଙ୍କର ମାନସିକ ଚାପର ସାମାନ୍ୟ ଶେଷ ହୋଇଥାଏ।

ତଥାକଥିତ ସମାଜରେ ପୁଅ ରୋଜଗାରକ୍ଷମ ହେଲେ ପୁଣି ସର୍ବଗୁଣସମ୍ପନ୍ନ ବୋହୂଟିଏ ଦରକାର ଯାହାର କୌଣସି ଗୁଣରେ ଖୁଣ ନଥିବ। ଯଥାଶୀଘ୍ର ନାତିଟିଏ ଦରକାର ପଛରେ ନାତୁଣୀଟିଏ ହେଲେ ଭଲ। ବାପ ମା' ବଞ୍ଚିଥିବା ପର୍ଯ୍ୟନ୍ତ ପୁଅର କୌଣସି ରୋଗ ବଇରାଗ ହେବା ବାଞ୍ଛନୀୟ ନୁହେଁ। ନାତି ନାତୁଣୀ ସମସ୍ତେ ନାଁ କଲା ପରି ବିଦ୍ୟାର୍ଜନ କରି ବଂଶ ମର୍ଯ୍ୟାଦା ରଖିବା ନିତାନ୍ତ ଆବଶ୍ୟକ। ସେପଟେ ଝିଅଟି ମଧ୍ୟ ପରଘରେ ଯାଇ ସୁଖଶାନ୍ତିରେ ରହିବା ଜରୁରୀ। ଏତେ ପ୍ରକାରର ମାନସିକ ଦୁଃଶ୍ଚିନ୍ତାରେ ମନୁଷ୍ୟ ଜୀବନ ଧାରଣ କରିଥାଏ କେବଳ ମୃତ୍ୟୁକୁ ସାମ୍ନା କରିପାରେନା। ସେତିକିବେଳେ ପ୍ରାରବ୍ଧ, କର୍ମଫଳ କଥାଟି ମନେପଡ଼େ। ତାକୁ ମଧ୍ୟ ସିଏ ଶ୍ମଶାନ ବୈରାଗ୍ୟ ପରି ଭୁଲିଯାଏ।

ତେବେ କାଳକାଳରୁ ଉପରୋକ୍ତ ଚାପଗୁଡ଼ିକୁ ସହିବାରେ ଅଭ୍ୟସ୍ତ ମନୁଷ୍ୟ ଆଧୁନିକ ଜୀବନଶୈଳୀ ପାଇଁ ଆହୁରି ଅନେକ ଚାପର ସମ୍ମୁଖୀନ ହେଉଛି। କର୍ମକ୍ଷେତ୍ରରେ ଓ ବିଦ୍ୟାଳୟରେ ପ୍ରତିଯୋଗିତା ପାଇଁ ଏବଂ ନାରୀ ସ୍ୱାଧୀନତା ପାଇଁ ସମଗ୍ର ସମାଜରେ ଚାପଟି ସର୍ବାଧିକ ହେଉଛି ବୋଲି ଜଣାଯାଉଛି। ଯେହେତୁ ଧନ ଓ ସମ୍ମାନର ସଂରକ୍ଷଣର ଭାବନା ମନୁଷ୍ୟକୁ ସର୍ବଦା ଦ୍ୱିଧାଗ୍ରସ୍ତ କରିଦିଏ ଏବଂ ନାରୀମାନେ ସ୍ୱାଧୀନତା ପାଇଗଲେ ସମାଜରେ ବିଶୃଙ୍ଖଳା ହୁଏ ବୋଲି ଆଜି ମଧ୍ୟ ଅନେକ ଲୋକଙ୍କର ବିଶ୍ୱାସ।

ବର୍ତ୍ତମାନର ରୋଜଗାରର ପନ୍ଥାଟି ମୁଖ୍ୟତଃ ବେସରକାରୀ ସଂସ୍ଥା ଦ୍ୱାରା ପର୍ଯ୍ୟବେସିତ ହେବା ଦ୍ୱାରା କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବା ଉପରିସ୍ଥ କର୍ମଚାରୀଙ୍କ ପ୍ରତି ଭୟ ଓ ଲକ୍ଷ୍ୟ ପୂରଣ ନ ହେବାର ଆଶଙ୍କା ଦ୍ୱାରା ବହୁ ଯୁବପିଢ଼ି ଗ୍ଲାନି ମଧ୍ୟରେ ଜୀବନ କାଟୁଛନ୍ତି। ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ଉପସ୍ଥିତି ଫଳରେ ପ୍ରତ୍ୟେକ ପିତାମାତା ନିଜ ପୁତ୍ରକନ୍ୟାଙ୍କର ଭବିଷ୍ୟତ ଚିନ୍ତା ପାଇଁ ନିଜେ ଚାପରେ ରହିବା ସହିତ ପିଲାମାନଙ୍କୁ ମଧ୍ୟ ଚାପରେ ରଖୁଛନ୍ତି। ନାରୀ ସ୍ୱତନ୍ତ୍ରତା ଫଳରେ ପୁରୁଷମାନେ ଘରଠାରୁ ବାହାର ପର୍ଯ୍ୟନ୍ତ ଅନେକ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି, ଯାହା ଅବ୍ୟକ୍ତ ହୋଇଥିଲେ ହେଁ ବାସ୍ତବିକ ସତ୍ୟ ଅଟେ।

ସମୟ ଅନୁସାରେ ମଣିଷର ଚିନ୍ତାଧାରା, ପରିସ୍ଥିତି, ପରିବେଶ ଯେତିକି ମାତ୍ରାରେ ପରିବର୍ତ୍ତନ ହେବା ଆବଶ୍ୟକ ନ ହୋଇ ପାରିଲେ ସେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଏ, ଯାହା ମାନସିକ ଚାପ ବା ଅବସାଦର ମୂଳଦୁଆକୁ ସଂଗଠିତ କରିଥାଏ। ଫଳସ୍ୱରୂପ ଉଚ୍ଚ ରକ୍ତଚାପ, ମଧୁମେହ ଓ ହୃଦ୍‌ରୋଗ ଭଳି ବେମାରୀମାନେ ନିମନ୍ତ୍ରଣ ହୋଇ ଆସିଥା'ନ୍ତି। ଠିକ୍ ସେହିଭଳି ମନର କଥାକୁ ପରିପ୍ରକାଶ କରିବାକୁ ସୁଯୋଗ ନଥିଲେ ଏହି ଚାପର ପରିମାଣ ବୃଦ୍ଧି ହୋଇ ବେଳେବେଳେ ଅଚାନକ ଭାବେ ପ୍ରାଣଘାତକ ସାଜିଥାଏ। ମଣିଷ ମନରେ ଥିବା ଭୟ ହିଁ ତାକୁ ମୃତ୍ୟୁ ଆଡ଼କୁ ବାଟ କଢ଼ାଇନିଏ। ଆମ ସମାଜରେ କ'ଣ ଏସବୁ ପାଇଁ କୌଣସି ବ୍ୟବସ୍ଥା ଅଛି? ଜନ୍ମରୁ ଆମକୁ ଲଜ୍ଜା, ସଂକୋଚ, ଭୟ, ନିନ୍ଦା, ଅପବାଦ, ଅସମ୍ମାନରୁ ବଞ୍ଚିବା ପାଇଁ ଶିକ୍ଷା ଦିଆଯାଇଥାଏ। କିନ୍ତୁ ଏଥିରୁ ମୁକ୍ତି ପାଇବାର ସଠିକ୍ ଉପାୟ ବତାଯାଇ ନଥାଏ। ଯାହା ମଣିଷକୁ ଭୟାର୍ତ୍ତ କରି ରଖିଥାଏ। ସବୁଠାରୁ ବଡ଼କଥା ମଣିଷ ଯେଉଁଠୁ ସୃଷ୍ଟି ହୁଏ, ତା'କୁ ହିଁ ସର୍ବାଧିକ ଭୟ କରେ। ସେମାନଙ୍କର ନାମ ଉଚ୍ଚ କରିବା ନିମନ୍ତେ ସେ ଶିକ୍ଷା, ସାମାଜିକ, ବୈବାହିକ, ଧନାର୍ଜନ ଇତ୍ୟାଦି କ୍ଷେତ୍ରରେ ଚାପଗ୍ରସ୍ତ ହୋଇପଡ଼େ।

ମାତ୍ର ବାସ୍ତବରେ ପିତାମାତା କ'ଣ ତାଙ୍କ ସନ୍ତାନଙ୍କୁ ଚାପ ଦେବାରେ ଆନନ୍ଦ ପାଇଥା'ନ୍ତି? ହୁଏତ ଏହା ପରସ୍ପର ମଧ୍ୟରେ ଥିବା ଦୂରତା ଓ ସଠିକ୍ ବୁଝାମଣାର ଅଭାବରୁ ହୋଇଥାଏ। ଦୁନିଆର ଯେ କେହି ଯେତେ ଦୁଃଖ ଦିଅନ୍ତୁ ବା କୌଣସି ପରିସ୍ଥିତି ଆସୁ ଯଦି ପିତାମାତା ସନ୍ତାନ ସାଥିରେ ରହି ତାକୁ ଭରସା ଦିଅନ୍ତି ତେବେ ସଂସାରର ସମସ୍ତ ଦୁଃଖ ଓ ଚାପ ଲାଘବ ହୋଇଯାଏ ବୋଲି କୁହାଯାଏ। କାରଣ ସେମାନଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରାଯାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ଅନେକ ସମୟରେ ପିତାମାତା ମୋହବଶତଃ କେବଳ ନିଜର ଅହଂକାରକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜ ପିଲାର ଭୁଲ୍‌କୁ ଅଣଦେଖା କରିଥା'ନ୍ତି। ତା'ସହିତ ସମୟ ଓ ପରିସ୍ଥିତି ଅନୁଯାୟୀ ପିଲାର ମାନସିକତାକୁ ବୁଝି ନପାରି ତା' ଉପରେ ନିଜର ଉଚ୍ଚକାଂକ୍ଷାକୁ ଲଦି ଦେଇଥାନ୍ତି। କିଛି ପିଲା ମନକଥା ଖୋଲି କହି ନ ପାରିବାରୁ ପିତାମାତା ଓ ପିଲାଙ୍କ ମଧ୍ୟରେ ଦୂରତା ସ୍ୱର୍ଗ ଓ ମର୍ତ୍ତ୍ୟର ଦୂରତା ପରି କେବେ ମିଶିପାରେନା।

ଅବଶେଷରେ ଏତିକି କୁହାଯାଇପାରେ ମନଖୋଲା ହସଟିଏ ହସିବା ନିମନ୍ତେ ଯେମିତି ନିଜର ପରିବାରର ଆବଶ୍ୟକ ଠିକ୍ ସେମିତି ପ୍ରତ୍ୟେକ ପ୍ରକାର ମାନସିକ ଅବସାଦରୁ ମୁକ୍ତି ପାଇବା ପାଇଁ ପରିବାର ହିଁ ଏକମାତ୍ର ଚିକିତ୍ସାଳୟ ଏବଂ ତା' ସହିତ ଭଗବତ୍ ଚିନ୍ତନ, ଅହମିକାରୁ ମୁକ୍ତି, ଉଚ୍ଚ ଆଶାରେ ଲଗାମ, ପାରିବାରିକ ସଂପର୍କର ସୁଦୃଢ଼ତା, ଗୋଟିଏ ସମୟରେ ଅନେକ କାର୍ଯ୍ୟର ଭାର ଗ୍ରହଣ ନ କରିବା, କୌଣସି କାର୍ଯ୍ୟକୁ ନିଜର ନିଶା ନ ବନେଇବା, ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟତା, ପ୍ରତ୍ୟେକଟି ସମସ୍ୟାର ସରଳ ଆଲୋଚନା, ଆଧୁନିକ ଜୀବନଶୈଳୀକୁ ଏକାନ୍ତ ଭାବେ ଗ୍ରହଣ ନ କରିବା, ସମୟ ଅନୁସାରେ ଡାକ୍ତରୀ ପରୀକ୍ଷା ଏବଂ ସବୁ ପରେ କୃତ୍ରିମତାରୁ ନିଜକୁ ଦୂରେଇ ନେଲେ ମାନସିକ ଚାପରୁ ମଣିଷ ମୁକ୍ତି ପାଇବା ହୁଏତ ସମ୍ଭବ ହେବ।

ବୋଲଗଡ଼,
ମୋ: ୮୭୬୩୭୮୮୬୧୪

## ମିଛ ବିଷୟରେ କିଛି କଥା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ସାଧାରଣଭାବେ ଆମେ ମିଛ କହିବାକୁ ଘୃଣାକରୁ। ତେବେ ଏହା ଆମରି ଏକ ସହଜାତ ପ୍ରବୃତ୍ତି। ଅବଶ୍ୟ କାହାଠାରେ ଏହା ଅଧିକ ଏବଂ ଆଉ କାହାଠାରେ କମ୍ ଦେଖାଯାଏ। ଏପ୍ରବୃତ୍ତି ବିବର୍ତ୍ତନ ସହିତ ସଂପୃକ୍ତ। ସେଥିପାଇଁ ସଂପାଜୀ, ଗରିଲା, ବାବୁନ, ନିଏଣ୍ଡର୍ଥାଲ୍ ଆଦି ଅନ୍ୟାନ୍ୟ 'ପ୍ରାଇମେଟ୍' ବୋଲି କୁହାଯାଉଥିବା ପ୍ରାଣୀମାନେ ମଧ୍ୟ ଶଠତା ଆଚରଣ କରିଥା'ନ୍ତି। ଆମ ଶିଶୁମାନଙ୍କଠାରେ ଏହା ଇଚ୍ଛାକୃତ ଭାବେ ପ୍ରକଟିତ ହେବାକୁ ଲାଗେ ମାତ୍ର ୨/୩ବର୍ଷ ବୟସରୁ। ତେଣୁ କେତେକ ମନୋବିଜ୍ଞାନୀ ଏହାକୁ ବୋଧଶକ୍ତି ବିକାଶର ମାଇଲଖମ୍ବ ରୂପେ ବିଚାର କରନ୍ତି।

ମାସାଚୁସେଟସ୍ ବିଶ୍ୱବିଦ୍ୟାଳୟର ରବର୍ଟ ଫେଲ୍‌ଡ୍ମ୍ୟାନ ୨୦୦୨ ମସିହାରେ କରିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ପ୍ରାୟ ୬୦ ଶତାଂଶ ଲୋକ କଥାବାର୍ତ୍ତା ହେଉଥିଲା ବେଳେ ପ୍ରତି ୧୦ ମିନିଟ୍ ଅନ୍ତତଃ ଥରେ ମିଛ କହିଥା'ନ୍ତି। ତେବେ ହାରାହାରି ଏହା ଦୁଇରୁ ତିନି। ସବୁପ୍ରକାର ମିଛ ଏକା ପ୍ରକାର ନୁହେଁ। ତହିଁରୁ କେତେକ ବେଶ୍ ହାଲୁକା ଏବଂ ତାହା କୁହାଯାଏ ମୁଖ୍ୟତଃ ମଜାକରିବା ପାଇଁ କିମ୍ବା କାହାକୁ ଚାଟୁ କରିବା ପାଇଁ। କିନ୍ତୁ କେତେକ ମିଛ କୁଟିଳ ଓ କ୍ରୂର। ଅନେକ ସମୟରେ ତାହା ଭୟାବହ ହୋଇଥାଏ। ଏହାର ଉଦାହରଣଟିଏ ହେଲା କୌଣସି ନିର୍ଦ୍ଦୋଷ ଲୋକକୁ ଯୋଜନାବଦ୍ଧ ଭାବେ ଏକ ଗୁରୁତର ଅପରାଧ ସହ ସଂପୃକ୍ତ କରିବା। ଏଭଳି ଅସାଧୁତା ମିଥ୍ୟାବାଦୀର ମସ୍ତିଷ୍କକୁ ଅଧିକ ଉତ୍ତେଜିତ ଅବସ୍ଥାରେ ରଖେ ଏବଂ ସେ କହୁଥିବା ମିଛର ଗୁରୁତ୍ୱ ଉପରେ ନିର୍ଭର କରି ତା'ଠାରେ ମାନସିକ ଚାପ ମଧ୍ୟ ବୃଦ୍ଧି କରେ। ଅନେକସ୍ଥଳେ, ଏସମୟରେ ତା'ର ଶ୍ୱାସକ୍ରିୟା ପ୍ରଖର ଓ ହୃତ୍‌ସ୍ପନ୍ଦନ ହାର ଦ୍ରୁତ ହୁଏ। ତା'ଠାରୁ ଅଧିକ ଝାଳ ବହେ, ପାଟି ଶୁଖିଯାଏ ଏବଂ କଥା କହିଲାବେଳେ ଖନିବାଜେ। ମିଛଧରା ଯନ୍ତ୍ର ବା ପଲିଗ୍ରାଫ୍ ଏହିସବୁ ମନସ୍ତାତ୍ତ୍ୱିକ ପ୍ରଭାବଗୁଡ଼ିକୁ ଚିହ୍ନଟ କରିପାରେ।

ବିଭିନ୍ନ ଲୋକଙ୍କର ମିଛ କହିବାର ସାମର୍ଥ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଏହାର ମୁଖ୍ୟକାରଣ ହେଲା ସେମାନଙ୍କ ମସ୍ତିଷ୍କମାନଙ୍କ ମଧ୍ୟରେ ଥିବା ବିଭେଦତା। ଉଦାହରଣସ୍ୱରୂପ, ଅଭ୍ୟାସଗତ ଭାବେ ମିଛ କହୁଥିବା ଅସାମାଜିକମାନଙ୍କ ସମ୍ବେଦନଶୀଳତା କମ୍ ଥାଏ। ଏଣୁ ମିଛ କହିଲାବେଳେ ସେମାନେ ଉପରୋକ୍ତ ମନସ୍ତାତ୍ତ୍ୱିକ ଲକ୍ଷଣମାନ ବିଶେଷ ପ୍ରଦର୍ଶନ କରନ୍ତି ନାହିଁ। ମିଥ୍ୟାବାଦୀମାନଙ୍କୁ ଶାନ୍ତ ରହିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ସେମାନେ ପଲିଗ୍ରାଫ୍ ପରୀକ୍ଷାରେ ଧରାପଡ଼ନ୍ତି ନାହିଁ। କିନ୍ତୁ କିଛି ସାଧାରଣ ନିରୀହ ଲୋକଙ୍କଠାରେ ଏହା କରାଗଲା ବେଳେ ସେମାନଙ୍କଠାରେ ଉକ୍ତ ଲକ୍ଷଣମାନ ପ୍ରକଟିତ ହୁଏ। ଏହି କାରଣରୁ ନ୍ୟାୟାଳୟମାନଙ୍କରେ ପଲିଗ୍ରାଫ୍ ଫଳାଫଳକୁ ଗ୍ରହଣ କରାଯାଉନାହିଁ।

ଅନ୍ୟପକ୍ଷରେ ମସ୍ତିଷ୍କର ଆଭ୍ୟନ୍ତାରଣ ଚିତ୍ର (ବ୍ରେନ୍ ଇମେଜିଂ) ଅଧ୍ୟୟନ ମିଛ ପ୍ରତି ଶରୀରର ପ୍ରତିକ୍ରିୟା ସମ୍ପର୍କରେ ଅଧିକ ନିର୍ଭରଯୋଗ୍ୟ ସୂଚନା ମିଳିଥାଏ। ଏଥିରୁ ଉଦ୍‌ବେଗର ଲକ୍ଷଣମାନ ଜାଣିହୁଏ। କାରଣ ମିଛ କହିବା ମସ୍ତିଷ୍କର 'ଲିମ୍ବିକ୍' ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରେ। ଏବର ଅଂଶଟି ମାନସିକ ସମୟରେ 'ଲଢ଼ ବା ପଳାୟନ କର' ପ୍ରତିକ୍ରିୟା ପାଇଁ ଦାୟୀ। ମିଛ କହୁ ନ ଥିବା ଲୋକଠାରେ ଏହା କମ୍ କ୍ରିୟାଶୀଳତା ପ୍ରଦର୍ଶନ କରେ। କିନ୍ତୁ ମିଛ କହିବାକୁ ଲାଗିଲେ ଏହା ହଠାତ୍ ବିସ୍ଫୋରିତ ହୋଇଉଠେ। ଏଣୁ ଜଣେ ସଚ୍ଚୋଟ ଲୋକର ମସ୍ତିଷ୍କ ତୁଳନାତ୍ମକ ଭାବେ ଶାନ୍ତ ରହିଲା ବେଳେ ମିଥ୍ୟାବାଦୀ ଅସାଧୁ ଲୋକର ତାହା ଉତ୍ତେଜିତ ଥାଏ।

କଲମ୍ବିଆ ବିଶ୍ୱବିଦ୍ୟାଳୟର କାର ଗ୍ରସ୍ମାର୍ଭାରିସ୍ ଓ ଭର୍ଜିନିଆ ମେଡିକାଲ ସ୍କୁଲର ଡାଭିସ୍ ଏ. ଜନସନ୍ ଏବେ ମିଛ ପ୍ରତି ଏପ୍ରକାର ପ୍ରତିକ୍ରିୟାକୁ ଅନ୍ତନଳୀ ମସ୍ତିଷ୍କ ସହ ସଂପର୍କ ଥିବାର କହିଛନ୍ତି। ଏହା ହେଲା ଆମ ଶରୀରର ଦୁଇପ୍ରାନ୍ତରେ ଥିବା ଏବର ଅଂଗ ଦୁଇଟି ମଧ୍ୟରେ ଦ୍ୱିପାକ୍ଷିକ ଯୋଗାଯୋଗ। ଏ ପ୍ରତିକ୍ରିୟା ବାନ୍ତି ଲାଗିବାଠାରୁ ଦୁଶ୍ଚିନ୍ତା ବୃଦ୍ଧି ପର୍ଯ୍ୟନ୍ତ ନାନାରୂପେ ପ୍ରକଟିତ ହୁଏ। ଦୀର୍ଘକାଳ ଧରି ମିଛ କହିବାର ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲା ଉଚ୍ଚ ରକ୍ତଚାପ, ହୃତ୍ସ୍ପନ୍ଦନ ହାର ବୃଦ୍ଧି, ରକ୍ତନାଳୀ ସଂକୋଚନ, ରକ୍ତରେ ଚାପହରମୋନ କୋର୍ଟିସଲ୍‌ର ମାତ୍ରା ବୃଦ୍ଧି। କିନ୍ତୁ ଅନ୍ୟପକ୍ଷରେ ଦୀର୍ଘଦିନ ଧରି ମିଛ କହିବାର ଅଭ୍ୟସ୍ତ ହୋଇଗଲେ ଏସବୁ ଲକ୍ଷଣ କ୍ରମେ ହ୍ରାସପାଏ। କାରଣ ସେମାନଙ୍କଠାରେ ଏହା ସହ୍ୟ କରିବାରେ ଶକ୍ତି ବିକଶିତ ହୁଏ। ପଲିଗ୍ରାଫ୍‌ରେ ମଧ୍ୟ ସେମାନେ ଧରାପଡ଼ନ୍ତି ନାହିଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନୂଆପଡ଼ାରେ ଅଣ୍ଡାଭିଡ଼ିଲା କଂଗ୍ରେସ

# ଗାଁ ଗାଁ ଯାଇ ଭୋଟ ଭିକ୍ଷା କରିବି: ଭକ୍ତ

ଭୁବନେଶ୍ୱର, ୬।୧୦(ସମିସ): ନୂଆପଡ଼ାରେ ନ୍ୟାୟ ଯାତ୍ରା ଆରମ୍ଭ କରିଛି କଂଗ୍ରେସ। ଏହି ଅବସରରେ ଖରିଆର ନ୍ୟାୟ ସମାବେଶ ଆୟୋଜନ କରାଯାଇଥିବା ବେଳେ ଏଠାରେ ଭକ୍ତ ପରୋକ୍ଷରେ ଘାସିରାମ ମାଝୀଙ୍କୁ ନୂଆପଡ଼ା ଉପନିର୍ବାଚନର ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ସେ ଏହି ସଭାକୁ ସମ୍ବୋଧନ କରି କହିଛନ୍ତି




### ବିଜେପି ଛାଡ଼ି କଂଗ୍ରେସରେ ମିଶିଲେ ଯୁବ କର୍ମୀ ଓ ନେତା

ଯେ ନୂଆପଡ଼ା ମାଟିର ପୁଅ ଉଦୀୟମାନ କଂଗ୍ରେସ ନେତା ଘାସିରାମ ମାଝିଙ୍କ ବଳିଷ୍ଠ ନେତୃତ୍ୱରେ ଆମେ ଶ୍ରମିକ, ବଞ୍ଚିତ, ଦଳିତ ଏବଂ ଆଦିବାସୀଙ୍କ ନ୍ୟାୟର ଲଢେଇ କରିବୁ। ଅଧିକାରରୁ ବଞ୍ଚିତ ହେଉଥିବା ସମସ୍ତଙ୍କ ନ୍ୟାୟ ପାଇଁ ଲଢେଇ ହେଉଛି ରାହୁଲ ଗାନ୍ଧୀଙ୍କ ପ୍ରତିଜ୍ଞା। ଭୋଟ ଚୋରି ଗତ ନିର୍ବାଚନରେ ହୋଇଥିଲା। ଓଡ଼ିଶାରେ ମଧ ହୋଇଛି। କାରଣ ବିଜେଡିର ୫୦ରୁ ଉର୍ଦ୍ଧ୍ୱ ବିଧାୟକ ନିର୍ବାଚନ ଜିତିବା ସତ୍ତ୍ୱେ କେମିତି ଗୋଟିଏ ମଧ ଏମ୍‌ପି ସିଟ ବିଜେଡି ଜିତିଲା ନାହିଁ। ଏଥିରୁ ଭୋଟ ଚୋରି ସ୍ପଷ୍ଟ ପ୍ରମାଣିତ ହେଉଛି। ତେଣୁ ଲୋକଙ୍କୁ ଭୋଟ ଚୋରି ବିଷୟରେ ସଜାଗ କରିବା ପାଇଁ କଂଗ୍ରେସ ବିରାଟ ଦସ୍ତଖତ ଅଭିଯାନ ପଞ୍ଚାୟତରୁ ସହର ପର୍ଯ୍ୟନ୍ତ ଆରମ୍ଭ କରିଛି ବୋଲି ଭକ୍ତ କହିଛନ୍ତି। ସେହିପରି, ଅନ୍ୟ ଦଳ ଭଳି କଂଗ୍ରେସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବ ନାହିଁ। ଆମେ ଗାଁ ଗାଁ ଯାଇ ଭୋଟ୍ ଭିକ୍ଷା କରିବୁ, ଲୋକଙ୍କ ସହିତ ମିଶିବୁ ବୋଲି ଭକ୍ତ କହିଛନ୍ତି। କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା। ଆମେ ସମସ୍ତେ ମିଶି ଲଢ଼େଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବୁ ବୋଲି ପିସିସି ସଭାପତି ତାଙ୍କ ବକ୍ତବ୍ୟ ରଖିଥିଲେ। ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ନ୍ୟାୟ ସମାବେଶରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

## ଥମୁନି ସୁନା, ରୁପା ଦର ବୃଦ୍ଧି

# ସୁନା ୧.୨୦ ଲକ୍ଷ, ରୁପା କିଲୋ ୧.୬୫ ଲକ୍ଷ

ଭୁବନେଶ୍ୱର,୬।୧୦(ଏଜେନ୍ସି): ଘରୋଇ ବଜାରରେ ଉପରମୁହାଁ ସୁନା ଓ ରୁପା ଦର। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପ୍ରଥମ ଥର ପାଇଁ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତରରେ ୧୦ ଗ୍ରାମ ପିଛା ୧.୨୦ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକାରେ ମାନ୍ଦାବସ୍ଥା ଆଶଙ୍କା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୧.୬୫ ଲକ୍ଷ ଟଙ୍କା ଟପିଛି।

ଚଳିତ ବର୍ଷ ସୁନା ଦର ଏଭଳି ବୃଦ୍ଧି ପାଇଛି ଯେ, ଇତି ମଧ୍ୟରେ ୪୦ ଥର ଏହା ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ବିଶ୍ୱର ଅନେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନିରନ୍ତର ସୁନା କ୍ରୟ କରିବା। ଗତ ୨୮ ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୨୭ଥର ସୁନା କିଣିଛନ୍ତି। ଅଗଷ୍ଟରେ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୧୫ ଟନ୍ ସୁନା କିଣିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି , କାଜାଖସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ ଗତ ଅଗଷ୍ଟ ମାସରେ ବିଶ୍ୱ ରିଜର୍ଭର ଅଧା ସୁନା କିଣିନେଇଛି, ଯାହାର ପରିମାଣ ୮ ଟନ୍ ହେବ। ଫଳରେ କାଜାଖସ୍ତାନର ସୁନା ଭଣ୍ଡାର ୩୦୮ ଟନ୍ ରେ ପହଞ୍ଚିଛି। ବୁଲଗେରିଆ, ତୁର୍କୀ ଏବଂ ଚୀନର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ପ୍ରତ୍ୟେକ ୨ ଟନ୍ ସୁନା କିଣିଛନ୍ତି। ଚୀନର କେନ୍ଦ୍ରୀୟ ବ୍ୟାଙ୍କ ଲଗାତାର ୧୦ମ ମାସ ପାଇଁ ସୁନା କିଣିଛି। ଏହିପରି ଭାବେ ଚୀନର କେନ୍ଦ୍ରୀୟ ବ୍ୟାଙ୍କର ସୁନା ଭଣ୍ଡାର ପ୍ରଥମ ଥର ପାଇଁ ୨୩୦୦ ଟନ୍ ଅତିକ୍ରମ କରିଛି। ତଥାପି, ସୁନା ସଂରକ୍ଷଣରେ ଆମେରିକା ଆଗରେ ରହିଛି। ବିଶ୍ୱର ସର୍ବବୃହତ ଅର୍ଥନୀତିର କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ୮୧୩୩ ଟନ୍ ସୁନା ରହିଛି। ଆଶ୍ଚର୍ଯ୍ୟଜନକ



- ଭାଙ୍ଗିଲା ସବୁ ରେକର୍ଡ
- ଅଧା ସୁନା କିଣି ନେଲା କାଜାଖସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ

ଭାବରେ ଗତ ୨୫ ବର୍ଷ ମଧ୍ୟରେ ଆମେରିକାର ସୁନା ସଂରକ୍ଷଣ ଅପରିବର୍ତ୍ତିତ ରହିଛି। ନିବେଶ ଲାଗି ସୁରକ୍ଷିତ ମାଧ୍ୟମ ହେବା ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଚୁର ମାତ୍ରାରେ ସୁନା କ୍ରୟ ଏହି ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ଆଜି ନୂଆଦିଲ୍ଲୀର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୦,୭୭୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୧୦,୭୦୦ ଟଙ୍କା ହୋଇଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୨୦,୬୪୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୧୦,୭୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୬୫,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି।

# ପୂର୍ଣ୍ଣଗର୍ଭା ହେଉଛି ହୀରାକୁଦ

ସମ୍ବଲପୁର, ୬।୧୦ (ସମିସ) : ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଗତ କେଇଦିନ ମଧ୍ୟରେ ଦୁଇଥର ଜଳସ୍ତର ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଏହି ସ୍ତର ବଜାୟ ରଖିବାକୁ ଉଦ୍ୟମ କରାଯାଉଛି। ଆଜି ସକାଳ ୬ଟା ବେଳେ ମାତ୍ର ୩ଟି ଗେଟ୍ ଖୋଲାଥିବା ବେଳେ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ ହେଉଛି। ଜଳସ୍ତର ସର୍ବୋଚ୍ଚ କ୍ଷମତା ପାଖାପାଖି ଥିବା ବେଳେ ସମ୍ପ୍ରତି ୯ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି।

ସୋମବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୬ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୯ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ

### ଜଳସ୍ତର ୬୨୯.୮୧ ଫୁଟ୍

ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୯୫,୯୯୫ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୮୩,୨୮୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୪୭,୮୧୬ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୬୫୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୩,୩୨୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୪.୧୪ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୫.୭୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଶିଶୁକନ୍ୟାକୁ ଦୁଷ୍କର୍ମ, ଯୁବକ ଅଟକ

ଜଳେଶ୍ୱର ବ୍ଲକ, ୬।୧୦ (ସମିସ): ଜଳେଶ୍ୱର ଅଞ୍ଚଳରେ ପୁଣି ଲଜ୍ଜା। ୬ ବର୍ଷର ଏକ ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ନିତ୍ୟଗୋପାଳ ସାହୁ (୩୫) ନାମକ ଯୁବକକୁ ଅଟକ ରଖି ପଚରାଉଚରା ଚଳାଇଛି। ଘରେ କେହି ନଥିବାରୁ ସୁଯୋଗ ନେଇ ଶିଶୁକନ୍ୟାକୁ ଅଭିଯୁକ୍ତ ଯୁବକ ଉଠାଇନେଇ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ମା' ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତକୁ ଧରି ଥାନାରେ ଅଟକ ରଖିଥିବାବେଳେ ଶିଶୁକନ୍ୟାକୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛି।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Dinesh Kumar S/o Ramhet Prasad Tripathi, Resident of At-Qtr No B2, Jindal Nagar, Chhendipada Road, Nisha, Angul, PIN-759111, Odisha declare by this affidavit No.1832 dtd 06.10.2025 that now on-wards I shall be known as **DINESH KUMAR TRIPATHI** for all future purposes.

**AFFIDAVIT**
By Virtue of an affidavit before Executive Magistrate, Angul. **I, Manas Ranjan Pahadasingh,** S/o.: Late Manamohan Pahadasingh, Permanent & Current Address At/PO: Nuahata, P.S.: Banarpal, Dist: Angul (Odisha)-759128, have changed my minor Daughter's name from Saipriyanshi Pahadsingh to **Sushree Saipriyanshi Pahadsingh.** Henceforth she will be known as **Sushree Saipriyanshi Pahadsingh** for all purposes.

**NOTICE**
By virtue of an affidavit sworn before The Notary Public, Sunabeda dated 03/10/2025 I, Smt. Amarabati Hantal, D/o- Balaram Hantal, Vill.-Kularsing, PO.- Kularsing, PS.- Padwa, District-Koraput declare that I have changed my name from **Amara Hantal** to **Amarabati Hantal**. Henceforth, I shall be known as **Amarabati Hantal** for all purposes.
Sd/- **Amarabati Hantal**

**NOTICE**
(Above 18 years of age)
By Virtue of an Affidavit sworn before the Notary Public, Udala, Mayurbhnaj, dated 02.09.2025, I, Golapi Singh, Address At- Mahalibasa, Po-Chandrapur, Ps- Khunta, Dist-Mayurbhanj, Pin- 757075 declare that I have changed my name Solapi Simgh to Golapi Singh. Henceforth I shall be known as Golapi Singh for all purposes.
**Golapi Singh**

**AFFIDAVIT**
By virtue of an affidavit (Sl No. 2413, date- 06/10/2025) before the Notary Public, Kantabanji. I, **Kousar Bano,** W/o Abdul Hamid, resident of Shivaji Nagar, Kantabanji, PO/PS- Kantabanji, Dist-Balangir, PIN- 767039, Odisha declare that, the name **Kousar Bano, W/o- Abdul Hamid** and **Kaushar Bano, W/o- Abdul Hamid Khan** is one and same lady who is related to me only.

**AFFIDAVIT**
By virtue of an affidavit CF No.11, dtd. 16.09.2025 before the Executive Magistrate Bhubaneswar, I, Mita Nayak, W/o- Laxmidhar Nayak, At-Bayababa Basti, PO- Bhoi Nagar, PS - Sahid Nagar, Bhubaneswar - 751022, Dist.- Khordha have changed my minor daughter's name from Sroswati Nayak to Nandini Nayak. Henceforth, she will be known as **Nandini Nayak** for all purposes.
**Sd/- Mita Nayak**

**AFFIDAVIT**
By virtue of an affidavit before the Executive Magistrate, I, KM PRABHA VATI SHARMA, D/O- Rampukar Sharma, W/O- Shiv Shakti Sharma, resident of At- Plot No. 64/1631, Shree Kshetra Nagar, Kesura, PO- Bankual, PS-Saheednagar, Bhubaneswar, Dist – Khordha, Odisha, Pin – 751002, declare by this affidavit No. 15AA 274132 dated 22nd Sep 2025 that now onwards I shall be known as **PRABHAWATI SHARMA** for all future purposes.

**NOTICE**
By virtue of an affidavit sworn before The Notary Public, Sunabeda dated 03/10/2025 I, Sri Paramananda Sisa, S/o- Bandhu Sisa, Vill.-Tansing, PO.- Kularsing, PS.- Padwa, District-Koraput declare that I have changed my sons name from **Kabuna Sisa** to **Babuni Sisa**. Henceforth, my son shall be known as **Babuni Sisa** for all purposes.
Sd/- **Paramananda Sisa**

**AFFIDAVIT**
By virtue of an affidavit sworn before Notary Public, Bhubaneswar, on dated 06.10.2025 I, SK MOBARAK ALLI, S/o- Sk Ataulla, aged about 63 years, permanent resident of Merza Patti, PO: Gujidarada, PS: Bhadrak, Dist: Bhadrak - 756128, Odisha (Aadhaar No:8571 5012 7376), do hereby declare that I have changed my name from HAPIZ M.D MOBARAK ALLI to SK MOBARAK ALLI. Henceforth,I shall be known as **SK MOBARAK ALLI** for all purposes.
**Sd/- SK MOBARAK ALLI**

**AFFIDAVIT**
I, **Mamata Rani Paikaray,** D/o: Jagabandhu Biswal, W/o- Bhaskar Chandra Paikaray resident of Vill: Baghamunda, P.O.: Nuagaon Badabhuin, P.S.: Brahmagiri, Dist.: Puri, Pin-752011, Odisha declare by this affidavit No. 6381, dated: 04.10.2025, that now onwards I shall be known as **Mamata Paikaray** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଢୋଲ ଭିତରେ...

ଚାକିରି ଦେବାକୁ ଟଙ୍କା ନେଇଥିବା ଲୋକମାନେ କୁଆଡ଼େ ଗଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଏହି ଟଙ୍କା ଶଙ୍କର ପୃଷ୍ଟି ପାଖରେ ଅଛି ନା ଏଥିରୁ ଆଉ କିଏ ଭାଗ ନେଇଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି।

ସେହିପରି ଶଙ୍କରର ମହାରାଷ୍ଟ୍ର ଲିଙ୍କ୍ ଆସିବା ପରେ କ୍ରାଇମ୍‌ବ୍ରାଞ୍ଚ ଏକ ଟିମ୍ ସେଠାକୁ ତଦନ୍ତ ପାଇଁ ଯାଇଥିବା ଜଣାପଡ଼ିଛି। ସେଠାରେ ଥିବା ଶଙ୍କରର ଏକ ଘରେ ଚଢଉ କରାଯାଇଥିଲେ ବି ସେପରି କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କ୍ରାଇମବ୍ରାଞ୍ଚ ପାଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେଣୁ ଚଢ଼ଉ ସମ୍ପର୍କରେ ଶଙ୍କର ପୃଷ୍ଟିକୁ ଆଗୁଆ ସୂଚନା ମିଳିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି। ଏପଟେ ଶଙ୍କର ସହ ଯୋଗସୂତ୍ରରେ ଥିବା ଅନେକ ବ୍ୟକ୍ତିଙ୍କ ସୂଚୀ କ୍ରାଇମବ୍ରାଞ୍ଚ ପ୍ରସ୍ତୁତ କରିଛି। ତାର ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ବେଳେ ବିପୁଳ ଅର୍ଥ କାରବାର ହୋଇଥିବା କ୍ରାଇମବ୍ରାଞ୍ଚ ସୂଚନା ପାଇଛି। ତାର ଆକାଉଣ୍ଟକୁ ଟଙ୍କା ପଠାଇଥିବା ବ୍ୟକ୍ତିମାନେ କିଏ ତାହାର ଅନୁସନ୍ଧାନ କରାଯାଉଛି।

ତେବେ ନିଯୁକ୍ତି ବେପାରରେ ୩ଟି ପ୍ରଶ୍ନ ସମ୍ପର୍କରେ ଓପିଆର୍‌ବିର ନିରବତା ଅନେକ ସନ୍ଦେହ ସୃଷ୍ଟି କରିଛି। ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍ ଓପିଆର୍‌ବି ସହ ଚୁକ୍ତିବଦ୍ଧ ହୋଇଥିବାବେଳେ କେଉଁ ପରିସ୍ଥିତିରେ ସିଲିକନ୍ ଟେକ୍‌ଲାବ୍‌କୁ ସବ୍‌ଲେଟ୍ କରାଗଲା ତାହା ଏଯାଏ ସ୍ପଷ୍ଟ ହୋଇପାରି ନାହିଁ। ସେହିପରି ସବ୍‌ଲେଟ୍ ପାଇଥିବା ସିଲିକନ୍ ଟେକ୍‌ଲାବ୍ ଅନ୍ୟ ଏକ ଅଖ୍ୟାତ ସଂସ୍ଥା ପଞ୍ଚସପ୍ଟକୁ ସବ୍‌ଲେଟ୍ ବେଳେ କିଏ ଏଥିପାଇଁ ଅନୁମତି ଦେଇଥିଲା ସେ ସମ୍ପର୍କରେ ଓପିଆର୍‌ବି ମୁହଁ ଖୋଲୁ ନାହିଁ। ଏ ସମ୍ପର୍କରେ ଓପିଆର୍‌ବି ଏକତରଫା ନିଷ୍ପତ୍ତି ନେଇଥିଲା ନା ସରକାରରୁ ଏଥିପାଇଁ ଅନୁମତି ନିଆଯାଇଥିଲା ତାହା ବି ସ୍ପଷ୍ଟ ନୁହେଁ। ଏହି ପରିପ୍ରେକ୍ଷୀରେ ଆଇଟିଆଇ କାହିଁକି ନିରବତା ଅବଲମ୍ବନ କରୁଛି ଓ ଓପିଆର୍‌ବି ନିଜ ଭୂମିକା କାହିଁକି ସ୍ପଷ୍ଟ କରୁନାହିଁ ତାହା ବି ଜଣାପଡୁ ନାହିଁ।

### ଦୁଇ ପର୍ଯ୍ୟାୟରେ...

ସଂପନ୍ନ ହେବ। ସେ କହିଲେ ଯେ ୨୨ ବର୍ଷ ପରେ ବିହାରରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ସଫଳତା ସହିତ ସଂପନ୍ନ ହୋଇଛି। ଏବେ ରାଜ୍ୟରେ ଭୋଟର ସଂଖ୍ୟା ୭ କୋଟି ୪୩ ଲକ୍ଷ ଥିବା ବେଳେ ୧୪ ଲକ୍ଷ ଭୋଟର ପ୍ରଥମ ଥର ଲାଗି ମତଦାନ କରିବେ।

ଏହାସହିତ ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଆସନ୍ତା ମାସ ୧୧ ତାରିଖରେ ଉପନିର୍ବାଚନ ହେବ। ଏହାର ଫଳାଫଳ ମଧ୍ୟ ୧୪ ତାରିଖରେ ଘୋଷଣା କରାଯିବ।

ସୂଚନାଯୋଗ୍ୟ ଯେ ବିହାରରେ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍‌କୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବିଭିନ୍ନ ବିରୋଧୀ ଦଳ ଏହାର ବିରୋଧ କରି ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟରେ ଏହାର ବିଚାର ଚାଲିଛି। ସଂଶୋଧନ ପ୍ରକ୍ରିୟା ।।ରେ ୬୮ ଲକ୍ଷ ୬୬ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୨୧ ଲକ୍ଷ ୫୩ ହଜାର ଭୋଟରଙ୍କ ନାମ ଯୋଡ଼ା ହୋଇଛି। ୨୦୨୪ରେ ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୭ କୋଟି ୮୯ ଲକ୍ଷ ଥିବା ବେଳେ ଏବେ ଏହା ୭ କୋଟି ୪୩ ଲକ୍ଷକୁ ହ୍ରାସ ପାଇଛି।

### ୧୧ରେ ନୂଆପଡ଼ା...

ତାରିଖ ଧାର୍ଯ୍ୟ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍. ସନ୍ଥଗୋପାଳନ୍ ତାରିଖ ଘୋଷଣା କରିବା ପରେ ଆଜିଠାରୁ ଆଚରଣ ବିଧି ଲାଗୁ ହୋଇଛି। ଏହା ସହ ନିର୍ବାଚନକୁ ସ୍ୱଚ୍ଛ ଏବଂ ଶୃଙ୍ଖଳିତ କରିବା ପାଇଁ ସମସ୍ତ ବୁଥରେ ୱେବ କାଷ୍ଟିଂ କରାଯିବ ବୋଲି ସିଇଓ ସୂଚନା ଦେଇଛନ୍ତି।

ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋପାଳନ କହିଛନ୍ତି ଯେ ନୂଆପଡା ବିଧାନସଭା ଉପନିର୍ବାଚନରେ ମୋଟ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ତନ୍ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୦୩ ପୁରୁଷ, ୧ ଲକ୍ଷ ୨୬ ହଜାର ୧୩୨ ମହିଳା ଅଛନ୍ତି। ସେହିପରି ମୋଟ ଭୋଟରଙ୍କ ମଧ୍ୟରେ ୪ ହଜାର ଭିନ୍ନକ୍ଷମ ଏବଂ ୨୦୦୭ ଜଣ ୮୫ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଅଛନ୍ତି। ମୋଟ ୩୫୮ ମତଦାନ କେନ୍ଦ୍ରରେ ମତଦାନ ହେବ। ଏହି ଉପନିର୍ବାଚନରେ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଇଭିଏମ ଏବଂ ଭିଭିପାଟ୍ ର ବ୍ୟବସ୍ଥା କରାଯାଇଛି। ଆବଶ୍ୟକୀୟ ସଂଖ୍ୟକ ଇ.ଭି. ଏମ ଅର୍ଥାତ୍ ମତଦାନ କେନ୍ଦ୍ର ସଂଖ୍ୟାର ୨୦୦ ପ୍ରତିଶତ ଯଥା ୭୨୦ ବାଲଟ୍ ୟୁନିଟ୍, ୭୨୦ କଣ୍ଟ୍ରୋଲ ୟୁନିଟ୍ ଏବଂ ୭୨୦ ଭି.ଭି.ପାଟ୍ ପୂର୍ବରୁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ପାଖରେ ଉପନିର୍ବାଚନରେ ବ୍ୟବହାର ପାଇଁ ଉପଲବ୍ଧ ଅଛି। ୮୫ ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମ ଭୋଟର (ଇ-ରୋଲରେ ଚିହ୍ନିତ) ଭୋଟର ମାନଙ୍କୁ ୧୨-ଡି ଫର୍ମ (ଅର୍ଥାତ୍ ଆବେଦନ ଫର୍ମ) ବଣ୍ଟନ କରାଯିବ। ଯାହା ସେମାନଙ୍କୁ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ ଭୋଟ ଦେବାର ବିକଳ୍ପ ବ୍ୟବହାର କରିବାରେ ସାହାଯ୍ୟ କରିବ। ସେହିପରି ଏଜେଣ୍ଟମାନେ ବୁଥ ଭିତରକୁ ମୋବାଇଲ ନେଇପରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡଃ ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସିଜେଆଇଙ୍କୁ ଜୋତା...

କରି ନେଇ ତାଙ୍କୁ ବାହରକୁ ନେଇଯାଇଥିଲେ। ସନାତନ ଧର୍ମର ଅପମାନ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ଲୋଗାନ ଦେଉଥିବା ଶୁଣିବାକୁ ମିଳିଥିଲା। ତେବେ ପ୍ରଧାନ ବିଚାରପତି ଉପସ୍ଥିତ ଓକିଲଙ୍କୁ ଯୁକ୍ତି ଉପସ୍ଥାପନ ଜାରି ରଖିବାକୁ କହିଥିଲେ। ଏଭଳି ଘଟଣାରେ ବିଚଳିତ ନ ହେବାକୁ ସେ ପରାମର୍ଶ ଦେଇଥିଲେ।। ମୁଁ ମଧ୍ୟ ଏଥିରେ ଆଦୌ ବିଚଳିତ ନୁହଁ ବୋଲି ସେ କହିଥିଲେ।

ଏହାପରେ ଉକ୍ତ ଓକିଲଙ୍କୁ ପୁଲିସ ଥାନା ନେଇ ତିନି ଘଣ୍ଟା ଧରି ପଚରାଉଚରା କରିଥିଲା। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଛାଡ଼ି ଦିଆଯାଇଛି। ଅନ୍ୟପକ୍ଷରେ ବାର କାଉନସିଲ ତାଙ୍କର ଲାଇସେନ୍ସକୁ ରଦ୍ଦ କରିଛି। ଏଭଳି ଆକ୍ରମଣ ଘଟଣାର ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ସନ୍ଧ୍ୟାରେ ଜଷ୍ଟିସ ଗଭାଇଙ୍କୁ ଫୋନ୍ କରି ଉଦ୍‌ବେଗ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ଏହି ଘଟଣା ପ୍ରତ୍ୟେକଟି ଭାରତୀୟ ନାଗରିକଙ୍କୁ ବ୍ୟଥିତ କରିଥିବା ସେ କହିଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ମଧ୍ୟ ଏହାର ନିନ୍ଦା କରି ଏହାକୁ ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ ବୋଲି କହିଛନ୍ତି। ସମସ୍ତେ ଏକାଠି ହୋଇ ଏହାର ନିନ୍ଦା କରିବା ଉଚିତ।

ଉଲ୍ଲେଖଥାଉ କି, ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ମଧ୍ୟପ୍ରଦେଶର ଖଜୁରାହୋରେ ଭଗବାନ ବିଷ୍ଣୁଙ୍କ ୭ ଫୁଟ ଉଚ୍ଚର ମୂର୍ତ୍ତିର ପୁନଃସ୍ଥାପନ ନେଇ ଦେଇଥିବା ମନ୍ତବ୍ୟରେ ଓକିଲ ଜଣକ ଅସନ୍ତୁଷ୍ଟ ଥିଲେ। ଭଗବାନ ବିଷ୍ଣୁଙ୍କ ଏହି ଖଣ୍ଡିତ ମୂର୍ତ୍ତିର ପୁନଃସ୍ଥାପନ ନେଇ ହୋଇଥିବା ଆବେଦନକୁ ସେ ଖାରଜ କରି ଆବେଦନକାରୀଙ୍କୁ କହିଥିଲେ ଯେ, ଯାଅ ଭଗବାନକୁ କୁହ ସେ ନିଜ ମୂର୍ତ୍ତି ନିଜେ ଠିକ୍ କରନ୍ତୁ। କେବଳ ପ୍ରଚାର ପାଇଁ ଏଭଳି ଆବେଦନ କରନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଟ୍ରୋଲିଂ ହେବାରୁ ଜଷ୍ଟିସ ଗଭାଇ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କର ମନ୍ତବ୍ୟକୁ ସାମାଜିକ ଗଣମାଧ୍ୟମରେ କଦର୍ଥ କରାଯାଇଛି। ମୁଁ ସବୁ ଧର୍ମକୁ ସମ୍ମାନ କରେ ବୋଲି ସେ କହିଥିଲେ। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟକୁ ଅତିରଞ୍ଜିତ କରାଯାଇଥିଲା ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ କହିଥିଲେ।

### ଗର୍ଜିଲା ବିଜୁ ଯୁବ...

ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉଥରେ ବାତିଲ କରାଯାଇଛି। ଏହି ନିଯୁକ୍ତି ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୁଲିସ ଦ୍ୱାରା ଗିରଫ କରାଯାଇଛି। ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ଗିରଫ ପରୀକ୍ଷାର୍ଥୀମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଏହି ନିଯୁକ୍ତି ଜାଲିଆତିରେ ପ୍ରାୟ ୨୦୦ କୋଟି ଟଙ୍କା କାରବାର ହୋଇଥିବା କୁହାଯାଉଛି। ତେବେ ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀମାନେ ଯଦି ଗିରଫ ହେଲେ; ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି। ବିଶେଷକରି କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସପ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭିଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପ୍ରଶ୍ନ କରିଛି। ଏବେ ଘଟଣାର ତଦନ୍ତ ପୁଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ଅଛନ୍ତି। ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବାବେଳେ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼େଇ, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଉ ୨୪ ଘଣ୍ଟା...

ଘଣ୍ଟା ବାକି ରହିଛି। ଆସନ୍ତାକାଲି ପ୍ରଶାସନର ସମୀକ୍ଷା ବୈଠକ ପରେ କର୍ଫ୍ୟୁ ସଂପର୍କରେ ନିଷ୍ପତ୍ତି ନିଆଯିବ। ଅପରପକ୍ଷେ, ଇଣ୍ଟରନେଟ୍ ସେବାକୁ ଅଧିକ ୨୪ଘଣ୍ଟା ପାଇଁ ଅଚଳ କରିଦିଆଯାଇଛି। ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ମିଳିତ ତତ୍ତ୍ୱାବଧାନରେ ୬୦ ପ୍ଲାଟୁନ୍ ପୁଲିସ ଫୋର୍ସ ସହରକୁ ଜଗି ରହିଛନ୍ତି। ବିଶେଷକରି ଦରଘାବଜାର ଥାନା, ମଙ୍ଗଳାବାଗ ଥାନା, ଲାଲବାଗ ଥାନା, ପୁରୀଘାଟ ଥାନା, ବିଡ଼ାନାସୀ ଥାନା, ମର୍କତନଗର ଥାନା, ସିଡିଏ ଫେଜ୍-୨ଥାନା, କ୍ୟାଣ୍ଟନ୍‌ମେଣ୍ଟ ଥାନା, ମାଲଗୋଦାମ ଥାନା, ବାଦାମବାଡ଼ି ଥାନା, ଜଗତପୁର ଥାନା, ୪୨ମୌଜା ଥାନା ଏବଂ ସଦର ଥାନା ଅଞ୍ଚଳକୁ କମିଶନରେଟ୍ ପୁଲିସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖିଛି। ଆଜି ସନ୍ଧ୍ୟା ସୁଦ୍ଧା ପୁଲିସ ମୋଟ୍ ୩ଟି ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରିଛି। ମୋଟ୍ ୧୩ଟି ଥାନା ଅଞ୍ଚଳରୁ ୩୦୦ରୁ ଅଧିକ କର୍ଫ୍ୟୁ ଆଇନ ଉଲ୍ଲଙ୍ଘନକାରୀଙ୍କୁ ପୁଲିସ ଅଟକ ରଖିଛି। ତେବେ କର୍ଫ୍ୟୁର ବାକି ୧୨ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଦରଘାବଜାର ଅଞ୍ଚଳରେ ମୋଟ୍ ୫ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଉପଦ୍ରବକାରୀ ଆଇନକୁ ହାତକୁ ନନେବାକୁ ପୁଲିସ କମିଶନର ଶ୍ରୀ ସିଂ କଡ଼ା ଚେତାବନୀ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ଲାଗୁ ହୋଇଥିବା ସାନ୍ଧ୍ୟା ଆଇନକୁ ଉଲ୍ଲଙ୍ଘନ କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନାନୁସାରେ, ଆଜି ସହରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରି ଦିଆଯାଇଥିଲା। ସଂଘବଦ୍ଧ ଭାବେ ସହର ମଧ୍ୟକୁ ପ୍ରବେଶ ବା ପ୍ରସ୍ଥାନ କରିବାକୁ ଅନୁମତି ମିଳି ନଥିଲା। କେବଳ ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବାକୁ ବନ୍ଦ ରଖାଯାଇଥିଲା। ଆଜି ପୁଣିଥରେ କମିଶନରେଟ୍ ପୁଲିସ ଓ ଅର୍ଦ୍ଧସାମରିକ ବଳ ପକ୍ଷରୁ ଦରଘାବଜାର ଥାନା ନିକଟରୁ ଏକ ଫ୍ଲାଗମାର୍ଚ୍ଚ ବାହାରି କଦମରସୁଲ, ଦରଘାବଜାର, ନିମସାହି, ଝୋଲାସାହି, କାଠଗଡ଼ା ସାହି ପରିକ୍ରମା କରି ଦରଘା ବଜାର ଥାନା ନକଟରେ ଶେଷ ହୋଇଥିଲା। ଥାନାୱାରୀ ଆଇଆଇସିମାନେ ୨ଟି ସ୍କ୍ୱାଡ୍ ସହ ନିଜ ନିଜ ଅଞ୍ଚଳରେ ସ୍ୱତନ୍ତ୍ର ପାଟ୍ରୋଲିଂ କରିଥିଲେ। ପ୍ରମୁଖ ଛକ, ଗଳି ଏବଂ ମୁଖ୍ୟ ରାସ୍ତା ଗୁଡ଼ିକରେ ପୁଲିସ ଛାଉଣୀ ଦେଖିବାକୁ ମିଳିଥିଲା। ସହରର ମଙ୍ଗଳାବାଗ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ଭଳି ଅଞ୍ଚଳରେ ପୂର୍ବାହ୍ଣରେ କେତେକ ଉପଦ୍ରବକାରୀ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ପୁଲିସ ସେମାନଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନେକ ଅମାନିଆକୁ ମାଡ଼ ମାରି ଛାଡ଼ି ଦେଇଥିବା ଜଣାପଡ଼ିଛି।

### ଜନଜୀବନ କଲବଲ...

ସେହିପରି ବ୍ୟାଙ୍କ୍‌ଗୁଡ଼ିକରେ ଅନଲାଇନ୍ ସେବା ବନ୍ଦ ହୋଇଯିବାରୁ ଚେକ୍ ଦେଣନେଣ ଓ ଆର୍ଥିକ କାରବାର ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁଁ ୧୦ରୁ ୧୨ହଜାର କୋଟି ଟଙ୍କାର କାରବାର ଠପ୍ ହୋଇଯାଇଥିଲା। ବୀମା କାରବାରରେ ମଧ୍ୟ ସମସ୍ୟା ପରିଲକ୍ଷିତ ହୋଇଥିଲା।

ସହରରେ ପରିବହନ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ସିଏନ୍‌ବିଟିରେ ଶହଶହ ଯାତ୍ରୀ ବସ୍‌କୁ ଅପେକ୍ଷା କରି ରହିଥିଲେ। ରାସ୍ତାଘାଟ ପ୍ରାୟତଃ ଖାଁ ଖାଁ ହୋଇପଡ଼ିଥିବା ବେଳେ ଖୁବ୍ କମ୍ ବସ୍ ଚଳାଚଳ କରିଥିଲା। କେତେକ ବସ୍ ମାଲିକ କର୍ଫ୍ୟୁ ଦୃଷ୍ଟିରୁ ଗଣ୍ଡଗୋଳର ଆଶଙ୍କା କରି ବସ୍‌ଗୁଡ଼ିକ ଯାତାୟାତ ପାଇଁ ବନ୍ଦ କରିଥିଲେ। ଫଳରେ ଯାତ୍ରୀମାନେ ହଟହଟା ହୋଇଥିଲେ। ସେହିପରି ସହରରେ ଅଟୋ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବାରୁ ଯାତ୍ରୀମାନେ ରେଳଷ୍ଟେସନ୍ ଓ ସିଏନ୍‌ବିଟି ବାହାରେ ଭିଡ଼ ଜମାଇଥିଲେ। ପୁଲିସ ଅଟୋ ଚାଳକଙ୍କୁ ଘଉଡ଼ାଇବାରୁ ମେଡିକାଲ ଭଳି ଜରୁରୀକାଳୀନ ସେବା ପାଇବାରୁ ରୋଗୀ ଓ ସମ୍ପର୍କୀୟ ବଞ୍ଚିତ ହୋଇଥିଲେ। ସେହିପରି, କର୍ଫ୍ୟୁ ଯୋଗୁଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପସ୍ଥାନ ହ୍ରାସ ପାଇଥିଲା। ସହରରେ ବିଭିନ୍ନ ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସୂଚନାଯୋଗ୍ୟ,ପୂର୍ବରୁ ସହରରେ ଇଣ୍ଟରନେଟ୍ ସେବାକୁ ୨୪ଘଣ୍ଟା ପାଇଁ ବନ୍ଦ ରଖାଯାଇଥିବା ବେଳେ ଆଜି ପୁଣି ଏହି ଅବଧିକୁ ୨୪ଘଣ୍ଟା ବଢ଼ାଇ ଦିଆଯାଇଛି।

# ରାଜପୁରରେ ଦଶହରା ପୂର୍ଣ୍ଣିମା ବଏଲଯାତ୍ରା



ଝାରସୁଗୁଡ଼ା,୬।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦରବ୍ଲକ୍ ରାଜପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଜପୁର ସମଲେଶ୍ୱରୀଙ୍କ ଦଶହରା ପୂର୍ଣ୍ଣିମା ବଏଲଯାତ୍ରା ହର୍ଷ ଉଲ୍ଲାସର ସହିତ ସମ୍ପନ୍ନ ହୋଇଛି। ରାଜପୁର ସମଲେଶ୍ୱରୀଙ୍କ ଷୋଡ଼ଶ ଦିନାଶକ ପୂଜା ଓ ବଳି ଯାତ୍ରା ପ୍ରତିବର୍ଷ କୁମାର ପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ସୋମବାର ରାଜପୁର ସମଲେଶ୍ୱରୀ ମନ୍ଦିରରେ ରାଜ ପୁରୋହିତ ପ୍ରଦୀପ ପାଟଯୋଶୀ ମା'ଙ୍କ ସହିତ ପାଶ୍ୱର୍ ଦେବୀଙ୍କ ପୂଜାର୍ଚ୍ଚନା ପରେ ଚଣ୍ଡୀ ପାଠ କରିଥିଲେ। ସନ୍ଧ୍ୟାରେ ବଳି ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ପୁରୋହିତ ଶ୍ରୀ ପାଟଯୋଶୀ ମନ୍ଦିର ପୂଜକଙ୍କ (କାଲୋ) ଶରୀରରେ ମା'ଙ୍କୁ ଆବାହନ କରିଥିଲେ। ମା'ଙ୍କ ଶକ୍ତି ସଞ୍ଚାର ହେବା ପରେ ବରୁଆ ପ୍ରଥମେ ରାଜପୁର ଜମିଦାରଙ୍କ ଉଆସକୁ ନିଆଯାଇଥିଲା। ଏହା ପୂର୍ବରୁ ବରୁଆ ପ୍ରଥମେ ଦୁର୍ଗା ଗୁଡ଼ି ସମ୍ମୁଖରେ ପାଟ ଖଣ୍ଡା ଖେଳିଥିଲେ। ପରେ ଜମିଦାର ଉଆସରେ ଜମିଦାର ବଂଶଜ ବୋହୂମାନେ ବରୁଆ, ପାଟ ଖଣ୍ଡା, ଛତର, ବୈରଖକୁ ପୂଜାର୍ଚ୍ଚନା କରି ଗୁହାରି କରିଥିଲେ। ବରୁଆ ସେଠାରୁ ବାହାରି ଜଗନ୍ନାଥ ମନ୍ଦିରପଡ଼ା, ରାଜପୁର ହାଟ ଦାଣ୍ଡ, ପୁରୁଣା ବସ୍ତି, ପଟ୍ଟାଭାଡ଼ି, ସମଲେଇ ମନ୍ଦିରପଡ଼ା ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବରୁଆ ରୂପରେ ଦେବୀଙ୍କ ନଗର ପରିକ୍ରମା ବେଳେ ଗ୍ରାମବାସୀ ବାରୁଆକୁ ନିଜ ନିଜ ଘର ସମ୍ମୁଖରେ ଦୀପ ଜାଳି ପୂଜାର୍ଚ୍ଚନା କରିଥିଲେ।

ଏହି ଅବସରରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଭୋଗ ଅର୍ପଣ କରିଥିଲେ। ବିଳମ୍ବିତ ରାତିରେ ଜମିଦାର ବଂଶଜଙ୍କ ଉପସ୍ଥିତରେ ରାଜ ପୁରୋହିତ ନିଶା ପୂଜା କରିଥିଲେ। ପୂଜା କାର୍ଯ୍ୟରେ ପଣ୍ଡିତ ମୋତିଲାଲ ମିଶ୍ର ଓ ବାସୁଦେବ ଦାସ ସହଯୋଗ କରିଥିଲେ।

## ୫୨ ବର୍ଷରେ ରଘୁନାଥପାଲିର ବଏଲଯାତ୍ରା

# ମା'ଙ୍କ ଚାଚେରି ଖେଳ ଦେଖିବାକୁ ସହସ୍ରାଧିକଙ୍କ ସମାଗମ

କୋଲାବିରା,୬।୧୦(ସମିସ)

ଝାରସୁଗୁଡ଼ା ଜିଲ୍ଲା କୋଲାବିରାର ରଘୁନାଥପାଲିର ପ୍ରତ୍ୟକ୍ଷ ଦେବୀ ମା'ସମଲେଶ୍ୱରୀଙ୍କ ବଏଲଯାତ୍ରା ରବିବାର ଦ୍ୱାଦଶୀ ତିଥିରେ ସମାପନ ହୋଇଛି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ଠାରୁ ୯ଦିନ ବ୍ୟାପି ସମଲେଇ ମନ୍ଦିରରେ ଅଖଣ୍ଡଦୀପ ପ୍ରଜ୍ୱଳନ, ସପ୍ତମୀ ତିଥିରେ ପାଟଖଣ୍ଡା ସ୍ଥାପନ ଓ ନିଶାପୂଜା, ଅଷ୍ଟମୀ ତିଥିରେ ଷୋହଳ ଖଣ୍ଡା ସ୍ଥାପନ ଓ ବଏଲଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଶନିବାର ରାତ୍ରୀରେ ଭୁଲିଆ ସଂପ୍ରଦାୟର ଜଣେ ଲୋକକୁ ଦେବୀଙ୍କ ପୂଜକମାନେ ମୁଣ୍ଡରେ ଫୁଲର ଚୂଳବାନ୍ଧି ମୁହଁରେ ସିନ୍ଦୁର ବୋଲିବା ପରେ ପୂଜା ଉପଚାର କରି ବରୁଆ ଦେହରେ ଦୈବୀ ଶକ୍ତି ସଂଚାର ପାଇଁ ମନ୍ତ୍ରତନ୍ତ୍ରର ପ୍ରୟୋଗ କରି ଦେବୀଙ୍କ ଛଡା ସିନ୍ଦୁର, ଫୁଲ, ଅରୁଆ ଚାଉଳ ଆଦି ନେଇ କପାଳରେ ଟିକି ଦେଇଥିଲେ। ପରେ ପୁରୋହିତ ମନ୍ତ୍ରତନ୍ତ୍ର ଉଚ୍ଚାରଣ କରିବା ପରେ ଏହାର ପ୍ରଭାବରେ ବରୁଆ ଆସିଥିଲା। ଏହାପରେ ଢୋଲ, ନିଶାନ, ତାସା, ମହୁରୀର ସାମୁହିକ ଶୋହଲ ଭରନିର ବାଦ୍ୟର ତାଳ ଦେଇ ବରୁଆ ପିଠରୁ ବାହାରିଥିଲା। ଧାରଣା, ଧ୍ୟାନ ପ୍ରତ୍ୟାହାର ପାଇଁ ବରୁଆକୁ ଶୋହଳ ଭରନି ବାଦ୍ୟ ରୂପକ ଶବ୍ଦ ବ୍ରହ୍ମ ହିଁ ସହାୟକ ହୋଇଥାଏ ବୋଲି କୁହାଯାଏ। ବରୁଆ ଦେହରେ ଦୈବୀଶକ୍ତି ସଂଚାରିତ ହେବାପରେ ବରୁଆକୁ ସମଲେଶ୍ୱରୀଙ୍କ ସାକ୍ଷାତ ଅବତାର ବିବେଚନା କରାଯାଇଥାଏ। ପିଠରୁ ରାତ୍ରୀରେ ବରୁଆ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମ ପରିକ୍ରମା ସମୟରେ ଦେବୀ ବାହନ ବରୁଆଙ୍କୁ ଘରେଘରେ ପୂଜା ଅର୍ଚ୍ଚନା କରାଯାଇଥିଲା। ତତ୍ ପଶ୍ଚାତ ବାହାରି ଥିବା ଦେବୀ ବାହନ ବରୁଆ ଗ୍ରାମ୍ୟ ପରିକ୍ରମା କରି ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଆର୍ଶିବାଦ ପ୍ରଦାନ ପର୍ବ ସାରିବା ପରେ ମନ୍ଦିରକୁ ବରୁଆ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ବରୁଆପାଟ ଯାଇଥିଲା ଅର୍ଥାତ ବରୁଆ ଦେହରୁ ଦୈବୀଶକ୍ତ ଅପସାରିତ ହୋଇଥିଲା। ବରୁଆ ପାଟ ଯିବା ପୂର୍ବରୁ ବଏଲଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ମନ୍ଦିର ପ୍ରତ୍ୟାବର୍ତ୍ତନ ପୂର୍ବରୁ ମନ୍ଦିର ପରିସରରେ ମା'ଙ୍କ ଚାଚେରି ଖେଳ ଅନୁଷ୍ଠିତ ହୋଇଥିଲା। ଯାହାକୁ ଦେଖିବାକୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

ଚଳିତ ବର୍ଷ ଦେବୀବାହନ ବରୁଆ ଭାବରେ ଖେଳ ମେହେର କାର୍ଯ୍ୟ ତୁଲାଇଥିବା ବେଳେ ଶିବ ମେହେର କର୍ତ୍ତାକାର୍ଯ୍ୟ ସଂପାଦନ କରିଥିଲେ। ପୁରୋହିତ ଦୀନବନ୍ଧୁ ମିଶ୍ର ପୂଜକ କାର୍ଯ୍ୟ ସଂପାଦନ କରିଥିବା ବେଳେ ଅଶୋକ ମେହେର ଓ ଆନନ୍ଦ ସେଠ୍ ତାଙ୍କୁ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସେବାୟତ ରାଜୁ ମେହେର, କୁବେର ମେହେର, ଶ୍ରୀମଙ୍ଗଳ ମେହେର, ଚନ୍ଦ୍ର ମେହେର, ବଜରଙ୍ଗ ମେହେର, ଡିଲେଶ୍ୱର ମେହେର ପ୍ରମୁଖ ବରୁଆକୁ ଗ୍ରାମପରିକ୍ରମାରେ ସହାୟତା କରିବା ସହିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ସାମୂହିକ ପ୍ରଚେଷ୍ଟା ଏବଂ ଆର୍ଥିକ ସହାୟତାରେ ୫୨ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଆୟୋଜିତ ହୋଇଆସୁଥିବା ଏହି ପାରମ୍ପରିକ ବଏଲଯାତ୍ରା ପାଇଁ ମା' ସମଲେଶ୍ୱରୀ ପୀଠ ଉତ୍ସବ ମୁଖର ହୋଇପଡ଼ିଥିଲା। ଅଞ୍ଚଳବାସୀ ଶ୍ରଦ୍ଧାର ସହିତ ଦେବୀ ସମଲେଶ୍ୱରୀଙ୍କୁ ଇଷ୍ଟଦେବୀ ରୂପେ ପୂଜା କରିଆସୁଥିବାରୁ ଏଠିକାର ପୀଠର ଏକ ବିଶେଷ ମହତ୍ୱ ରହିଛି। ଏଠାରେ ମାନସିକ କଲେ ସୁଫଳ ମିଳିଥାଏ ବୋଲି ସ୍ଥାନୀୟ ଜନସାଧାରଣଙ୍କ ଦୃଢ଼ ଆଶା ଓ ବିଶ୍ୱାସ ରହଛି। ଗ୍ରାମବାସୀ ତଥା ଜନସାଧାରଣଙ୍କ ସାମୂହିକ ପ୍ରଚେଷ୍ଟା ଓ ସହାୟତାରୁ କିମ୍ବଦନ୍ତି ଅନୁଯାୟୀ ୧୯୭୨ ମସିହାରୁ ନିରବଚ୍ଛିନ୍ନ ଭାବରେ ଆୟୋଜିତ ହୋଇଆସୁଥିବା ବଏଲଯାତ୍ରାକୁ ଏ ପର୍ଯ୍ୟନ୍ତ ସରକାରୀ ପୃଷ୍ଠପୋଷକତା କିମ୍ବା ପ୍ରୋତ୍ସାହନ ମିଳିନାହିଁ। ରଘୁନାଥପାଲି ଭୂଲିଆପଡାର(ମେହେର ସମାଜ) ଦଶହରାପୂଜା କମିଟିର ସଭାପତି ଗଣେଷ ମେହେର, ସମ୍ପାଦକ ନବୀନ ମେହେର, ଭିଷ୍ମଦେବ ମେହେର, ନୃପମଣୀ ମେହେରଙ୍କ ସମେତ କମିଟିର ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ତିନି ଦିନ ଧରି ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।





# ଟି ୱିଥ୍ ଟିଚର୍ସର ଦ୍ୱିତୀୟ ବୈଠକ

ଝାରସୁଗୁଡ଼ା,୬।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଙ୍ଗଣରେ ଟି ୱିଥ୍ ଟିଚର୍ସର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।



ଏହି ବୈଠକରେ ଝାରସୁଗୁଡ଼ାର ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଗଡ଼ତିଆ, ଲଖନପୁର ବ୍ଲକ୍ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସଙ୍ଗୀତା ସାହୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟାଗୁଡିକୁ ଶୁଣିବା ସହ ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା, ବିଦ୍ୟାଳୟରେ ସୁନ୍ଦର ଶୈକ୍ଷିକ ବାତାବରଣ ତିଆରି କରିବା ପାଇଁ ପ୍ରେରଣା ଦେଇଥିଲେ। ଲଖନପୁର, ବରତାପ, ସୁନାରୀ ଏହି ତିନିଗୋଟି କ୍ଲଷ୍ଟରର ସିଆରସିସିଙ୍କ ସହିତ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଲଖନପୁର କ୍ଲଷ୍ଟରର ସିଆରସିସି ଘନଶ୍ୟାମ ଗଡ଼ତିଆ , ଦାମୋଦର ଧୂଆ, ହେମାନନ୍ଦ ଖଣ୍ଡା, ଗଦାଧର ପଧାନ, ଦେବେନ୍ଦ୍ର ପଧାନ, ସୁରଥ ବିଶ୍ୱାଳ, ସବିତା ତାଣ୍ଡିଆ, ପ୍ରଭାସିନୀ ସାହୁ, ଭଗବାନ ପସାୟତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶା ବାରିକ ମହାସଂଘର ସଭାପତି କଙ୍ଗାଲୁ ବାରିକଙ୍କୁ ଶ୍ରଦ୍ଧାଞ୍ଜଳି



ବରଗଡ଼,୬।୧୦(ସମିସ): ବରଗଡ଼ ସ୍ଥିତ ଅଗ୍ରଗାମୀ ଯୁବକ ସଂଘ ଭବନ ପ୍ରାଙ୍ଗଣରେ ସୋମବାର ପଶ୍ଚିମ ଓଡ଼ିଶା ତଥା ବଲାଙ୍ଗିର ଜିଲ୍ଲା ବାରିକ ସମାଜର ସଭାପତି ସ୍ୱର୍ଗତ କଙ୍ଗାଲୁ ବାରିକଙ୍କ ଶ୍ରଦ୍ଧାଞ୍ଜଳୀ ସଭା ବରଗଡ଼ ଜିଲ୍ଲା ସମାଜ ତରଫରୁ ଅନୁଷ୍ଠିତ ହୋଇଛି। ସମାଜର ଉପଦେଷ୍ଟା କମିଟି ସଭ୍ୟ ରାଜ କିଶୋର ବାରିକ ପ୍ରଥମେ ସ୍ୱର୍ଗତ ବାରିକଙ୍କ ଶୋକ ପ୍ରସ୍ତାବ ଦେଇଥିଲା ବେଳେ ତାକୁ ସମ୍ପାଦକ ଘନଶ୍ୟାମ ବାରିକ ସମର୍ଥନ କରିଥିଲେ। ସମାଜର ସଭାପତି ରୋହିତ ବାରିକ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ବାରିକ, ଆଇନ ପରାମର୍ଶଦାତା ଅଶୋକ ପଶାୟତ, କବି ନବ ବାରିକ, ସକ୍ରିୟ ସଭ୍ୟ ରାଜେଶ ବାରିକ, ରଜତ ବାରିକ, ପରକ୍ଷିତ ପଶାୟତ, ସନ୍ତୋଷ ବାରିକ, ବୁଲୁ ପଶାୟତ ଏବଂ ପିଣ୍ଟୁ ବାରିକ ସ୍ୱର୍ଗତ କଙ୍ଗାଲୁଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ନୃସିଂହନାଥ ବନାଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ

ପାଇକମାଳ,୬।୧୦(ସମିସ): ପାଇକମାଳ ବ୍ଲକ୍ ନୃସିଂହନାଥ ଗନ୍ଧମାର୍ଦ୍ଦନ ବନସ୍ପତି ବନ ସୋସାଇଟିରେ ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ୭୧ ତମ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସଭାରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ଉପସଭାପତି ତଥା ସାମ୍ବାଦିକ ବଡ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରକୃତି ବନ୍ଧୁ ନନ୍ଦଲାଲ ନାୟକ ଓ ଶିକ୍ଷକ ସୁଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗନ୍ଧମାର୍ଦ୍ଦନ ବନସ୍ପତି ବନ ସୋସାଇଟିର ସମ୍ପାଦକ ବିଭୂତି ଭୂଷଣ ମୁଣ୍ଡ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ମିଶ୍ର ବନବିଭାଗ ତରଫରୁ କି କି ପଦକ୍ଷେପ ଗ୍ରହଣ କରାଯିବା କଥା ତାହା ଅଞ୍ଚଳବସୀଙ୍କୁ ବୁଝାଇଥିଲେ। ବନ୍ୟଜନ୍ତୁଙ୍କ ଦ୍ୱାରା ବିଭିନ୍ନ ପ୍ରକାର କ୍ଷୟକ୍ଷତିରେ ସରକାରଙ୍କ ପକ୍ଷରୁ ଅନେକ ସହାୟତା ମିଳୁଥିବା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିମାନେ ଜଙ୍ଗଲ କ୍ଷୟ, ଶିକାରୀ ଓ ଆଧୁନିକତାର କୁପ୍ରଭାବ ଯୋଗୁଁ ପଶୁପକ୍ଷୀମାନେ ବିଲୁପ୍ତ ହେବାକୁ ଯାଉଛି ବୋଲି କହିଥିଲେ। ବନପଲ ଦିବାକର ପ୍ରଧାନ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ଖାଦ୍ୟ ଓ ଜଙ୍ଗଲର ପରିସୀମା ନଷ୍ଟ ହେବା ଦ୍ୱାରା ଜୀବ ଜନ୍ତୁ ଅସୁରକ୍ଷିତ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ବନପାଳ ରଜନୀକାନ୍ତ ବଡ଼େଇ, ରୋହିତ ମାଝୀ, ବନରକ୍ଷୀ ଶାନ୍ତନୁ ପ୍ରଧାନ, ନାଥ ବାର୍ଲା ଓ ସମସ୍ତ ବନ କର୍ମଚାରୀ ତଥା ବିଭିନ୍ନ ବନ ସଂରକ୍ଷଣ ସମିତିର ସଭାପତି ଓ ସଭ୍ୟମାନେ ଯୋଗ ଦେଇଥିଲେ। ଶେଷରେ ବାନପାଳ ରମେଶ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ସାଇକଲ ଆରୋହୀ ମୃତ

ରିଆମାଳ,୬।୧୦(ସମିସ): ରିଆମାଳ ଥାନା ଡ଼ଙ୍ଗାଖୋଲ ଠାରେ ଅଜଣା ଗାଡି ଧକ୍କାରେ ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ତେନ୍ତଳାବହାଳ ପଞ୍ଚାୟତ ରେଙ୍ଗାଳନାଲି ଠାରେ ଚାଲିଥିବା ଫୁଟବଲ ଖେଳ ଦେଖି ଡ଼ଙ୍ଗାଖୋଲ ଗ୍ରାମର ପ୍ରହ୍ଲାଦ ପ୍ରଧାନ(୬୦) ସାଇକଲ ଯୋଗେ ଘରକୁ ଫେରୁଥିଲେ। ଗାଁ ପାଖକୁ ପହଞ୍ଚିବା ପୂର୍ବରୁ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ସେ ରାସ୍ତାରୁ ତଳକୁ ଛିଟିକି ପଡ଼ି ମୃତ୍ୟୁବରଣ କରିଥିଲେ। ରିଆମାଳ ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଁଞ୍ଚି ସାଇକେଲ ଜବତ କରିବା ସହିତ ଅଗ୍ନିଶମ ବିଭାଗ ଦ୍ୱାରା ଛତାବର ଡାକ୍ତରଖାନାକୁ ପ୍ରହ୍ଲାଦଙ୍କୁ ଉଦ୍ଧାର କରି ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ଦେଇଥିଲେ।

## ତୋସିଫ ଜିଲ୍ଲା ବିଜେଡି ସୋସିଆଲ ମିଡିଆ ସଂଯୋଜକ

ଝାରସୁଗୁଡା,୬।୧୦(ସମିସ): ଝାରସୁଗୁଡା ଜିଲ୍ଲା ବିଜୁ ଜନତା ଦଳ(ବିଜେଡି)ର ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ବେଲପାହାଡର ତୋସିଫ ଆଲମଙ୍କୁ ନିଯୁକ୍ତି ଦିଆଯାଇଛି। ତୋସିଫଙ୍କୁ ସୋସିଆଲ ମିଡିଆର ସଂଯୋଜକ ଦାୟିତ୍ୱ ମିଳିବା ପରେ ବିଜୁ ଜନତା ଦଳ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସହ ବିଜୁ ଜନତା ଦଳର ସମସ୍ତ ବରିଷ୍ଠ, ଯୁବ, ମହିଳା ନେତା ତଥା କର୍ମକର୍ତ୍ତାଙ୍କୁ ଏଥିପାଇଁ ତେସିଫ୍ ଧନ୍ୟବାଦ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଲୋକଙ୍କ ସେବା ହିଁ ତାଙ୍କର ମୂଳ ଲକ୍ଷ୍ୟ ହେବ ବୋଲି ତୋସିଫ କହିଛନ୍ତି।



# ରିଆମାଳରେ ଗଜଲକ୍ଷ୍ମୀ ପୂଜା

ରିଆମାଳ,୬।୧୦(ସମିସ): ରିଆମାଳ ବସ୍‌ଷ୍ଟାଣ୍ଡ ଛକଠାରେ ଥିବା ମହାଲକ୍ଷ୍ମୀ କଲ୍ୟାଣ ମଣ୍ଡପରେ ବର୍ଣ୍ଣାଢ୍ୟ ପରିବେଶରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏଥିପାଇଁ ଆଜି କଳସଯାତ୍ରା, ଅଧିବାସ ପୂଜନ ଅନୁଷ୍ଠିତ ହୋଇଯାଇଛି। ଧରମପୁର ଆଠପଡ଼ା ତାରିଣୀ ମନ୍ଦିର ସ୍ଥିତ ରାଣୀ ପୋଖରୀରୁ ବରୁଣ ଦେବତାଙ୍କୁ ପୂଜାର୍ଚ୍ଚନା ପରେ ମହିଳାମାନେ ନିଜ ନିଜ କଳସରେ ଜଳ ଭର୍ତ୍ତି କରିଥିଲେ। ପରେ କଳସ ପୂଜନ କରାଯାଇ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରିଆମାଳ, ଜଟିଆନାଳୀ, ତେଲିମୁଣ୍ଡା, କାଦୋପଡ଼ା, ତାଳବାହାଲି, ବାବରାକୋଟର ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ କୃଷ୍ଣଗୁରୁ ଯୋଗ ଦେଇ ମା' ଲକ୍ଷ୍ମୀଙ୍କ ଭଜନ ଗାନ କରିଥିଲେ। ଏହାପରେ ଏକ ବିରାଟ ଶୋଭାଯାତ୍ରରେ ବାହାରି ଲକ୍ଷ୍ମୀ ମଣ୍ଡପକୁ ପହଞ୍ଚି କଳସକୁ ସ୍ଥାପନ କରିଥିଲେ। ରାଜା ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ଦିବ୍ୟା ଅଗ୍ରୱାଲ ପୂଜାର କର୍ତ୍ତା ଭାବେ ରହିଥିବା ବେଳେ ତ୍ରିନାଥ ନନ୍ଦ, ସଞ୍ଜୀବ କୁମାର ନନ୍ଦ ପୂଜା କାର୍ଯ୍ୟ କରିଥିଲେ। ନିହାର ଦାଶ, ଚିନ୍ମୟ ବସନ୍ତରା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ପୂଜା ମଣ୍ଡପରେ ଅଙ୍କୁରାରୋପଣ ଓ ଅଧିବାସ ପୂଜା, ସୂର୍ଯ୍ୟପୂଜା ସମାପ୍ତ ପରେ ମା'ଙ୍କ ଚକ୍ଷୁଦାନ, ଜୀବନ୍ୟାସ, ପୁଷ୍ପାଞ୍ଜଳି, ଆଳତୀ ସହ ଷୋଡ଼ଶ ଉପଚାରରେ ପୂଜା ହୋଇଥିଲା। ସନ୍ଧ୍ୟା ଆଳତୀ ସହ ଉପସ୍ଥିତ ମହିଳାଙ୍କୁ ଚୁଡ଼ି, ବ୍ରତ ବଣ୍ଟନ ହୋଇଥିଲା। ପୂଜା ଅବସରରେ ମଣ୍ଡପ ସମ୍ମୁଖରେ ଆକର୍ଷଣୀୟ ତୋରଣ ଓ ମା'ଙ୍କ ନିକଟରେ ଆକର୍ଷଣୀୟ ମେଢ଼ ପ୍ରସ୍ତୁତ କରାଯାଇଛି। ଲାଇଟ୍ ଗେଟ୍ ଓ ଲିଟୁମାଳାରେ ପୂଜା ମଣ୍ଡପ ଝଲସୁଛି। ସଭାପତି ବିରେନ କୁମାର ପ୍ରଧାନ, ସଂପାଦକ ତ୍ରିନାଥ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଶମ୍ଭୁଲାଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଗୋଲବଦନ ବିଶ୍ୱାଳଙ୍କ ମାର୍ଗ ଦର୍ଶନରେ ଉପସଭାପତି ଝସକେତନ ବିଶ୍ୱାଳ, ଭୁବନେଶ୍ୱର ସାହୁ, ସହ ସମ୍ପାଦକ ଆଲୋକ ନାୟକ, କୁଞ୍ଜବିହାରୀ ଦାଶ, ସହ କୋଷାଧ୍ୟକ୍ଷ ବେଦ ଭୂଷଣ ପ୍ରଧାନ ଓ ଆଶିସ ପ୍ରଧାନ, ସ୍ପୋନସର ସେକ୍ରେଟାରୀ ମନୋଜ ଅଗ୍ରୱାଲ, ସହ ସ୍ପୋନସର ସେକ୍ରେଟାରୀ ରାଜେଶ କୁମାର ଅଗ୍ରୱାଲ, ମିଡ଼ିଆ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଉପଦେଷ୍ଟା ମଣ୍ଡଳୀର ତ୍ରିଲୋଚନ ବେହେରା, ପ୍ରଣବ କିଶୋର ଘଡେଇ, ଗୋପାଳ ସାହୁ, ରଜତ କୁମାର ବିଶ୍ୱାଳ, ହେମନ୍ତ କୁମାର ପ୍ରଧାନ, ଦର୍ଶନିଆ ପ୍ରଧାନ, ଗୋକୁଳାନନ୍ଦ ସାହୁ, ଧିରେନ୍ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ● ଜାତୀୟ ସବ୍ ଜୁନିଅର୍ ଟେନିସ କ୍ରିକେଟ୍

# ଝାରସୁଗୁଡ଼ାର ଅରମାନ ଓ ସଚ୍ଚିଦାନନ୍ଦ ମନୋନୀତ

ଝାରସୁଗୁଡା,୬।୧୦(ସମିସ): ଚଳିତ ମାସ ୧୪ ତାରିଖରୁ ରାଜସ୍ଥାନରେ ହେବାକୁ ଥିବା ଜାତୀୟ ସବ୍ ଜୁନିଅର ଟେନିସ କ୍ରିକେଟ୍ ପ୍ରତିଯୋଗିତାରେ ଭାଗନେବାକୁ ଝାରସୁଗୁଡା ଜିଲ୍ଲା ଟେନିସ କ୍ରିକେଟ ସଂଘର ଦୁଇ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ରାଜ୍ୟ ଟେନିସ କ୍ରିକେଟ ସଂଘ ପକ୍ଷରୁ ପତ୍ର ସଂଖ୍ୟା ୧୯୪/ ୩.୧୦.୨୦୨୫ରେ ଏନେଇ ସୂଚାଯାଇଛି। ସେମାନେ ହେଲେ ଲପଙ୍ଗା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅରମାନ ମହାପାତ୍ର ଏବଂ ଝାରସୁଗୁଡା ଅରବିନ୍ଦ ବିଦ୍ୟାଳୟର ସଚ୍ଚିଦାନନ୍ଦ ମାଳି।


ଝାରସୁଗୁଡା ଜିଲ୍ଲା ଟେନିସ କ୍ରିକେଟ ସଂଘ ଚଳିତ ବର୍ଷ ଗତ ମେ ୫ରେ ପ୍ରତିଷ୍ଠା ହୋଇଥିବା ବେଳେ ପ୍ରଥମ ଥର ପାଇଁ ଏହି ସଂଘର ଉପରୋକ୍ତ ଦୁଇ ଖେଳାଳୀ ସ୍ଥାନ ପାଇଥିବା ଜଣାପଡ଼ିଛି। ଯାହା ଜିଲ୍ଲା ପାଇଁ ଗୌରବ ବୋଲି ଜିଲ୍ଲା ସଂଘର ସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି। କୋଚ ଗୋପାଳ ଦତ୍ତ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଜିଲ୍ଲା ସଂଘ ସମ୍ପାଦକ ଅଶ୍ୱିନୀ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ଏହି ଚୟନ ଦ୍ୱାରା ଆଗାମୀ ଦିନରେ ଜିଲ୍ଲାରୁ ଅନେକ ଖେଳାଳି ପ୍ରେରିତ ହେବେ ଏବଂ ଜିଲ୍ଲାରୁ ପ୍ରତିନିଧିତ୍ୱ କରି ସୁନାମ ଅର୍ଜନ କରିବେ ବୋଲି ଜିଲ୍ଲା ଟେନିସ ସଂଘ ସଭ୍ୟ ସୁଶାନ୍ତ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



# 'ଭୋଟ ଚୋରି ଦସ୍ତଖତ ଅଭିଯାନ' ପାଇଁ ପ୍ରସ୍ତୁତି

ଝାରସୁଗୁଡା,୬।୧୦(ସମିସ): ଗତ ସେପ୍ଟେମ୍ବର ୧୫ରୁ କଂଗ୍ରେସ ପକ୍ଷରୁ ଦେଶରେ ଆରମ୍ଭ ହୋଇଥିବା 'ଭୋଟ ଚୋରି ଦସ୍ତଖତ ଅଭିଯାନ' ଝାରସୁଗୁଡ଼ାରେ ଆୟୋଜିତ ହେବ। ଏନେଇ ଝାରସୁଗୁଡା ଜିଲ୍ଲା କଂଗ୍ରେସ ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ପରେ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ କଂଗ୍ରେସ ଦଳର ଦସ୍ତଖତ ଅଭିଯାନକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

"ଭୋଟ ଚୋର... ଗାଦି ଛୋଡ଼' ପ୍ରସଙ୍ଗରେ ଦେଶ ବ୍ୟାପି ୫ କୋଟି ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଝାରସୁଗୁଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ଦସ୍ତଖତ ଅଭିଯାନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ନଗର, ବ୍ଲକ୍, ପଞ୍ଚାୟତ, ବୁଥ୍‌ସ୍ତରରେ ଦଳର ସମସ୍ତ ନେତା, କର୍ମୀ, କର୍ମକର୍ତ୍ତା ଏବଂ ସମସ୍ତ ସଂଗଠନ ଏହି ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ ହେବା ସହ ଘର ଘର ବୁଲି ଦସ୍ତଖତ ସଂଗ୍ରହ କରିବେ ବୋଲି କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ମୁଖ୍ୟତଃ ନିର୍ବାଚନ କମିଶନଙ୍କୁ ୫ ଟି ପ୍ରଶ୍ନ କରାଯିବ। ପ୍ରଶ୍ନ ଗୁଡିକ ମଧ୍ୟରେ ସାଧାରଣଲୋକଙ୍କ ଯାଞ୍ଚ ମେସିନରୁ ସ୍ୱଷ୍ଟ ଜାଣିହେଉଥିବା ଫଟୋ ସହ ଭୋଟର ତାଲିକା ଉପଲବ୍ଧ କରିବା, ପ୍ରତ୍ୟେକ ନିର୍ବାଚନ ପୂର୍ବରୁ କେଉଁ ମତଦାତାମାନେ କଟିଲେ ଏବଂ କେଉଁମାନେ ନୂଆ ଯୋଡିହେଲେ ଫଟୋ ସହିତ ତାଲିକା ସାର୍ବଜନୀନ ପ୍ରକାଶନ ନିଶ୍ଚିତ କରିବା, ଭୁଲରେ ବା ଅନ୍ୟାୟରେ କାହା ନାମ କାଟିଥିଲେ, ଏକ ସୁଗମ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ନିଶ୍ଚିତ କରିବା, ଶେଷ ମୁହୂର୍ତ୍ତରେ ଭୋଟର ତାଲିକାରୁ ମତଦାତାଙ୍କ ନାମ କଟାଯିବା କିମ୍ବା ଯୋଡିବା ପ୍ରକ୍ରିୟାକୁ ଏଡାଯିବା, ଯଥେଷ୍ଟ ପୂର୍ବରୁ ଏକ ସ୍ୱଷ୍ଟ କଟ ଅଫ ତାରିଖ ଘୋଷଣା କରାଯିବା, ଭୋଟ ଚୋରି କାର୍ଯ୍ୟରେ ରୀତିମତି ସମ୍ପୃକ୍ତ ଥିବା ଅଧିକାରୀ /ଏଜେଣ୍ଟ ବିରୋଧରେ ମାମଲା ରୁଜୁ କରାଯିବା ଭଳି ୫ ପ୍ରଶ୍ନ ରହିଛି ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ, ଅମିତା ବିଶ୍ୱାଳ, ଦେବାନନ୍ଦ ବାରିକ, ସଞ୍ଜୟ ମହାପାତ୍ର, ନମିଦ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରସ୍ତୁତି ବୈଠକରେ ବ୍ରଜରାଜନଗର, ବେଲପାହାଡ, ଝାରସୁଗୁଡା ବ୍ଲକ୍ ଏବଂ ନଗରର ଅନେକ କର୍ମକର୍ତ୍ତା ସାମିଲ ହୋଇଥିଲେ।



# ଜିଲ୍ଲାପାଳଙ୍କ ମହାସମାଧାନ ଶିବିର

ଝାରସୁଗୁଡ଼ା,୬।୧୦(ସମିସ)

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରୁଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ଆଗତ ଅଭିଯୋଗ ମଧ୍ୟରୁ ୧୦ଟି ଅଭିଯୋଗ ସାମୂହିକ ଓ ୩୧ ଗୋଟି ବ୍ୟକ୍ତିଗତ ହୋଇଥିବା ବେଳେ ଚିକିତ୍ସା ବାବଦକୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବେଦାନ୍ତ କମ୍ପାନୀର ବିଷାକ୍ତ ଗ୍ୟାସ ସକାଶେ ବୃନ୍ଦାମାଳରେ ଚାଷ ଜମି କ୍ଷତିଗ୍ରସ୍ତ ହେବା, ବାଲିଜୋରିରେ ସରକାରୀ ଗୋଚର କିସମ ଜମିକୁ ଶ୍ମଶାନ ସ୍ଥଳୀ ଭାବେ ବ୍ୟବହାର ପାଇଁ ଅନୁମତି ପ୍ରଦାନ, ଜ୍ୱଏଲ ପ୍ରକଳ୍ପ ପରିଚାଳନା ସକାଶେ ଆନୁସଙ୍ଗିକ ଅର୍ଥ ବ୍ୟବସ୍ଥା କରାଯିବା, ଲଖନପୁର ଅଞ୍ଚଳର ଯୁବକଙ୍କୁ ମ୍ୟାକମେଟ କମ୍ପାନୀରେ ପୁନଃ ନିଯୁକ୍ତି ପ୍ରଦାନ, ସିଂଘିବାହାଲ ତଥା ଆଖପାଖ ଅଞ୍ଚଳରେ ଖୁଚୁରା ମଦ ବିକ୍ରି ବନ୍ଦ କରାଯିବା, ଭୁର୍କାମୁଣ୍ଡା ଗ୍ରାମକୁ ବିସ୍ଥାପିତ କରାଯିବା ଓ ଖଲିଆମାଳ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ସମ୍ପର୍କିତ ସାମୂହିକ ଅଭିଯୋଗଗୁଡିକ ସମେତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶିବିରରେ ଶୁଣାଣି ହୋଇଥିଲା। ଅଭିଯୋଗ ସମୂହର ତର୍ଜମା ପୂର୍ବକ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



# ପଲଶାଗୋରା ଗଜଲକ୍ଷ୍ମୀ ପୂଜା



**ପଲଶାଗୋରା, ୬ ।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ୍ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ସକାଳୁ କମିଟି ସଦସ୍ୟମାନେ କୀର୍ତ୍ତନମଣ୍ଡଳୀ ସହିତ ସ୍ଥାନୀୟ କାନ୍ଦୁଲମୁଣ୍ଡାରୁ ପୋଖରୀରୁ କଳସ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପୂଜାରେ ରଞ୍ଜନ ମିଶ୍ର ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିବାବେଳେ ପୂଜକ ମନୋଜ ମିଶ୍ର ଓ ସନୋଜ ମିଶ୍ର ପୂଜା କରୁଛନ୍ତି। ଆସନ୍ତାକାଲିଠାରୁ ମୁରାସୁର ଦରବାର କାର୍ଯ୍ୟକ୍ରମ ଆରମ୍ଭ ହେଉଥିବା ବେଳେ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକା ଅଭିନୟ କରିଥିବା ଅଭିନେତା ହୃଷିକେଶ ଭୋଇ ମୁରାସୁର ଭୂମିକାରେ ଅଭିନୟ କରିବେ।

# ପଞ୍ଚାୟତସ୍ତରୀୟ ଜଣଶୁଣାଣି ଶିବିର




**ଡୁଙ୍ଗୁରିପାଲି, ୬ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବିଡିଓ ଦିଲୀପ କୁମାର ବାଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ସରପଞ୍ଚ, ସମିତିସଭ୍ୟଙ୍କ ସହ ବ୍ଲକର ବିଭିନ୍ନ ବିବିଭାଗର ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମରୁ ୧୦ଜଣ ହିତାଧିକାରୀ ଅଭିଯୋଗ କରିଥିବାବେଳେ ନିଜର ବ୍ୟକ୍ତିଗତ ୨ଜଣ ଏବଂ ସାମୂହିକ ଭାବେ ୩ଜଣ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଏହି ଅଭିଯୋଗ ଶୁଣାଣି ରେ ବିଭିନ୍ନ ବିଭାଗର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଥିଲେ।

## ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ

# ମାସକୁ ୧୫ ଦିନ ଚାଲୁଛି, ୧୫ ଦିନ ବନ୍ଦ

**ସିନାପାଲି, ୬ ।୧୦(ସମିସ)**

ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପୂର୍ବ ସରକାର ବସୁଧା ଯୋଜନା ଆରମ୍ଭ କରିଥିଲେ। ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ନେଇ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲରେ ମଧ୍ୟ ବସୁଧା ଯୋଜନାରେ ପ୍ରାୟ କୋଟିଏ ଟଙ୍କାର ପ୍ରକଳ୍ପ ନିର୍ମାଣ କରଯାଇଛି। ହେଲେ ପରିଚାଳନାରେ ଅବ୍ୟବସ୍ଥା ସାଙ୍ଗକୁ ନିମ୍ନମାନର ସରଞ୍ଜାମ ଲାଗିଥିବାରୁ ବାରମ୍ବାର ଜଳ ଯୋଗାଣରେ ବିଭ୍ରାଟ ଲାଗି ରହୁଛି। କେତେବେଳେ ମୋଟର ଖରାପ ହେଉଛି ତ ଆଉ କେତେବେଳେ ବିଦ୍ୟୁତ୍ ତାର କଟି ଯାଉଛି ବୋଲି ବିଭାଗୀୟ କର୍ମଚାରୀମାନେ ପ୍ରକାଶ କରୁଛନ୍ତି। ପ୍ରକଳ୍ପ ନିର୍ମାଣ ହେବାର ଇତି ମଧ୍ୟରେ ପ୍ରାୟ ଦେଢ଼ ବର୍ଷ ହେଉଛି। ହେଲେ ମାସର ୧୫ ଦିନ ଜଳ ଯୋଗାଣ ହେଉଥିବା ବେଳେ ୧୫ ଦିନ ବନ୍ଦ ରହୁଛି। ଯାହାଫଳରେ ଲୋକେ ଯେଉଁ ବିଶୁଦ୍ଧ ଜଳ ପାଇବା ପାଇଁ ଆଶାବାନ୍ଧି ଥିଲେ ତାହା ମଉଳି ଯାଇଛି। ଏଭଳି ଅବ୍ୟବସ୍ଥାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଗୋଡାଲ ପଞ୍ଚାୟତର ଜନସାଧାରଣ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପରୁ ଗୋଡ଼ାଲ, ମହଗାଁ, କୋଟାମାଳ, ବ୍ରାହ୍ମଣପଡ଼ା ଗ୍ରାମର ଜନସାଧାରଣ ଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଯୁଗେନପଦର ନିକଟସ୍ଥ ଉଦନ୍ତୀ ନଦୀରେ ପମ୍ପ ହାଉସ ନିର୍ମାଣ କରାଯାଇଛି। ଏଠାରୁ ଗୋଡ଼ାଲ ଠାରେ ନିର୍ମାଣ ହୋଇଥିବା ପାଣି ଟାଙ୍କିରେ ଜମା ହୋଇ ୪ ଗୋଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ମାସର ଅର୍ଦ୍ଧାଧିକ ଦିନ ବିଭିନ୍ନ ସମସ୍ୟା ଦେଖାଇ ବନ୍ଦ ରହୁଛି। ଫଳରେ ଅଞ୍ଚଳର ଜନସାଧାରଣ ମହଲରେ ଅସନ୍ତୋଷ ଦେଖାଦେଇଛି। ଏଭଳି ସମସ୍ୟାକୁ ନେଇ ଅଞ୍ଚଳର ଜନସାଧାରଣ ଅଭିଯୋଗ କଲେ ବିଦ୍ୟୁତ୍ ବିଭାଗ ଓ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦୋଷ ଲଦାଲଦି ହେଉଛନ୍ତି। ଏଭଳି ପରିସ୍ଥିତିରେ ଉଚ୍ଚ ପ୍ରଶାସନିକ ଅଧିକାରୀ ହସ୍ତକ୍ଷେପ କରି ଜଳ ଯୋଗାଣ ସ୍ୱାଭାବିକ ହୋଇପାରିବ ବୋଲି ଲୋକେ ପ୍ରକାଶ କରିଛନ୍ତି। ଏହି ଅଞ୍ଚଳ ଏକ ଫ୍ଲୋରୋସିସ କବଳିତ ହୋଇଥିବା ବେଳେ ନଳକୂପ ଗୁଡିକରେ ମାତ୍ରାଧିକ ଫ୍ଲୋରାଇଡ ରହିଛି। ଯାହା ଫଳରେ ଅନେକ ଲୋକ କିଡନି ରୋଗରେ ଆକ୍ରାନ୍ତ ହେଉଛନ୍ତି। ମହଗାଁ ଗ୍ରାମର ଅନେକ ଲୋକ ଏବେବି ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଅନେକ ମୃତ୍ୟୁବରଣ କରି ସାରିଛନ୍ତି। ତଥାପି ପ୍ରଶାସନିକ ଅଧିକାରୀମାନଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଫ୍ଲୋରାଇଡ ଯୁକ୍ତ ପାନୀୟ ଜଳ ବ୍ୟବହାର କରିବା ପାଇଁ ବାଧ୍ୟ ହେଉଛନ୍ତି। ଏପରିକି ଅନେକ ଗ୍ରାମରେ ପାହାଡିଆ ଅଞ୍ଚଳରେ ଥିବା ପଡ଼ା ଗୁଡ଼ିକୁ ମଧ୍ୟ ପାଇପ ଲାଇନ୍ ବିଛା କାର୍ଯ୍ୟ ସଠିକ ଭାବରେ ହୋଇ ନ ଥିବାରୁ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି।ଉଚ୍ଚ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଜଳଯୋଗାଣ ସ୍ୱାଭାବିକ କରିବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।



# ଓବିସି ଆରକ୍ଷଣ ବିରୋଧୀଙ୍କ ନାଁରେ ଏତଲା

**ଧର୍ମଗଡ଼, ୬ ।୧୦(ସମିସ):** ଗତ କିଛି ଦିନ ତଳେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ରାଜ୍ୟରେ ଓବିସି ମାନଙ୍କ ପାଇଁ ୨୭ ପ୍ରତିଶତ ଆରକ୍ଷଣ ଲାଗୁ କରିବା ପାଇଁ ସର୍ବଦଳୀୟ ବୈଠକରେ ଆଲୋଚନା କରିଥିବା ବେଳେ ସେଠାରେ ଉପସ୍ଥିତ ଥିବା ଆନନ୍ଦ ସ୍ୱରୂପ ବାବା ଓବିସି ଆରକ୍ଷଣକୁ ବିରୋଧ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ନୀଚ ଜାତି, ହିନ୍ଦୁ ବିରୋଧୀ, ରାମବିରୋଧୀ କହି ସର୍ବସାଧାରଣରେ ଗାଳିଗୁଲଜ କରି ନାନା ପ୍ରକାର ଭର୍ତ୍ସନା କରିଥିଲେ। ଉକ୍ତ ଘଟଣାକୁ ଧର୍ମଗଡ଼ ଓବିସି ସଂଘ ପକ୍ଷରୁ ତୀବ୍ର ବିରୋଧ କରିବା ସହ ଓବିସି ସମାଜକୁ ତାଛଲ୍ୟ, ନୀଚ ଦୃଷ୍ଟି, ହୀନମାନ୍ୟତା ସ୍ୱରୂପ କରାଯାଇଛି ବୋଲି କହିବା ସହ ଆନନ୍ଦ ସ୍ୱରୂପ ବାବା ଓବିସି ବିରୋଧୀ ଭାବନା ରଖି ଭର୍ତ୍ସନା କରିଥିବାରୁ ଆନନ୍ଦ ସ୍ୱରୂପ ବାବାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସଂଘ ପକ୍ଷରୁ ଧର୍ମଗଡ଼ ଥାନାରେ ଏତଲା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଓବିସି ମଞ୍ଚ ଜିଲ୍ଲା ସଭାପତି ଡମ୍ବରୁଧର ଲହଜଲ, ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ଡାକେ ଲହଜଲ, ବ୍ଲକ ସଭାପତି ପ୍ରମୋଦ ହଂସ, ଧର୍ମଗଡ଼ ବ୍ଲକ ସାଙ୍ଗଠନିକ ସମ୍ପାଦକ ଲବଣୀ ଯାଦବ, ଗଡ଼ିଆଯୋର୍ ସମିତି ଶଙ୍କର ନାଏକ, ମୁନିରାମ ନାଏକ, ସୁନ୍ଦର ନାଏକ, ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ସାପ କାମୁଡ଼ାରେ ନାବାଳିକା ମୃତ

**ତରଭା, ୬ ।୧୦(ସମିସ):** ସର୍ପାଘାତରେ ଜଣେ ୧୩ବର୍ଷ ଛାତ୍ରୀ ମୃତ୍ୟୁବରଣ କରିବା ଘାଟଣ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ତରଭା ବ୍ଲକ ଅଧୀନ କୁମ୍ଭୀର ମୁଣ୍ଡା ପଞ୍ଚାୟତର ପୋଲବନ୍ଦ ଗ୍ରାମର ରାଜେନ୍ଦ୍ର କବାଟଙ୍କ ଝିଅ ପିଙ୍କିତା କବାଟ ଗତକାଲି ରାତିରେ ଶୋଇଥିବା ସମୟରେ ଏକ ବିଷଧର ସାପ କାମୁଡି ଦେଇଥିଲା। ଫଳରେ ପିଙ୍କିତା ଜୋରରେ ଚିତ୍କାର କରିବାରୁ ଘର ଲୋକ ଉଠି ପଡ଼ିଥିଲେ। ସାଙ୍ଗେସାଙ୍ଗେ ପିଙ୍କିତାଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାବାଳିକାର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ସୂଚନା ଯୋଗ୍ୟ ଯେ ପିଙ୍କିତା ଗାଁ ରୁ ଅଧକିଲୋମିଟର ଦୂର ତାଲପାଲି ଉଚ୍ଚ ବିଦ୍ୟାଳୟରେ ଅଷ୍ଟମଶ୍ରେଣୀରେ ପାଠ ପଢୁଥିଲେ।

# ଯୁବକଙ୍କୁ ଦଳିଦେଲା ହାତୀ

**ଲାଞ୍ଜିଗଡ଼, ୬ ।୧୦(ସମିସ):** ରବିବାର ଦିନ ପ୍ରାୟ ୧୧.୩୦ଟା ସମୟରେ ଜଙ୍ଗଲକୁ ଛେଳି ଓ ଗାଈ ଚରାଇବାକୁ ଗାଁର କିଛି ଲୋକଙ୍କ ସହିତ ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତ କାତୁଲବାଇ ଗାଁର ଅନୀଲ ମାଝୀ(୧୮)ଯାଇଥିଲେ। ଗାଁକୁ ଲାଗିଥିବା ବରୀ ଜଙ୍ଗଲରେ ଛେଳି ଚରାଉଥିବା ବେଳେ ହଠାତ ଜଙ୍ଗଲ ଭିତରୁ ହାତୀପଲ ବାହାରି ଆସିବା ସହିତ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ହାତୀ ଦେଖି ଭୟରେ ସମସ୍ତେ ଦୌଡ଼ି ପଳାଇଥିବା ବେଳେ ଅନୀଲ ସେମାନଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଅନୀଲକୁ ହାତୀପଲ ଆକ୍ରମଣ କରିବା ସହିତ ପାଦରେ ଦଳିଦେବାରୁ ସେ ଅତ୍ୟନ୍ତ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ହସ୍ପିଟାଲ ନେବାକୁ ଉଦ୍ୟମ କରୁଥିବା ସମୟରେ ଅନୀଲଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଖବର ପାଇ ବନବିଭାଗର ଏସିଏଫ୍ ତଥା ବନାଞ୍ଚଳ ଅଧିକାରୀ ନରୋତ୍ତମ ମାଝୀଙ୍କ ନେତୃତ୍ୱରେ ବନପାଳ ଚିନ୍ତାମଣି ମାଝୀ, ସୁରେଶ ରାଉତ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତା ରାଶି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ରବିବାର ସନ୍ଧ୍ୟା ହୋଇଯିବାରୁ ସୋମବାର ଶବ ବ୍ୟବଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# କଳାହାଣ୍ଡି ଡ୍ରାଇଭର ସଂଘ କର୍ମକର୍ତ୍ତାଙ୍କ ବିୟୋଗରେ ଶୋକ

**ଜୟପାଟଣା, ୬ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ କରଞ୍ଜିଗୁଡା ଗ୍ରାମର ଡ୍ରାଇଭର ମହାସଂଘର ଉପ ସଭାପତି ଅଭିମନ୍ୟୁ ସାହୁ (୫୨)ଙ୍କ ରବିବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଘରେ ଅସୁସ୍ଥ ପରେ ପରିବାରଲୋକେ ଜୟପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିମନ୍ୟୁ ସାହୁ ପେଶାରେ ଜଣେ ଡ୍ରାଇଭର ଥିବାବେଳେ ବିଗତ ୫ ବର୍ଷ ଧରି ଡ୍ରାଇଭର ମହାସଂଘର ଜୟପାଟଣା ବ୍ଲକ ଉପ ସଭାପତି ଓ ମୁଖୀଗୁଡା ଗ୍ରାପ ପଞ୍ଚାୟତର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟରତ ଥିଲେ। ସେ ଜଣେ ମେଳାପୀ, ପରୋପକାରୀ, ସମାଜସେବୀ ଥିଲେ। ତାଙ୍କ ଅକାଳ ବିୟୋଗରେ କଳାହାଣ୍ଡି ଜିଲ୍ଲା ଡ୍ରାଇଭର ମହାସଂଘ ସମେତ ଜୟପାଟଣା ବ୍ଲକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ସହ ସ୍ତ୍ରୀ ରହିଛନ୍ତି। ବଡ଼ ପୁଅ ରିଙ୍କୁ ସାହୁ ମୁଖାଗ୍ନି ଦେଇଥିଲେ।




## ବୀରମହାରାଜପୁର ଅଞ୍ଚଳରେ ବଢୁଛି ଅବାଧ ମଦବିକ୍ରି

# ହାତବାନ୍ଧି ବସିଛି ଅବକାରୀ ବିଭାଗ ଓ ପୁଲିସ

**ବୀରମହାରାଜପୁର, ୬ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ଅବାଧ ମଦ କାରବାର ଚାଲିଛି। ଗତ କିଛି ବର୍ଷ ହେବ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଏହି ମଦ କାରବାର ବଢ଼ି ଚାଲିଥିଲେ ମଧ୍ୟ ଏ ଦିଗରେ ଅବକାରୀ ଓ ପୁଲିସ ବିଭାଗ ନୀରବଦ୍ରଷ୍ଟା ସାଜିଥିବାର ଜଣାଯାଏ। କେବଳ ବୀରମହାରାଜପୁର ଓ ସୁବଳୟା ( ଟିକ୍ରାପଡ଼ା) ରେ ଦୁଇଟି ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ସୀମିତ ସଂଖ୍ୟାରେ ଥିବାବେଳେ ଗ୍ରାମାଞ୍ଚଳରେ ଯେକୌଣସି ସ୍ଥାନରେ କୁଚିଆ ବ୍ୟବସାୟୀ ମାନେ ପାନ ଦୋକାନ ଓ ଅନେକ କାଠ ଗୁଡ଼ାରେ ଅବାଧରେ ମଦ କାରବାର ଚଳାଉଥିବା ଦେଖିବାକୁ ମିଳିଛି। ବ୍ଲକର ସଦର ବୀରମହାରାଜପୁର ସମେତ ସୁବଳୟା, ପିତାମହୁଲ, କମିରା, ଖଣ୍ଡହତା, ମୁର୍ଷୁଣ୍ଡୀ, ଘିଚାପାଲି (ମେଟାକାନି ଛକ), ଗୌଡଗାଡ, ସାଗଯୋରୀ, ଦୁର୍ଜନତୈଲା, କୁଞ୍ଜାପାଲି, କର୍ଡାପାଲ, ଘଣ୍ଟପାଲି, କଦଳିପାଲି, ବଲିପାଲି, ଚଡକା, ଖଇରମାଲ, ଅମାତ ପାଲି, ବଡ଼ଖମାର, ତେନ୍ତୁଲିମହଦା, ପାଇଁପୁର ଆଦି ଅନେକ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ବହୁଳ ପରିମାଣରେ ମିଳୁଛି। ଖଣ୍ଡହତା ପଞ୍ଚାୟତର ଚୁବୁକା ଦାଦାର, ପୁଇପାନ, ପିତାମହୁଲ, ଡୁଲେଶ୍?ର, ଖଇରମାଳ, ଗୌଡ଼ଗାଡ଼, ସାଗଯୋରୀ, ମସିଣାପାଲି, ସଂଗ୍ରାମପୁର ଆଦି ସ୍ଥାନରେ ପ୍ରତ୍ୟହ ମଦ ପ୍ରସ୍ତୁତି କରାଯାଇ ସେଠାରୁ ଜିଲ୍ଲା ଓ ଜିଲ୍ଲା ବାହରକୁ ମଧ୍ୟ ମଦ ପଠାଯାଉଥିବ ଜନସାଧାରଣରେ ଆଲୋଚନା ହେଉଛି। ଲୋକଙ୍କ କହିବା ଅନୁଯାୟୀ ଗ୍ରାମାଞ୍ଚଳରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ନଥିବା ବେଳେ ଲୋକେ ସୁବିଧାରେ ମଦକିଣି ପାରୁ ନ ଥିଲେ। ବୀରମହାରାଜପୁର କିମ୍ବା ସୁବଳୟା (ଟିକ୍ରାପଡ଼ା) କୁ ଯାଇ ମଦକିଣି ପିଇବା କାଠିକର ପାଠ ଥିଲା। ତେବେ ବର୍ତ୍ତମାନ ଦେଶୀ ବିଦେଶୀ ମଦ କୁଚିଆ ବେପାରୀଙ୍କ ମାଧ୍ୟମରେ ପ୍ରାୟ ସବୁ ଗ୍ରାମରେ ସବୁ ପ୍ରକାରର ମଦ ମିଳିପାରୁଛି। ଫଳରେ ଗ୍ରାମର କମ ବୟସର ପିଲାମାନେ ମଦ୍ୟପାନ କରି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ବୀରମହାରାଜପୁର ବିଭିନ୍ନ ଅଫିସ ଓ ଦୈନିକ ବଜାରକୁ ପ୍ରତିଦିନ ହଜାରହଜାର ଲୋକ ବ୍ୟବସାୟ ଓ ଅନ୍ୟାନ୍ୟ କାର୍ଯ୍ୟରେ ଆସୁଛନ୍ତି। ମାତ୍ର ଦୈନିକ ବଜାରରକୁ ଲାଗି ଦେଶୀ ମଦ କାରବାର ହେଉଥିଲେ ମଧ୍ୟ ପୁଲିସ ଓ ଅବକାରୀ ବିଭାଗ କିପରି ଜାଣି ପାରୁନାହିଁ, ନା ଜାଣି ନ ଜାଣିବା ର ଅଭିନୟ କରୁଛି ସେନେଇ ଜନସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି। ଜିଲ୍ଲା ପ୍ରଶାସନ ଏ ପ୍ରତି ଦୃଷ୍ଟି ଦେଇ ଏସବୁ ବନ୍ଦ କରିବାକୁ ଜନସାଧାରଣରେ ଦାବି ହେଉଛି।

# ଝୁମୁକାଡୁଙ୍ଗୁରି ଗିରିଗୋବର୍ଦ୍ଧନ ପୂଜା ପ୍ରସ୍ତୁତି



**ଡୁଙ୍ଗୁରିପାଲି, ୬ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାଝୀମୁଣ୍ଡା ଝୁମୁକାଡୁଙ୍ଗୁରିଠାରେ ଗିରିଗୋବର୍ଦ୍ଧନ ପୂଜା ପାଇଁ ପୀଠର ସଭାପତି ସାଉଁରିଆ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ 'ଝୁମୁକା ଦେବୀ' ନାଟକ ମଞ୍ଚସ୍ଥ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଉକ୍ତ ବୈଠକରେ ମଠାଧୀଶ ବାବା କରୁଣାକର ଦାଶ, ସୁରେଶ ଦାଶ, ପୂର୍ବତନ ଜିଲ୍ଲା ପରିଷଦ ଉପାଦକ୍ଷ ରୁଦ୍ର କିଶୋର ମହଲା, ଅନିରୁଦ୍ଧ ବାରିକ, ବିକାଶ ହାତୀ, ରମାକାନ୍ତ ବହିଦାର, ସୋମନାଥ ଠାକୁର, ସୁରେଶ ପଧାନ, ଘାସି ଦଣ୍ଡସେନା, ହୃଷୀକେଶ ରଣା, ପ୍ରଫୁଲ୍ଲ ବାରିକ, ବିଜୟ ସାହୁ, ନାରାୟଣ ବୁଡ଼େକ, ମଦନ ବେହେରା, ସୁରେନ୍ଦ୍ର ସା, ରାଜୁ ପାଣ୍ଡେ, ଡମ୍ବରୁ ବାରିକ, ଚୈନୁ ବାରିକ, ହାଡୁ ନନ୍ଦ, କୈବଲ୍ୟ ନନ୍ଦ, ସାମନ୍ତ ପଟ୍ଟନାୟକ, ଚତୁର୍ଭୁଜ ପୋଢ଼, ଲକ୍ଷ୍ମଣ ବାରିକ, ଡୋଳାମଣି ବେହେରା, ମୁନୁ ସାହୁ, ରବୀନ୍ଦ୍ର ନାୟକଙ୍କ ସହ ଝୁମୁକାଡୁଙ୍ଗୁରିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ

# ଗାଁରେ ପହଞ୍ଚିଲା ମୃତଦେହ

**ଲାଞ୍ଜିଗଡ଼, ୬ ।୧୦(ସମିସ)**

ନିଜଅଞ୍ଚଳରେକାମଧନ୍ଦା ନପାଇଅର୍ଥରୋଜଗାର ଆଶାରେ କେରଳ, ଗୁଜୁରାଟ, ତାମିଲନାଡୁ ଯାଇ କିଏ ଗୋଡ଼, ହାତ ହରାଉଛିତ, କିଏ ମୃତ୍ୟୁ ମୁଖରେ ପଡୁଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅର୍ନ୍ତଗତ ତ୍ରିଲୋଚନପୁରର ଜଣେ ବ୍ୟକ୍ତି ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।ତ୍ରିଲୋଚନପୁରର ଆପାରାଓ ପଲକିଆ(୫୦)ଦାଦନ ଖଟିବାକୁ ଯାଇ ରବିବାର ବିଜୟନବରଙ୍ଗରେ ମୃତ୍ୟୁ ଘଟିଛି।ସୂଚନା ଅନୁସାରେ ତ୍ରିଲୋଚନପୁର ଗାଁର ଆପାରାଓ ପଲକିଆ ପୂର୍ବରୁ ଦାଦନ ଖଟିବାକୁ ଯାଇଥିବା ଗାଁର ଅନ୍ୟ ଯୁବକମାନଙ୍କ ସହିତ ଯୋଗାଯୋଗ କରି ଆଜିକୁ ୧୫ ଦିନ ତଳେ ଆନ୍ଧ୍ରପ୍ରଦେଶର ବିଜୟନବରଙ୍ଗର ଏକ ପ୍ଲାଇଓଡ଼ କମ୍ପାନୀରେ ପୂର୍ବରୁ ରହିଥିବା ଗାଁ ଲୋକଙ୍କ ସହିତ ମିଶି କାମ କରୁଥିବା ବେଳେ ଗତ ଦୁଇଦିନ ତଳେ ଦେହ ଅସୁସ୍ଥ ହୋଇଥିଲା। ସାଥିରେ ଥିବା ଗାଁ ଲୋକେ ଔଷଧ ପତ୍ର ଆଣି ଆପାରାଓଙ୍କୁ ଦେଇଥିବା ବେଳେ ସେ କାମ କରିବାକୁ ନଯାଇ କମ୍ପାନୀ ଦେଇଥିବା ଘରେ ରହୁଥିବା ବେଳେ ରବିବାର ରାତିରେ ଆପାରାଓଙ୍କ ମୃତ୍ୟୁ ଘଟିଥିଲା। ଗତ ୭ ବର୍ଷ ତଳେ ଆପାରାଓଙ୍କ ବଡ଼ପୁଅ ସୁଦନ ପଲକିଆ କେରଳ ରାଜ୍ୟକୁ କାମ କରିବାକୁ ଯାଇ ମୃତ୍ୟୁବରଣ କରିଥିବା ବେଳେ ପରିବାରର ପ୍ରତିପୋଷଣ ବୋଝ ଆପାରାଓ ଉପରେ ରହିଥିଲା। ସ୍ୱାମୀର ମୃତ୍ୟୁ ଖବର ଶୁଣି ତାଙ୍କ ସ୍ତ୍ରୀ ପ୍ରଫୁଲ୍ଲ ପଲକିଆ, ଝିଅ



ଦଇମତି ପଲକିଆ(୧୮)ପୁଅ ଜନୈକ ପଲକିଆ(୧୭)ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିବା ବେଳେ ସେମାନଙ୍କ ପାଖରେ ବିଜୟନବରଙ୍ଗ ଠାରୁ ଶବ ଆଣିବା ପାଇଁ ସମ୍ବଳ ନଥିବାରୁ ସାଥିରେ କାମ କରୁଥିବା ଗାଁ ଜଳନ୍ଧର ବାଗ ଓ ଅନ୍ତ ପରାଭୋଇ କମ୍ପାନୀ ମାଲିକଙ୍କୁ ଜଣାଇବା ପରେ ଆଜି ଦୁହେଁ ଆମ୍ବୁଲାନ୍ସ ଯୋଗେ ଆପାରାଓଙ୍କ ମରଶରୀର ନେଇ ପୂର୍ବାହ୍ନ ସାଢେ ୧୦ ଘଣ୍ଟା ସମୟରେ ତ୍ରିଲୋଚନପୁର ଗାଁରେ ପହଞ୍ଚି ଥିଲେ।ଆଜି ଗାଁରେ ଆପାରାଓଙ୍କ ମୃତ ଦେହ ପହଁଚିବାପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।ପରେ ପରିବାର, ଗାଁ ଲୋକଙ୍କ ପକ୍ଷରୁ ଶବ ସତ୍କାର କରା ଯାଇଛି।

# କଣ୍ଟାବାଞ୍ଜି 'ମାଟିର ମହୋତ୍ସବ' ପ୍ରସ୍ତୁତି ବୈଠକ



**କଣ୍ଟାବାଞ୍ଜି, ୬ ।୧୦(ସମିସ):** କଣ୍ଟାବାଞ୍ଜି ମାଟିର ମହୋତ୍ସବ ୨ୟ ବର୍ଷ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ପୁଷ୍ପକେତୁ ବେହେରାଙ୍କ ଆବହକତ୍ୱରେ କମିଟିର ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସଭାପତି ବ୍ରାଜଶ୍ୟାମ ଗୁରୁ ଓ ବରିଷ୍ଠ ସଦସ୍ୟମାନେ ସାମିଲ ହୋଇଥିଲେ। ୨ୟ ବର୍ଷରେ କେମିତି ସୁନ୍ଦର ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା ହେବା ସହ ଚଳିତ ମହୋତ୍ସବ ରେ କଣ୍ଟାବାଞ୍ଜି ଅଞ୍ଚଳର କଳାକାରଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଚର୍ଚ୍ଚା ହୋଇଛି। ତେବେ ଏହି ମହୋତ୍ସବ ପାଇଁ ଆଗାମୀ ବୈଠକରେ ତାରିଖ ସ୍ଥିର କରାଯାଇ ଆଗାମୀ ଜାନୁଆରୀରେ ଏହି ମହୋତ୍ସବ କରାଯିବ ବୋଲି ସ୍ଥିର କରାଯାଇଛି। ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ଅନୁଷ୍ଠାନ, ସଂଘକୁ ନେଇ ମଧ୍ୟ ବୈଠକ କରାଯିବ ବୋଲି ବିଧାୟକ କହିଛନ୍ତି। ବୈଠକରେ ବରିଷ୍ଠ ସଦସ୍ୟ ସଞ୍ଜୟ ଗାନ୍ଧୀ, ବେଦବ୍ୟାସ ନାଗ, ପପୁ ଜୁଏଡ଼, କୈଳାଶ ଦୀପ, ଗୁରୁଦାୟଲ ହଂସ, ବିବେକ ଶର୍ମା, ରାଜୁ ବାରିକ, ତୁଳସୀ ଜଗତ, ରୋହନ ମହତ, ପ୍ରକାଶ ପଧାନ, ସନ୍ତୋଷ ଅଗ୍ରୱାଲ, ପରମାନନ୍ଦ ପୁଟେଲ ସହ ଅନ୍ୟମାନେ ସାମିଲ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

# ଉପନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ୧୧୦୦ କୋଟିର ପ୍ରକଳ୍ପ ଭେଟି

ନୂଆପଡ଼ା, ୬।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ନୂଆପଡ଼ା ଗସ୍ତରେ ଆସି ସୋମବାର ଦିନ ୧୧୦୧ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ୬୪ କୋଟି ୨ଲକ୍ଷ ଟଙ୍କା ମୂଲ୍ୟର ୧୦୯ଟି ପ୍ରକଳ୍ପର



ଲୋକାର୍ପଣ ଏବଂ ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହାସହ ୭୫କୋଟି ୩୭ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ଘୋଷଣା କରିଛନ୍ତି। ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨କୋଟି ୯ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ସେହିପରି ଖରିଆରରୋଡ୍ ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା, କୋମନା ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ଏବଂ ସିନାପାଲି ପଞ୍ଚାୟତ ଓ ଗୋଡାଲ ପଞ୍ଚାୟତକୁ ମିଶାଇ ସିନାପାଲି ଏନ୍‌ଏସିର ମାନ୍ୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସୂଚନାନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ପହଞ୍ଚିଥିଲେ। ପରେ ଦିନ ପ୍ରାୟ ସାଢ଼େ ୧୧ଟାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରକଳ୍ପ ଘୋଷଣା କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଖରିଆରରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ଯୋଗ ଦେଇଥିଲେ।

ତେବେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଘେରିଛି ବିଜୁ ଜନତା ଦଳ। ଉପନିର୍ବାଚନର ତାରିଖ ଘୋଷଣା ହେବାର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ସରକାରଙ୍କ ନିର୍ବାଚନୀ ଭେଟି ବୋଲି ଦଳ କହିଛି। ଏପରି କରି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଭୂତଉଛନ୍ତି। ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ କହିଛନ୍ତି ଯେ ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଯାଇଥିଲେ। ଠିକ ପରେପରେ ନୂଆପଡ଼ାକୁ ଆସି ଅପରାହ୍ଣ ୨ଟା ବେଳେ ଏଭଳି ପ୍ୟାକେଜ ଘୋଷଣା କରିବା ଏବଂ ଏହାର ୨ଘଣ୍ଟା ପରେ (ଅପରାହ୍ଣ ୪ଟାରେ) ନିର୍ବାଚନ କମିଶନ ଦିଲ୍ଲୀରୁ ନିର୍ବାଚନ ତାରିଖ ଘୋଷଣା

■ ଖରିଆର ରୋଡ୍‌କୁ ମ୍ୟୁନିସିପାଲିଟି, କୋମନା ଏବଂ ସିନାପାଲିକୁ ନୂତନ ଏନ୍‌ଏସି ମାନ୍ୟତା ଘୋଷଣା

■ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଲୋକଙ୍କୁ ଭୂତାଉଛନ୍ତି: ବିଜେଡି

କରିବା, ନୂଆପଡ଼ାବାସୀ ଠିକ୍ ବୁଝୁଛନ୍ତି। ଏହା କେବଳ ଏକ ନିର୍ବାଚନ ଏଜେଣ୍ଡା ବୋଲି ସେ କହିଛନ୍ତି।

ସେଆହୁରିକହିଛନ୍ତିଯେପୂର୍ବତନମୁଖ୍ୟମନ୍ତ୍ରୀନବୀନ ପଟ୍ଟନାୟକଙ୍କ ଅମଳରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଜିଲ୍ଲାରେ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ ଓ ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ କ୍ଷମତାକୁ ଆସିବା ପରେ ପାଖାପାଖି ବିଜେପି ସରକାର ନୂଆପଡ଼ା ପାଇଁ କ'ଣ କରିଥିଲା, ତାହା ଜିଲ୍ଲାବାସୀ ଭଲ ଭାବେ ଜାଣିଛନ୍ତି। ବର୍ତ୍ତମାନ ନିର୍ବାଚନ ସମୟ ଦେଖି ଏଭଳି ଘୋଷଣା କରିଛନ୍ତି। ନୂଆପଡ଼ାରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ଦୀର୍ଘଦିନ ହେବ ଆମେ ଦାବି କରିଆସୁଛୁ। କିନ୍ତୁ ସରକାର ଶୁଣୁନାହାନ୍ତି ବୋଲି ଶ୍ରୀ ଯୋଶୀ କହିଛନ୍ତି।

---

ଆଜିଠୁ କାର୍ତ୍ତିକ ବ୍ରତ

# ରହଣି କେନ୍ଦ୍ରରେ ରହିଲେ ହବିଷ୍ୟାଳି



ପୁରୀ, ୬।୧୦ (ସମିସ): ଆସନ୍ତାକାଲି (ମଙ୍ଗଳବାର)ଠାରୁ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହେଉଛି। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷ୍ୟାଳି। ଏଥିପାଇଁ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ବ୍ରତଧାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଚଳିତ ବର୍ଷର ହବିଷ୍ୟାଳି ଯୋଜନାର ଶୁଭାରମ୍ଭ ହେବ। ଏଥିପାଇଁ ବୃନ୍ଦାବତୀ ନିବାସ ପରିସରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ନାମ ପଞ୍ଜୀକରଣ କରିଥିବା ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର କରାଯାଇଛି। ସ୍ଥାୟୀ ଶିବିର ବୃନ୍ଦାବତୀ ନିବାସ ବ୍ୟତୀତ ବଗଲା ଧର୍ମଶାଳା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ହବିଷ୍ୟାଳିଙ୍କୁ ରଖାଯାଇଛି। ଆଜି ସଂଧ୍ୟା ସୁଦ୍ଧା ୧୯୫୦ ହବିଷ୍ୟାଳି ପୁରୀରେ ପହଞ୍ଚିଥିବା ଜଣାଯାଇଛି।

ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ହବିଷ ବ୍ରତ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ। ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କୁ ଏଥର ୪ଟି ରହଣି କେନ୍ଦ୍ର (ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ) ରେ ରଖାଯାଇଛି। ହବିଷ୍ୟାଳି ଯୋଜନାରେ ୭୦ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବିବାହିତ ମହିଳାମାନେ

## ଆଜି ଧରିବେ ବ୍ରତ

ଏହି ବ୍ରତ ପାଇଁ ଆବେଦନ ଅନ୍‌ଲାଇନ ମାଧ୍ୟମରେ କରିଥିଲେ। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ସୋମବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ବିଭିନ୍ନ ରହଣି କେନ୍ଦ୍ର ବୁଲି ସ୍ଥିତି ପରଖିଛନ୍ତି। କ'ଣ ସୁବିଧା, ଅସୁବିଧା ରହିଛି, ବୁଝିବା ସହ ସମସ୍ତ ବ୍ୟବସ୍ଥା ବୁଲି ଦେଖିଛନ୍ତି।

ହବିଷ୍ୟାଳିମାନେ ଆସନ୍ତାକାଲି ଭୋରରୁ ଉଠି ନରେନ୍ଦ୍ର ପୁଷ୍କରିଣୀ ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ ସାରି ଶ୍ରୀମନ୍ଦିରକୁ ଯିବେ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ସହ ବ୍ରତ ଧରିବେ। ତୁଳସୀ ଚଉରାମୂଳେ ରାଇଦାମୋଦରଙ୍କୁ ପୂଜା କରି ମାସଟା ଯାକ ଆଧ୍ୟାତ୍ମିକ ଭାବେ ବାନ୍ଧି ହୋଇ ରହିବେ। ପ୍ରତି ସନ୍ଧ୍ୟାରେ ଆକାଶ ଦୀପ ଟାଣିବେ। ପୁଣି ଶୁଣିବେ ଭଜନ, ଭାଗବତ, ପୁରାଣ ଓ ପ୍ରବଚନ। ଗୋଟିଏଥର ମହାପ୍ରସାଦ ସେବନ କରିବେ।

---

ବାଇକ୍‌କୁ ପିଟିଲା ବସ୍

# ଦୁଇ ଭଉଣୀ ମୃତ, ୩ ଗୁରୁତର

କାକିରିଗୁମ୍ମା, ୬।୧୦ (ସମିସ): କୋରାପୁଟ-ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥର ଡି.ପଞ୍ଚଡା ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ବାଇକ୍‌କୁ ଏକ ଘରୋଇ ବସ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତ ଭଉଣୀଦ୍ୱୟ ହେଲେ,

## ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତ କଟ୍ରାଆମ୍ବ ଗ୍ରାମର କବିତା ମୁଦୁଲି(୮) ଓ ଆନି ମୁଦୁଲି। ଏହି ଦୁର୍ଘଟଣାରେ କବିତାଙ୍କ ବାପା ପୀତବାସ ମୁଦୁଲି, ମା' ବାସନ୍ତୀ ମୁଦୁଲି ଓ ଭାଇ ସଞ୍ଜୁ ମୁଦୁଲି ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଆନ୍ଦୋଳନ କରିଥିଲେ। ୯ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହେବାରୁ କୋରାପୁଟ-ରାୟଗଡ଼ା ମଧ୍ୟରେ ଯାତାୟାତ ବନ୍ଦ ରହିଛି।

ସୂଚନାନୁଯାୟୀ, ଏହି ମୁଦୁଲି ପରିବାରର ପାଞ୍ଚଜଣ ସଦସ୍ୟ ଘରକୁ ଏକ ବାଇକ୍‌ରେ ଫେରୁଥିଲେ। ଡି.ପଞ୍ଚଡା ଛକରେ ସେମାନେ ରାଜପଥ ଅତିକ୍ରମ କରୁଥିବା ବେଳେ ଗୁଣୁପୁରଠାରୁ ରାଇଘର ଯାଉଥିବା ଏକ ଘରୋଇ ବସ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ଏକ ଗଛରେ ପିଟି ହୋଇଯାଇଥିଲା। ବସ୍ ଚକ ତଳେ ଚାପି ହୋଇ କବିତାର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ପୀତବାସ, ବାସନ୍ତୀ,



ଆନି ଓ ସଞ୍ଜୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କାକିରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆନିର ମୃତ୍ୟୁ ହୋଇଯାଇଥିଲା।

ଏହାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ କୋରାପୁଟ-ରାୟଗଡ଼ା ରାସ୍ତାକୁ ଦୀର୍ଘ ୯ ଘଣ୍ଟା ଧରି ଅବରୋଧ କରିଛନ୍ତି। ଖବର ପାଇ କୋରାପୁଟ ଆରଟିଓ ରାଜେଶ ମାରାଣ୍ଡି, ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା, ଲକ୍ଷ୍ମୀପୁର ତହସିଲଦାର ନୈବେଦ୍ୟ ଭୋଇ, ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ କୁମାର ବେହେରା, କାକିରିଗୁମ୍ମା ଥାନା ଅଧିକାରୀ ସୁନୀଲ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ପୂର୍ବତନ ସାଂସଦ ଝିନ ହିକକା, ସମାଜସେବୀ ଶଙ୍କର ସାଉଁନ୍ତା ପ୍ରମୁଖ ପହଞ୍ଚି ଆଲୋଚନା ଜାରି ରଖିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଥିବାରୁ କୋରାପୁଟ ରାୟଗଡ଼ା ମଧ୍ୟରେ ଯାତାୟାତ ବନ୍ଦ ରହିଛି।

---

## ପ୍ରକାଶ ପାଇବ ଓଡ଼ିଶା ରାଜ୍ୟ ସମବାୟ ନୀତି,୨୦୨୫

# ମତାମତ ଆହ୍ୱାନ କଲା ସମବାୟ ବିଭାଗ

ଭୁବନେଶ୍ୱର, ୬।୧୦(ସମିସ): ରାଜ୍ୟରେ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ, କ୍ରିୟାଶୀଳ କରିବା ଲକ୍ଷ୍ୟରେ ଖୁବ୍‌ଶୀଘ୍ର ଓଡ଼ିଶା ରାଜ୍ୟ ସମବାୟ ନୀତି, ୨୦୨୫ ପ୍ରକାଶ ପାଇବ। ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଏକ ଚିଠା ସମବାୟ ନୀତି ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ରଖିବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଚିଠା ନୀତି ସମବାୟ ବିଭାଗର ୱେବସାଇଟ୍‌ରେ ଉପଲବ୍ଧ ଅଛି। ଜନସାଧାରଣ, ସମବାୟବିତ୍, ବୁଦ୍ଧିଜୀବୀ ସେମାନଙ୍କ ମତାମତ/ପ୍ରସ୍ତାବ ଏହି ମେଲ-ଆଇଡିରେ ପଠାଇବାକୁ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ, କେନ୍ଦ୍ର ସମବାୟ ମନ୍ତ୍ରାଳୟ ପକ୍ଷରୁ ଚିଠା ସମବାୟ ନୀତି ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ପ୍ରସ୍ତାବକ୍ରମେ ରାଜ୍ୟ ସମବାୟ ବିଭାଗ ଚିଠା ନୀତି ପ୍ରସ୍ତୁତ କରିଛି। ଏକ ସମୟୋପଯୋଗୀ, ବ୍ୟାବହାରିକ ଓ ଉନ୍ନତ ସମବାୟ ନୀତି ପ୍ରସ୍ତୁତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ଆହ୍ୱାନ କରାଯାଇଥିବା କୁହାଯାଇଛି।

---

## ଅନ୍ତଃରାଜ୍ୟ କଫସିରପ୍ ଚାଲାଣକାରୀ ଗ୍ୟାଙ୍ଗ୍ ଠାବ

# ୧୫ ଗିରଫ, ୧୫୦୦ ବୋତଲ ସିରପ ଜବତ

ବରଗଡ଼, ୬।୧୦(ସମିସ): ଅବୈଧ କଫ ସିରପ୍ ଚାଲାଣ କାରବାରରେ ସମ୍ପୃକ୍ତ ଏକ ଅନ୍ତଃରାଜ୍ୟ ଗ୍ୟାଙ୍ଗକୁ ଠାବ କରିଛି ବରଗଡ଼ ପୁଲିସ। ଗ୍ୟାଙ୍ଗର ୧୫ଜଣ ସଦସ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ସେମାନଙ୍କଠାରୁ ୧୫୦୦ ବୋତଲ କଫସିରପ୍ ଜବତ କରିଛି।



## ୫ ଦେଶୀ ବନ୍ଧୁକ, ୨୦ ଗୁଳି, ୫ କାର୍ ଜବତ

ଅଭିଯୁକ୍ତମାନେ ହେଲେ, ଛତିଶଗଡ଼ର ହରିଦୀପ ସିଂ ସାନ୍ଧୁ (୨୮), ଏମ୍‌ଡି ଆସରଫ (୨୬), ସାୟଦ ଆଜିମ(୩୨), ବଲାଙ୍ଗିରର ବବଲୁ ବେହେରା (୩୨), ଜଗତସିଂହପୁରର ସମ୍ବିତ ପରିଜା (୨୫), ଯାଜପୁରର ରସିଦ ସାହା (୩୦), କେନ୍ଦ୍ରାପଡାର ପ୍ରୀତମ ବିଶ୍ୱାଳ (୩୦), ବରଗଡ଼ ଜିଲ୍ଲା ଅତାବିରା ଥାନାଞ୍ଚଳର ପ୍ରଫୁଲ୍ଲ ରଣା(୩୦), ତୁଷାର ବଲ୍ଲଭ ରାଉଟିଆ (୩୧), ହରିପ୍ରସାଦ ସେଠ (୨୬), ବରଗଡ଼ ଟାଉନ ଥାନାଞ୍ଚଳର ବବଲୁ ଶତପଥୀ (୩୭), ଅଙ୍କୁଶ ବଳ (୩୦), ଶ୍ରୀକାନ୍ତ ବେହେରା (୨୯), ସଦର ଥାନାଞ୍ଚଳର ମନିଷ କାଲୁ ଅଗ୍ରୱାଲ (୩୦) ଓ ପିଣ୍ଟୁ ସାହୁ (୨୪)। ସେମାନଙ୍କଠାରୁ ପୁଲିସ ୫ଟି ଦେଶୀ ବନ୍ଧୁକ ସହ ମାଗାଜିନ, ୨୦ଟି ଗୁଳି, ୧୬ଟି ମୋବାଇଲ, ୩ଟି ଖାଲି କାର୍ଟ୍ରିଜ୍, ୫ଟି ଚାରିଚକିଆ ଗାଡି ସହ ୫୭ ହଜାର ୨୦୦ ନଗଦ ଟଙ୍କା ଜବତ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନା ଏହି ସୂଚନା ଦେଇଛନ୍ତି। ଏହି ମାମଲାରେ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି ବୋଲି ସେ କହିଛନ୍ତି।

ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ପ୍ରଥମେ ବରଗଡ଼ ଟାଉନ ଥାନା ଅଞ୍ଚଳରେ ଚଢ଼ଉ କରି ଛତିଶଗଡ଼ର ୩ ଜଣ ଅଭିଯୁକ୍ତଙ୍କୁ ଧରିଥିଲା। ସେମାନଙ୍କୁ ପଚରାଉଚୁରା କରି ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଅନ୍ତଃରାଜ୍ୟ ଗ୍ୟାଙ୍ଗକୁ ଧରିବା ପାଇଁ ବରଗଡ଼ ପୁଲିସର ୭ ଟିମ୍ ଗଠନ କରାଯାଇଥିବା ବେଳେ ଏବେ ମଧ୍ୟ ୫ଟିମ୍ ଘଟଣାର ସଂପୃକ୍ତିକୁ ନେଇ ତଦନ୍ତ ଜାରି ରଖିଛି। ଏହି ସଫଳତା ପାଇଁ ସମସ୍ତ ପୁଲିସ ଅଧିକାରୀଙ୍କୁ ସମ୍ବଲପୁର ଆଇଜି ହିମାଂଶୁ ଲାଲ ପ୍ରଶଂସା କରିଛନ୍ତି।

# ଢାବା ପଛପଟୁ ୯୦୦ ବୋତଲ କଫ୍‌ସିରପ୍ ଜବତ

ଖୋର୍ଦ୍ଧା, ୬।୧୦(ସମିସ): ଖୋର୍ଦ୍ଧା ଅବକାରୀ ମୋବାଇଲ୍ ଟିମ୍ ଓ ସଦର ପୁଲିସ ମିଳିତ ଭାବେ ଚଢ଼ଉ କରି ୧୬ନଂ ଜାତୀୟ ରାଜପଥର ବାଜପୁର ଛକ ନିକଟରେ ଥିବା ପଣ୍ଡିତ ଢାବା ପଛପଟ ଘରୁ ୨ଟି ଜରିବସ୍ତାରେ ୯୦୦ ବୋତଲ କଫ୍‌ସିରପ୍‌କୁ ଜବତ କରିଛି। ଏଥିସହ ଏକ କାର୍ (ଓଡି୩୩ ଏଆର୍ ୭୫୧୩), ଏକ ମୋବାଇଲ୍ ଫୋନ୍‌କୁ ଜବତ କରିଛନ୍ତି। ଜବତ କଫ୍‌ସିରପ୍‌ର ମୂଲ୍ୟ ୧ ଲକ୍ଷ ୧୨ ହଜାର ୪୫୦ ଟଙ୍କା ହୋଇଥିବା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ପଲ୍ଲା ବରୁଣେଇ ସାହିର ବିଶ୍ୱରଞ୍ଜନ ଖୁଣ୍ଟିଆ ଓରଫ ବାଙ୍କ (୪୫) ଓ ଢାବା ମାଲିକ ଦଳେଇପୁଟର ଦେବରଞ୍ଜନ ଦାସ ଓରଫ ଶଙ୍କର (୪୭)ଙ୍କୁ ଗିରଫ କରାଯାଇଛି।



ବିଶ୍ୱରଞ୍ଜନ ଦୀର୍ଘଦିନ ହେବ ୧୬ନଂ ଜାତୀୟ ରାଜପଥର ପଲ୍ଲା ଓଭରବ୍ରିଜ୍ ତଳେ ରାସ୍ତା ପାର୍ଶ୍ୱରେ ଏକ ଦୋକାନ କରି କଫ୍‌ସିରପ୍ ବେପାର କରୁଥିବା ବିଶେଷ

## ଢାବା ମାଲିକ ଶଙ୍କର ସମେତ ସହଯୋଗୀ ଗିରଫ

ସୂତ୍ରରୁ ଖବର ପାଇଥିଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍। ତାକୁ ଧରିବା ଲାଗି ଅବକାରୀ ଟିମ୍ ଓ ପୁଲିସର ଏକ ମିଳିତ ଟିମ୍ ପ୍ରସ୍ତୁତ କରାଯାଇଥିଲା। ଏହି ଟିମ୍ ରବିବାର ଜାତୀୟ ରାଜପଥର ବାଜପୁର ଛକ ନିକଟରେ ଥିବା ପଣ୍ଡିତ ଢାବା ପଛପଟ ଛୋଟ ଘରୁ ଏକ କାର୍‌ରେ ମାଲ୍ ନେଇ ଯାଉଥିବା ବେଳେ ଧରା ହୋଇଥିଲା। ତା'ର ବୟାନ ମୁତାବକ ସୋମବାର ଟିମ୍ ପଣ୍ଡିତ ଢାବାର ମାଲିକ ଶଙ୍କରଙ୍କୁ ଗିରଫ କରିଛି।

ଶଙ୍କର ଢାବା ଚଳାଇବା ନାଁରେ ଢାବା ପଛପଟେ ଥିବା ଛୋଟ ଘରେ ବେଆଇନ କଫ୍‌ସିରପ୍ ଗଚ୍ଛିତ ରଖେ। ଉକ୍ତ କଫ୍‌ସିରପ୍‌କୁ ବିଶ୍ୱରଞ୍ଜନ ମାର୍କେଟ୍‌ରେ ବେପାର କରୁଥିବା ଅବକାରୀ ବିଭାଗ ଆଗରେ ସେ ସ୍ୱୀକାର କରିଛି। ସୋମବାର ଢାବା ପଛପଟ ଘରୁ ଅବକାରୀ ଓ ପୁଲିସର ମିଳିତ ଟିମ୍ ୯୦୦ ବୋତଲ କଫ୍‌ସିରପ୍ ଜବତ କରିଛି। ତନ୍ମଧ୍ୟରେ ୧୦୭ ଟଙ୍କା ମୂଲ୍ୟ ରହିଥିବା ୪୫୦ ବୋତଲ ଏବଂ ୨୧୧ ଟଙ୍କା ମୂଲ୍ୟ ରହିଥିବା ୪୫୦ ବୋତଲ କଫ୍‌ସିରପ୍ ରହିଥିବା ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ବେଆଇନ କଫ୍‌ସିରପ୍ ବିକ୍ରି ଅଭିଯୋଗରେ ୨ଜଣଙ୍କୁ ୨୫୬/୨୫ନଂ ମାମଲାରେ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏମାନେ ଏତେ ପରିମାଣର କଫ୍‌ସିରପ୍ କେଉଁଠାରୁ ଏବଂ କାହା ମାଧ୍ୟମରେ ଆଣି ଗଚ୍ଛିତ ରଖୁଥିଲେ, ଅବକାରୀ ପୁଲିସ ତାହାର ଖୋଳତାଡ଼ ଆରମ୍ଭ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଅବକାରୀ ଇନ୍‌ସପେକ୍ଟର ରାଧାକାନ୍ତ ଭୋଇ, ମୋବାଇଲ ସ୍କ୍ୱାଡ୍ ଇନ୍‌ସପେକ୍ଟର ତପସ୍ୱିନୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

---

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ସମଲେଶ୍ୱରୀ

## ସମଲେଇ ଗୁଡ଼ିରେ ନୂତନ ଧ୍ୱଜାରୋହଣ ସମ୍ପନ୍ନ

ସମ୍ବଲପୁର, ୬।୧୦ (ସମିସ): କୁମାର ପୂର୍ଣ୍ଣିମା ଅବସରରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହାସହ ଆଜି ସନ୍ଧ୍ୟାରେ ସମଲେଶ୍ୱରୀ ମନ୍ଦିରରେ ନୂତନ ଧ୍ୱଜାରୋହଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗତ ସେପ୍ଟେମ୍ବର ୧୪ ତାରିଖ ମୂଳାଷ୍ଟମୀ ତିଥିରେ ମା' ସମଲେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେବା ସହ ସମଲେଶ୍ୱରୀ ପୀଠରେ ଚାଲିଥିବା ଶାରଦୀୟ ଦଶହରା ଉତ୍ସବ ଆଜି ପୂର୍ଣ୍ଣିମା ତିଥିରେ ମା'ଙ୍କ ରାଜରାଜେଶ୍ୱରୀ ବେଶ ଓ ମନ୍ଦିରରେ ନୂତନ ଧ୍ୱଜାରୋହଣ ସହ ସମାପନ ହୋଇଛି।



ଆଜି କୁମାର ପୂର୍ଣ୍ଣିମା ତିଥିରେ ଅପରାହ୍ଣ ୧ଟା ସମୟରେ ମନ୍ଦିର ପୂଜକମାନେ ମା' ସମଲେଶ୍ୱରୀଙ୍କ ଶ୍ରୀଙ୍ଗାର କରିଥିଲେ। ଅପରାହ୍ଣ ୨ଟାରୁ ମା' ସମଲେଶ୍ୱରୀ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଉଛନ୍ତି। ଏହି ବେଶରେ ମା'ଙ୍କୁ ଦର୍ଶନ କରିବାକୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ମନ୍ଦିରରେ ଦର୍ଶନ ବନ୍ଦ କରାଯାଇ ସ୍ୱତନ୍ତ୍ର ଧ୍ୱଜା ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ସନ୍ଧ୍ୟା ୮ଟା ସମୟରେ ଧ୍ୱଜାରୋହଣ କରାଯାଇଥିଲା। ମନ୍ଦିର ଚୂଡ଼ାରେ ଧ୍ୱଜା ଲାଗିବା ପରେ ଶଙ୍ଖ, ଘଣ୍ଟ ଧ୍ୱନି ସହ ମା' ସମଲେଶ୍ୱରୀଙ୍କ ଜୟ ଜୟକାରରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଥିଲା। ମନ୍ଦିର ଚତୁଃପାର୍ଶ୍ୱ ତଥା ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ଏହି ଦୃଶ୍ୟ ଦେଖିଥିଲେ। ଏହାପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ରାତି ପ୍ରାୟ ସାଢ଼େ ୧୦ଟା ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସମଲେଶ୍ୱରୀ ମନ୍ଦିରରେ ନବଦୁର୍ଗା ବେଶ ହେଉ ନଥିବାବେଳେ ଷୋଡ଼ଶ ଉପଚାର ପୂଜା ସମୟରେ ମା' ଷୋହଳ ଜ୍ୟୋତି ରୂପରେ ପୂଜା ପାଇବାସହ ସ୍ୱତନ୍ତ୍ର ନୈବେଦ୍ୟ ଅର୍ପଣ କରାଯାଇଥାଏ। ମା'ଙ୍କ ମନ୍ଦିରରେ କେବଳ ମହାଳୟା ତିଥିରେ ଧବଳମୁଖୀ ବେଶ ଏବଂ ପୂର୍ଣ୍ଣିମା ତିଥିରେ ରାଜରାଜେଶ୍ୱରୀ ବେଶ କରାଯାଇଥାଏ।

---

# ଏମ୍‌କେସିଜିରେ ଅଚଳ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍

ବ୍ରହ୍ମପୁର,୬।୧୦(ସମିସ): ଏମ୍‌କେସିଜିକୁ ଜାତୀୟସ୍ତରୀୟ ହସ୍ପିଟାଲରେ ପରିଣତ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ଏଠାକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ସମସ୍ତ ପ୍ରକାର ସେବା

■ ହନ୍ତସନ୍ତ ଶିଶୁ ବିଭାଗର କୋମଳମତି ଶିଶୁ

■ ଏକ୍ସ-ରେ ପାଇଁ ଦେବାକୁ ପଡୁଛି ୮ ଶହ ଟଙ୍କା

ଯୋଗାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ, ଶିଶୁ ବିଭାଗର ପରିଚାଳନା ତ୍ରୁଟି କାରଣରୁ ବହୁ କୋମଳମତି ଶିଶୁ ଉତ୍ତମ ଚିକିତ୍ସା ନିମନ୍ତେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଶିଶୁ ବିଭାଗର ଆଇସିୟୁରେ ଚିକିତ୍ସିତ ସଂକଟାପନ୍ନ ଶିଶୁଙ୍କ ନିମନ୍ତେ ରହିଥିବା ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ମାସାଧିକ ସମୟ ହେବ ଅଚଳାବସ୍ଥାରେ ପଡ଼ି ରହିଛି। ଏଭଳି ଅତ୍ୟାବଶ୍ୟକ ଯନ୍ତ୍ରପାତି ଅଚଳ ପଡ଼ିଥିବାରୁ ଆଇସିୟୁରେ ଚିକିତ୍ସିତ ସଙ୍କଟାପନ୍ନ ରୋଗୀ ଏକ୍ସ-ରେ' ସେବାରୁ ବଞ୍ଚିତ ହେଉଛନ୍ତି।

ଏମ୍‌କେସିଜି ମେଡିକାଲ ଶିଶୁ ବିଭାଗର ଅଧୀନରେ ପିକୁ, ନିକୁ ଓ ଏସ୍‌ଏନ୍‌ସିୟୁ



ଭଳି ବିଭିନ୍ନ ବିଭାଗ ରହିଛି। ବିଭାଗରେ ନବଜାତଠାରୁ ଆରମ୍ଭ କରି ୧୬ ବର୍ଷ ପର୍ଯ୍ୟନ୍ତ ସଂକଟାପନ୍ନ ଓ ଗୁରୁତର ଶିଶୁ ଚିକିତ୍ସିତ ହେଉଛନ୍ତି। ସେଥିମଧ୍ୟରୁ ଅନେକ ଶିଶୁ ଚିକିତ୍ସା ସମୟରେ ବାଧ୍ୟତାମୂଳକ ଭାବେ ଅକ୍ସିଜେନ୍ ଗ୍ରହଣ କରିଥା'ନ୍ତି। ଏଭଳି ସଙ୍କଟାପନ୍ନ ଶିଶୁଙ୍କ ଆବଶ୍ୟକତାସ୍ଥଳେ ରୋଗ ନିର୍ଣ୍ଣୟ ପାଇଁ ଡାକ୍ତର ଏକ୍ସ-ରେ' କରିବାକୁ ପରାମର୍ଶ ଦେଇଥାନ୍ତି। ଶିଶୁ ବିଭାଗରେ ଅକ୍ସିଜେନ୍ ସପୋର୍ଟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ବିଭାଗକୁ ଯାଇ ଏକ୍ସ-ରେ' କରିବାରେ ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି। ଏହାକୁ ଦୃଷ୍ଟିରେ ରଖି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭାଗର ତଳ ମହଲାରେ ଏକ ପୋର୍ଟେବଲ୍ ଏକ୍ସ-ରେ' ମେସିନର ବ୍ୟବସ୍ଥାର କରାଯାଇଛି। କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ଉକ୍ତ ମେସିନ ଅଚଳ ଅବସ୍ଥାରେ ପଡ଼ି ରହିଛି। ଏଭଳି କ୍ଷେତ୍ରରେ ଶିଶୁଙ୍କ ସମ୍ପର୍କୀୟମାନେ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର୍ ଉପରେ ନିର୍ଭର କରୁଛନ୍ତି। ରୋଗୀ ସମ୍ପର୍କୀୟଙ୍କ ଅନୁରୋଧକ୍ରମେ ଡାଏଗ୍ନୋଷ୍ଟିକ ସେଣ୍ଟର୍‌ର କର୍ମଚାରୀମାନେ ମେଡିକାଲ ଶିଶୁ ବିଭାଗକୁ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ଆଣି ସଙ୍କଟାପନ୍ନ ଶିଶୁଙ୍କ ଏକ୍ସ-ରେ' କରୁଥିବା ଦେଖିବାକୁ ମିଳିଛି। ଏଥି ନିମନ୍ତେ ରୋଗୀଙ୍କୁ ୮ ଶହ ଟଙ୍କା ଦେବାକୁ ପଡୁଛି।

ବିଭାଗରେ ମାସାଧିକ କାଳ ହେବ ଏହି ଅତ୍ୟାବଶ୍ୟକ ଯନ୍ତ୍ରପାତି ଅଚଳ ପଡ଼ିଥିବା ବେଳେ ଏହାର ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା ବିଭାଗ କିମ୍ବା ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଉନି। ଏନେଇ ବିଭାଗ ପକ୍ଷରୁ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। କିନ୍ତୁ ଅଚଳ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ମରାମତି ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍‌ର ଆଡପ୍ଟର ଖରାପ ରହିଥିବା ବେଳେ ତାହା ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଞ୍ଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାରୁ ମୁକ୍ତି ମିଳିପାରେ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାନୁରୂପ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜଭୁତ ହେବ। ଦୋକାନିମାଲିକଙ୍କ ଲାଭ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୪୦- ୱିଲିୟମ୍ ଦ୍ୱିତୀୟ ନେଦରଲ୍ୟାଣ୍ଡର ରାଜା ହେଲେ।
- ୧୯୧୯- ଗାନ୍ଧିଜୀଙ୍କ 'ନବଜୀବନ' ପତ୍ରିକା ପ୍ରକାଶିତ।
- ୧୯୫୦-ମଦର ଟେରେସା କଲିକତାରେ 'ମିସନାରିଜ୍ ଅଫ୍ ଚ୍ୟାରିଟି'ର ସ୍ଥାପନା କଲେ।
- ୧୯୫୨- ଚଣ୍ଡିଗଡ଼ ପଞ୍ଜାବର ରାଜଧାନୀ ହେଲା।
- ୧୯୯୨- ର୍‍ୟାପିଡ୍ ଆକ୍ସନ୍ ଫୋର୍ସର ସ୍ଥାପନା।
- ୨୦୦୦- ଜାପାନ ମାନବ କ୍ଲୋନିଂକୁ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କଲା।
- ୨୦୦୪- ଜର୍ମାନୀ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ଦାବିଦାରିକୁ ସମର୍ଥନ କଲା।

## ଗେମ୍ ଡିଟକ୍ସ ସେଣ୍ଟର



ଆଜିର ଡିଜିଟାଲ ଯୁଗରେ ଅନଲାଇନ୍ ଗେମ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତଙ୍କର କେବଳ ଏହା ମନୋରଞ୍ଜନର ସାଧନ ହୋଇ ରହି ନାହିଁ, ବରଂ ନିଶା ପାଲଟିଛି। ଏହା କେବଳ ପିଲାଙ୍କ ପାଠପଢ଼ାକୁ ପ୍ରଭାବିତ କରୁନି ବରଂ ସ୍ୱାସ୍ଥ୍ୟଠୁ ଆରମ୍ଭ କରି ଜୀବନର ବିଭିନ୍ନ ଦିଗ ଉପରେ ଏହା ନକାରାତ୍ମକ ପ୍ରଭାବ ପକାଉଛି। ସେହିପରି ଏହି ସମସ୍ୟା କେବଳ ଭାରତର ନୁହେଁ, ବରଂ ଅନ୍ୟ ଦେଶର ପିଲାଙ୍କୁ ବି ଏହା ପ୍ରଭାବିତ କରୁଛି। ତେବେ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଚୀନ୍ ଏକ ବିଶେଷ ସେଣ୍ଟର ଆରମ୍ଭ କରିଛି। ଏଠାରେ ପିଲାଙ୍କୁ ଅନଲାଇନ୍ ଗେମ୍‌ରୁ ମୁକ୍ତି ଦେବା ପାଇଁ ସ୍ୱତନ୍ତ୍ର କୋର୍ସର ଆରମ୍ଭ କରାଯାଇଛି। ଏଠାରେ ଅନଲାଇନ୍ ଗେମ୍‌ରେ ଚିନ୍ତିତ ପିଲା ଓ ଯୁବପିଢ଼ିଙ୍କ ଲାଗି ଇ-ସ୍ପୋର୍ଟସ୍ କ୍ଲବ୍ ଏକ ନିଆରା କୋର୍ସ ଆରମ୍ଭ କରିଛି। ଏହି କ୍ଲବ୍‌ଟି ହେବେଇ ଅଞ୍ଚଳରେ ଅବସ୍ଥିତ। ଏହାର ମାଲିକ ଲୁ ଡେନ୍‌ଥାଓ ୨୦୧୮ ମସିହାରେ ପ୍ରଫେସନାଲ ଗେମରଙ୍କୁ ତାଲିମ ଦେବା ଲାଗି ଏହି କ୍ଲବ୍ ଖୋଲି ଥିଲେ। ଯଦିଓ ଅଧିକାଂଶ ପିଲା ପ୍ରଫେସନାଲ ଗେମର୍ ହେବାର ସ୍ୱପ୍ନ ଦେଖୁଥିଲେ, ହେଲେ ସେମାନେ ପାଠପଢ଼ା ଓ ଜୀବନର ସମସ୍ୟାରୁ ଦୂରେଇ ରହିବା ଲାଗି ଗେମିଂ ନିଶାରେ ପଡ଼ିଯାଉଥିବାର ସେ ଦେଖିଥିଲେ। ଏହି କାରଣ ଯୋଗୁଁ ଲୁ ୨୦୨୩ ମସିହାରେ ଏଥିରୁ ନିବୃତ୍ତ ରହିବାର କୋର୍ସ ଆରମ୍ଭ କଲେ। ତେବେ ଏ କୋର୍ସର ଫି ପିଲାଙ୍କ ନିଶାର ସ୍ତର ଉପରେ ନିର୍ଭର କରେ। ୨୨ ଦିନର ଏହି କୋର୍ସ କରିବା ପାଇଁ ଜଣଙ୍କୁ ୧.୧୬ ଲକ୍ଷ ଟଙ୍କା ଦେବାକୁ ହେବ। ଏହି କୋର୍ସରେ ପିଲାଙ୍କୁ ସକାଳ ୯ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଲଗାତାର ଗେମ୍ ଖେଳିବା ପାଇଁ କୁହାଯାଏ। କେବଳ ଖାଇବା ଏବଂ ଶୌଚ ସମୟରେ ସେମାନଙ୍କୁ ବ୍ରେକ୍ ମିଳେ। ଏପରି ଲଗାତାର ଗେମ୍ ଖେଳିବା ଦ୍ୱାରା ପିଲାମାନେ ଏହାକୁ ପାଠପଢ଼ାଠାରୁ ମଧ୍ୟ କଷ୍ଟକର ବୋଲି ଭାବି ନିଅନ୍ତି। ଏହା ସହ ଧୀରେ ଧୀରେ ପିଲା ଗେମ୍ ଖେଳିବାରୁ ନିବୃତ୍ତ ରୁହନ୍ତି। ଏବେ ସୁଦ୍ଧା ଏହି କ୍ଲବ୍ ୪ ହଜାର ପିଲାଙ୍କୁ ଟ୍ରେନିଂ ଦେଇଛି, ଏଥିରୁ ୮୫ ପ୍ରତିଶତ ଗେମିଂ ନିଶାରେ କବଳିତ ଥିଲେ। ଅନ୍ୟପଟେ ଭାରତରେ ଅନଲାଇନ୍ ଗେମ୍ ନିଶା ଯେଉଁଭଳି ଭାବେ ବଢ଼ୁଛି, ଏହି ପ୍ରକାର ଗେମ୍ ସେଣ୍ଟରର ଆବଶ୍ୟକତା ଥିବା କୁହାଯାଉଛି।

## 'ଦାୟରା'ର ସୁଟିଂ ଆରମ୍ଭ କଲେ କରିନା



ବଲିଉଡ୍ ଅଭିନେତ୍ରୀ କରିନା କପୁର ଏବେ ମେଘନା ଗୁଲଜାରଙ୍କ ଫିଲ୍ମ 'ଦାୟରା'ର ସୁଟିଂ ଆରମ୍ଭ କରିଛନ୍ତି। କରିନାଙ୍କ ୨୫ ବର୍ଷର କ୍ୟାରିୟରର ଏହା ୬୮ ତମ ଫିଲ୍ମ। ଏଥିରେ କରିନାଙ୍କ ସହ ସାଉଥ୍‌ର ଲୋକପ୍ରିୟ ଅଭିନେତା ପୃଥ୍ୱୀରାଜ ସୁକୁମାରନ ଦେଖାଯିବେ। ଏହା ଏକ କ୍ରାଇମ୍ ଡ୍ରାମା ଥ୍ରିଲର୍ ହେବ। ଏହା ଅପରାଧ, ଦଣ୍ଡ ଓ ନ୍ୟାୟ ମଧ୍ୟର ସଂଘର୍ଷକୁ ଉଜାଗର କରିବ। ଇତିମଧ୍ୟରେ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି। କରିନା ସୁଟିଂ ସେଟ୍‌ର କିଛି ଫଟୋ ସେୟାର୍ କରିଛନ୍ତି। ଏହି ଫଟୋରେ କରିନା ବଲିଉଡ୍‌ର ପ୍ରସିଦ୍ଧ ଗୀତିକାର ଗୁଲଜାରଙ୍କ ସହ ଦେଖାଯାଇଛନ୍ତି। ତେବେ ସେ ଗୁଲଜାରଙ୍କୁ ଭେଟି ଖୁସିଥିବା ଫଟୋରୁ ଜଣାପଡୁଛି। ଏହାସହ କରିନା ସୁଟିଂ ସେଟ୍‌ର କିଛି ଭିଡିଓ ମଧ୍ୟ ସେୟାର୍ କରିଛନ୍ତି। ଭିଡିଓରେ ପୃଥ୍ୱୀରାଜ ଖାକି ବର୍ଦ୍ଦି ପିନ୍ଧିଥିବାର ଦେଖାଯାଇଛନ୍ତି। ଏଥିରୁ ଫିଲ୍ମରେ ସେ ପୁଲିସ୍ ଅଫିସର ଭୂମିକାରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। ତେବେ ସୁଟିଂ ସେଟ୍‌ର ଫଟୋ ଓ ଭିଡିଓ ଆସିବା ପରେ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି।

## ବିଶ୍ୱର ସବୁଠୁ ଛୋଟ ସାପ



ନିକଟରେ ବାରବାଡୋସ୍‌ର ବୈଜ୍ଞାନିକମାନେ ପାଖାପାଖି ୨୦ ବର୍ଷ ପରେ ପୁଣି ଥରେ ବିଶ୍ୱର ସବୁଠୁ ଛୋଟ ସାପର ସନ୍ଧାନ କରିଛନ୍ତି। ଏହି ସାପର ନାଁ 'ବାରବାଡୋସ୍ ଥ୍ରେଡ୍ ସ୍ନେକ୍'। ଏହାର ଲମ୍ବ ୭.୫ରୁ ୧୦ ସେଣ୍ଟିମିଟର। ସେହିପରି ଏହି ସାପ ଏତେ ପତଳା ଯେ, ଛୁଞ୍ଚିର ଛେଦରେ ବି ଫଁଶି ବାହାରି ପାରିବ। ତେବେ ଏହି ବର୍ଷ ମାର୍ଚ୍ଚ ମାସରେ ଏଠାକାର ଏକ ଛୋଟ ଜଙ୍ଗଲରେ ପରିବେଶ ବିଜ୍ଞାନୀ କର୍ଣ୍ଣର ବ୍ଲେଡସ୍ ଏକ ଗବେଷଣା କରୁଥିଲେ। ସେ ଏକ ପଥର ଉଠାଇବାରୁ ଏହାର ତଳେ ଅତ୍ୟନ୍ତ ପତଳା ବା ସୂତା ଭଳି ଜିନିଷ ଗୁଡ଼େଇ ହୋଇ ରହିଥିବା ସେ ଦେଖିବାକୁ ପାଇଲେ। ଏହାକୁ ସେ ନିରିଖେଇ ଦେଖିବାରୁ ଜାଣିବାକୁ ପାଇଲେ ଯେ, ଏହା କୌଣସି କୀଟ କି ପୋକ ନୁହେଁ, ବରଂ ସାପ। ୨୦ ବର୍ଷ ପୂର୍ବରୁ ଏହି ସାପକୁ ଦେଖାଯାଇଥିଲା। ଅନେକ ବିଶେଷଜ୍ଞ ଏହାକୁ ବିଲୁପ୍ତ ଘୋଷଣା କରିଛନ୍ତି। ହେଲେ କର୍ଣ୍ଣରଙ୍କ ଏହି ସନ୍ଧାନ ଏବେ ସମସ୍ତଙ୍କୁ ଚକିତ କରିଛି। ସାପଟିର ବିଶେଷତ୍ୱ ହେଉଛି ଏହା ଦେଖିପାରେ ନାହିଁ। ଏହା ଥରକରେ ଗୋଟିଏ ଅଣ୍ଡା ଦିଏ। ୧୮୮୯ ମସିହାରେ 'ବାରବାଡୋସ୍ ଥ୍ରେଡ୍ ସ୍ନେକ୍'କୁ ପ୍ରଥମଥର ଦେଖିବାକୁ ମିଳିଥିଲା। ଏହାପରେ ଏହା ବହୁତ କମ୍ ଦେଖିବାକୁ ମିଳିଥିଲା। ୨୦ ବର୍ଷ ପରେ ଏହି ସାପ ପୁଣି ଥରେ ଦେଖାଯିବା ପରେ ଏହାକୁ ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ଏହାର ଶରୀରରେ ନାରଙ୍ଗୀ ରଙ୍ଗର ରେଖା ଏବଂ ନାକରେ ତରାଜୁ ଭଳି ଆକାର ଦେଖିବାକୁ ମିଳିଥିଲା। ଯାଞ୍ଚ ପ୍ରକ୍ରିୟା ପୂରା ହେବା ପରେ ଏହା ଥ୍ରେଡ୍ ସ୍ନେକ୍ ବୋଲି ଜଣାପଡ଼ିଥିଲା।

# ସୁବର୍ଣ୍ଣା



## ପାଣିରେ ଅଦା ଚାଷ

**ଭାରତୀୟ ରୋଷେଇ ଘରେ ଅଦା ଏକ ଅତ୍ୟାବଶ୍ୟକୀୟ ସାମଗ୍ରୀ। ଖାଦ୍ୟର ସ୍ୱାଦ ବଢ଼ାଇବାକୁ ଅଦାକୁ ମସଲା ଭାବେ ବ୍ୟବହାର କରାଯାଏ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ତେବେ ଅଧିକାଂଶ ନିଜ ଘର ବାଡ଼ି ବଗିଚାରେ କୁଣ୍ଡ ଦ୍ୱାରା ଅଦା ଲଗାଇଥାନ୍ତି। ହେଲେ ଏବେ ପାଣିରେ ବି ଅଦା ଚାଷ ହୋଇପାରିବ।**



ପାଣିରେ ଅଦା ଫଳାଇବାକୁ ଉନ୍ନତ କିସମ ଅଦା ତଥା ତଟକା, ମୋଟା ଏବଂ ଗଜା ଥିବା ଅଦା ବାଛି ପାରିବେ। ସଡ଼ା କିମ୍ବା ଫିମ୍ପି ମାରି ଥିବା ଅଦା ବ୍ୟବହାର କରିବା ଅନୁଚିତ। ଅଦା ରାତିସାରା ପାଣିରେ ଭିଜିଲେ ଶୀଘ୍ର ଗଜା ହୋଇଥାଏ। ଏହା ଏକ ଇଞ୍ଚରୁ ଦେଢ଼ ଇଞ୍ଚ ରହିବା ଆବଶ୍ୟକ। ପରେ କାଚ ଜାର୍‌ରେ ପାଣି ନେଇ ଜାର୍‌ଟିକୁ ସୂର୍ଯ୍ୟକିରଣ ପଡୁଥିବା ଓ ବାୟୁଚଳାଚଳ ହେଉଥିବା ସ୍ଥାନରେ ରଖିପାରିବେ। ମନେ ରଖିବେ, ଅଦା ଚେର ପାଣିକୁ ହାଲୁକା ଛୁଇଁବା ଆବଶ୍ୟକ। ପାଣିରେ ଅଦା ବୁଡି ନ ଯାଏ ତାହା ଧ୍ୟାନ ଦେବେ। ଜାର୍‌ର ପାଣିକୁ ପ୍ରତି ୨ରୁ ୩ ଦିନ ଅନ୍ତରରେ ବଦଳାଇବା ଜରୁରି। ଏହାଦ୍ୱାରା କବକ ଏବଂ ଜୀବାଣୁମୁକ୍ତ ହୋଇଥାଏ। ଯଦି ଚାହିଁବେ, ପାଣିରେ ଲେମ୍ବୁରସ ବୁନ୍ଦା ପକାଇ ପାରିବେ। ଏହି ପ୍ରକ୍ରିୟାରେ ୮ରୁ ୧୦ ଦିନରେ ଅଦାରେ ଛୋଟ ଛୋଟ ଗଜା ବାହାରିବାକୁ ଲାଗେ। ଅଦା ୬ରୁ ୮ ଇଞ୍ଚ ବଢ଼ିଗଲେ, ଏହାକୁ ହାଲୁକା ମାଟି କିମ୍ବା ଖତ ଦେଇ ଲଗାଇପାରିବେ।

## ମକାରେ ଫଲ୍ ଆର୍ମିୱର୍ମ





ବର୍ତ୍ତମାନ ମକା ଚାଷୀଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ମକା ଫସଲରେ ଫଲ୍ ଆର୍ମିୱର୍ମର ପ୍ରକୋପ ଅଧିକ ଦେଖିବାକୁ ମିଳିଥାଏ। ଫଲ୍ ଆର୍ମିୱର୍ମ ଏକ ବିନାଶକାରୀ କୀଟ। ଏହି କୀଟ ପୁରା ଫସଲକୁ ନଷ୍ଟ କରି ଦେଇଥାଏ। ଏହାର ଲାର୍ଭା, ମକା ପତ୍ର ଓ ମକାର ପ୍ରଜନନ ଅଙ୍ଗକୁ ଖାଇ ଖାଇ ନଷ୍ଟ କରିଦିଏ। ଉଦ୍ଭିଦ କୋଷକୁ କଣା କରି ଗଛକୁ ଖୋଲପା କରେ। ଫଳରେ ଫସଲ ନଷ୍ଟ ହୋଇଯାଏ। ତେଣୁ ଏହି ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଚାଷୀଭାଇମାନେ ନିୟମିତ ଫସଲର ଦେଖାରଖା କରିବା ଜରୁରି। ଯଦି କୀଟର ପ୍ରକୋପ ୧୦ ପ୍ରତିଶତରୁ କମ୍ ଥାଏ, ତେବେ ରାସାୟନିକ ଔଷଧ ସିଞ୍ଚନର ଆବଶ୍ୟକ ନ ଥାଏ। ଏହି ସ୍ଥାନରେ ନିମ୍ବ ଅର୍କ କିମ୍ବା ଜୈବିକ ଖତ ବ୍ୟବହାର କରିପାରିବେ। ଯଦି ପୋକର ପ୍ରକୋପ ୧୦ ପ୍ରତିଶତରୁ ଅଧିକ ଥାଏ, ତେବେ କ୍ଲୋରାଣ୍ଟ୍ରାନିଲିପ୍ରୋଲ କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ ୪ମିଲି ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ତେବେ ଏହି ଚାଷ ଆରମ୍ଭ ପୂର୍ବରୁ ଗଭୀର ହଳ କରିବା ସହ ମାଟିକୁ କିଛି ସମୟ ଖରାଦେବାକୁ କୃଷି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। କେବଳ ସେତିକି ନୁହେଁ, ଜମିକୁ ସଫା ଓ ସ୍ୱଚ୍ଛ ରଖିବା, ଘାସ ନିୟନ୍ତ୍ରଣ ଏବଂ ବରୁଗୁଡି କିମ୍ବା ନେପିୟର ଘାସ ଲଗାଇପାରିବେ। ଡାଲିଜାତୀୟ ଫସଲ ସହିତ ଅନ୍ତଃଫସଲ ଲଗାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

## ଫସଲରୁ ରୋଗ ଚିହ୍ନିବ ଏଆଇ



ଭାରତ ଏକ କୃଷିପ୍ରଧାନ ଦେଶ। ଏଠାରେ ଅଧିକାଂଶ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ତେବେ ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ବିଭିନ୍ନ କାରଣରୁ ଚାଷୀମାନେ ଫସଲରୁ ସହଜରେ ରୋଗ ଓ ପୋକ ଚିହ୍ନଟ କରିପାରିନଥାନ୍ତି। ଫଳରେ କୀଟନାଶକ ସିଞ୍ଚନ ପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ହେଲେ ଏବେ ଏଆଇ ଏହି ସମସ୍ୟାକୁ ଦୂର କରିବ। ହରିୟାଣା, ରୋହତାକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏନେଇ ଏକ ସ୍ମାର୍ଟ କୌଶଳ ବିକଶିତ କରିଛନ୍ତି। ଏହା ଫସଲରେ ଲାଗୁଥିବା ରୋଗପୋକକୁ ଶୀଘ୍ର ଚିହ୍ନଟ କରିବ। ବୈଜ୍ଞାନିକମାନେ କଲରା ପତ୍ରରେ ରୋଗ ଓ ପୋଷକତତ୍ତ୍ୱର ଅଭାବ ବିଷୟରେ ଜାଣିବାକୁ ଡିପ୍ ଲର୍ଣ୍ଣିଂ ସାହାଯ୍ୟରେ ଏଆଇ ମଡେଲ ପ୍ରସ୍ତୁତ କରିଥିଲେ। ଏହା ଏକ ୱେବ୍ ଆପ୍ଲିକେଶନ। ଏହାର ନାଁ ଦିଆଯାଇଛି ଏଗ୍ରିକ୍ୟୁରୋ। ଏହି ଏଆଇ ଟୁଲ୍ କେବଳ କଲରା ନୁହେଁ, କଖାରୁଜାତୀୟ ସମେତ ଅନ୍ୟ ଫସଲରେ ଲାଗୁଥିବା ରୋଗପୋକକୁ ନିରୀକ୍ଷଣ କରିବ। ଫଳରେ ଚାଷୀମାନେ ଫସଲରେ ପ୍ରାରମ୍ଭିକ ଅବସ୍ଥାରୁ କୀଟ ଚିହ୍ନଟ କରି ଏହାକୁ ସହଜରେ ନିୟନ୍ତ୍ରଣ କରିପାରିବେ। ଏନେଇ ଏଆଇ ଟୁଲ୍ ସ୍ମାଟଫୋନ୍‌ରୁ ନେଇଥିବା ଫଟୋ ସାହାଯ୍ୟରେ ଫସଲର ନିମ୍ନମୁଖୀ ପତ୍ରପୋଡ଼ା ରୋଗ ସମେତ ଯବକ୍ଷାରଜାନ, ପଟାସିୟମ, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱର ଅଭାବ ଅଛି କି ନାହିଁ ସେ ବିଷୟରେ ସୂଚନା ଦେଇପାରିବ। ତା ସହିତ ଉପରୋକ୍ତ ସମସ୍ୟାର ସମାଧାନ ସୂତ୍ର ମଧ୍ୟ ଏଆଇ ବତାଇପାରିବ। ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଜବୀର ସିଂହ କୁହନ୍ତି, ଏହି କୌଶଳକୁ ଏବେ ଡ୍ରୋନ୍ ଏବଂ ଆଇଓଟି ଉପକରଣ ସହିତ ସଂଯୋଗ କରିବାକୁ ଯୋଜନା କରାଯାଉଛି। ଏଆଇ ଆଧାରିତ କୌଶଳଟି ଚାଷୀଙ୍କ ପାଇଁ ବରଦାନ ସଦୃଶ ହେବ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ ଫସଲ ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ତୁରନ୍ତ ୟୁରିଆ ସାର ପ୍ରୟୋଗ ନ କରି ନୂଆ ପିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।
- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି। ବର୍ଷା ଛାଡ଼ିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜବ୍ ଓ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ବର୍ଷା ପରେ ବାଇଗଣ, ଟମାଟୋ ଓ ଲଙ୍କା ଗଛ ମୂଳରେ ପାଣି ଜମି ରହିଲେ କବକ ଜନିତ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି। ଏଥିପାଇଁ ଗଛ ମୂଳରେ ଅଧିକ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ୭୫% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ। ଜମିରେ ଏକର ପ୍ରତି ୧୨ଟି ହଳଦିଆ ଯନ୍ତା ବସାନ୍ତୁ।
- କୁକୁଡ଼ା ଚିଆଁମାନେ ୩ରୁ ୪ସପ୍ତାହର ହୋଇଯାଇଥିଲେ ରାଣୀଖେତ ରୋଗ ପାଇଁ ପ୍ରତିଷେଧକ ଟିକାକରଣ କରାନ୍ତୁ।

## କୁକୁଡ଼ାଙ୍କ ଟିକାକରଣ ପରର ସତର୍କତା

**ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ାପାଳନ କରି ଜୀବିକା ନିର୍ବାହ କରନ୍ତି। ତେବେ କୁକୁଡ଼ାମାନଙ୍କ ଶରୀର ବୃଦ୍ଧି ତଥା ବିଭିନ୍ନ ରୋଗ ଯଥା - ମାରେକ୍ସ, ରାଣୀକ୍ଷେତ, ଗୁମ୍ବୋରୋ, ଫାଉଲ୍‌ପକ୍ସ ଆଦି ନିରାକରଣ ପାଇଁ ସେମାନଙ୍କୁ ବୟସ ଅନୁସାରେ ଟିକା ଦେବାର ବ୍ୟବସ୍ଥା ଅଛି। ତେବେ ଟିକାକରଣ ପରେ କୁକୁଡ଼ାମାନଙ୍କର ବିଶେଷ ଯତ୍ନ ନେବା ଆବଶ୍ୟକ।**

- ସର୍ବଦା ସନ୍ଧ୍ୟା ସମୟରେ ପାଳନ କରାଯାଉଥିବା ସମସ୍ତ କୁକୁଡ଼ାମାନଙ୍କୁ ଟିକା ଦେବା ଉଚିତ। ଟିକାକରଣ ପରେ କୁକୁଡ଼ାଙ୍କୁ କିଛି ସମୟ ପାଇଁ ଶାନ୍ତ ବାତାବରଣରେ ଆରାମ ଦେବାର ବନ୍ଦୋବସ୍ତ କରନ୍ତୁ। ଅଯଥା ଗହଳି, ଶବ୍ଦ କରିବା ଅନାବଶ୍ୟକ।
- ସେମାନଙ୍କ ପାଖେ ପର୍ଯ୍ୟାପ୍ତ ମାତ୍ରାର ପିଇବା ପାଣି ରଖନ୍ତୁ। ଯଦି ପାଣି ମାଧ୍ୟମରେ ଟିକା ଦିଆଯାଇଛି ତେବେ ଏକ ଘଣ୍ଟା ପରେ ପାଣି ବଦଳାଇପାରିବେ।
- ସେହିପରି ଟିକା ଦେବା ପରେ କିମ୍ବା ତିନି ଦିନ ପୂର୍ବରୁ ପାଣିରେ ଇଲେକ୍ଟ୍ରୋଲାଇଟସ୍, ସପ୍ଲିମେଣ୍ଟ, ଗ୍ଲୁକୋଜ କିମ୍ବା ଭିଟାମିନ୍ ମିଳାଇ କୁକୁଡ଼ାଙ୍କୁ ପିଇବାକୁ ଦେଇପାରିବେ।
- ଟିକାର ଏକ୍ସପାଏରୀ ତାରିଖ, ସଂରକ୍ଷଣ, କୋଲ୍ଡଚେନ୍ ଠିକ୍ ଭାବେ ହୋଇଛି କି ନାହିଁ ତାହାକୁ ଧ୍ୟାନ ଦିଅନ୍ତୁ। କୁକୁଡ଼ାମାନଙ୍କର ସମସ୍ତ ଟିକା ସିଡ୍ୟୁଲ ଅନୁସାରେ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଲେ, ସେମାନଙ୍କଠାରେ ରୋଗପ୍ରତିରୋଧକ କ୍ଷମତା ବଢ଼ିଥାଏ।
- ଧ୍ୟାନ ଦେବେ ରୋଗାଗ୍ରସ୍ତ କୁକୁଡ଼ା, ଅସୁସ୍ଥତା ଅନୁଭବ କରୁଥିବା କୁକୁଡାଙ୍କୁ ଟିକା ଦେବା ଅନୁଚିତ।



## ଧାବିକା ଧନଲକ୍ଷ୍ମୀ ସାମୟିକ ବାସନ୍ଦ



ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ତାମିଲନାଡୁର ଜଣାଶୁଣା ଧାବିକା ଧନଲକ୍ଷ୍ମୀ ଶେକର ତାଙ୍କ କ୍ୟାରିୟରରେ ଦ୍ୱିତୀୟଥର ଲାଗି ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି । ଗତ ଜୁଲାଇ ୨୭ରେ ପଞ୍ଜାବରେ ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍ ଅବସରରେ ତାଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଯାହାର ରିପୋର୍ଟ ସଦ୍ୟ ପ୍ରକାଶ ପାଇଥିଲା । ଏଥିରେ ୨୭ ବର୍ଷୀୟା ଧନଲକ୍ଷ୍ମୀଙ୍କ ରିପୋର୍ଟ ପଜିଟିଭ ଆସିଛି । ସେ ଷ୍ଟେରଏଡ୍ ଡ୍ରୋଷ୍ଟାନୋଲୋନ ସେବନ କରିଥିବା ଜଣାପଡ଼ିଛି । ଫଳରେ ଧନଲକ୍ଷ୍ମୀଙ୍କୁ ତୁରନ୍ତ ସାମୟିକ ବାସନ୍ଦ କରାଯାଇଛି । ଧନଲକ୍ଷ୍ମୀ ୨୦୨୨ରେ ପ୍ରଥମଥର ଲାଗି ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ । ଏଥିଲାଗି ତାଙ୍କୁ ୩ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା । ଗତ ଜୁଲାଇ ୧୭ରେ ସେ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରି ପଞ୍ଜାବ ମିଟ୍‌ରେ ଭାଗନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଏଥିରେ ସେ ୧୦୦ ମିଟର ରେସକୁ ୧୧.୫୫ ସେକେଣ୍ଡରେ ଫିନିଶ କରି ପୋଡିୟମ ଶୀର୍ଷରେ ରହିଥିଲେ । ଉଲ୍ଲେଖଯୋଗ୍ୟ, ଧନଲକ୍ଷ୍ମୀ ଏବେ ୮ ବର୍ଷ ବାସନ୍ଦ ହୋଇପାରନ୍ତି । ଜଣେ ଆଥ୍‌ଲେଟ୍ କ୍ୟାରିୟରରେ ଦ୍ୱିତୀୟଥର ଡୋପ୍ ଟେଷ୍ଟରେ ବିଫଳ ହେଲେ ୮ ବର୍ଷ ବାସନ୍ଦ ହେବାର ନିୟମ ରହିଛି । ଯଦି ସେ ଅଜାଣତରେ ନିଷିଦ୍ଧ ଔଷଧ ସେବନ କରିଥାନ୍ତି ତେବେ ତାଙ୍କ ଦଣ୍ଡାଦେଶ କୋହଳ ହୋଇପାରେ । ଧନଲକ୍ଷୀ ସେବନ କରିଥିବା ଡ୍ରୋଷ୍ଟାନୋଲୋନ ଏକପ୍ରକାର ଷ୍ଟେରଏଡ୍ । ଯାହାକି ଶରୀରକୁ ମାଂସପେଶୀ ଓ ଶକ୍ତି ବୃଦ୍ଧିରେ ସହାୟତା କରିଥାଏ ।

## ସାଂଘାଇ ମାଷ୍ଟର୍ସରୁ ଜ୍ୱେରେଭ ବିଦା

ସାଂଘାଇ, ୬ ।୧୦ (ଏଜେନ୍ସି): ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆଲେକ୍ସଜାଣ୍ଡର ଜ୍ୱେରେଭ ଚଳିତ ସାଂଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି । ସୋମବାର ଅନୁଷ୍ଠିତ ରାଉଣ୍ଡ-୩୨'ର



ଏକ ମ୍ୟାଚରେ ଜର୍ମାନୀର ଜ୍ୱେରେଭ ୬-୪, ୩-୬, ୨-୬ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୪ତମ ସ୍ଥାନରେ ଥିବା ଫ୍ରାନ୍ସର ଆର୍ଥର ରିନଡେର୍କନେଚ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ପ୍ରଥମ ସେଟ୍‌ରେ ଜ୍ୱେରେଭ ବିଜୟୀ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ସେଟ୍‌ରେ ଆର୍ଥର ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ହାତେଇନେଇଥିଲେ । ୩୦ ବର୍ଷୀୟ ଆର୍ଥର ତାଙ୍କ କ୍ୟାରିୟରରେ ୩ୟଥର ଲାଗି କୌଣସି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି । ପ୍ରି-କ୍ୱାର୍ଟରରେ ସେ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ଭେଟିବେ । ପୂର୍ବରୁ ଅନ୍ୟ ଏକ ମ୍ୟାଚରେ ଆଲେକ୍ସ ଡି ମିନାଉର୍ ୬-୧, ୭-୫ ସିଧାସଳଖ ସେଟରେ କାମିଲ ମାଜଚାଜାକଙ୍କୁ ହରାଇ ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି ।

### ଆବିୟା ପାରା ବ୍ୟାଡ୍‌ମିଣ୍ଟନ

# ପ୍ରମୋଦ ଜିତିଲେ ୩ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୬ ।୧୦ (ସମିସ)

ତାରକା ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି । ନାଇଜେରିଆର ଆବିୟା ରାଜ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପ୍ରମୋଦ ୩ଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୩ ଇଭେଣ୍ଟର ଫାଇନାଲରେ ପ୍ରମୋଦ ୨୧-୭, ୯-୨୧, ୨୧-୯ରେ ସାଥୀ ଭାରତୀୟ ଖେଳାଳି ମଣ୍ଟୁ କୁମାରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ଏହାପରେ ପ୍ରମୋଦ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଏଥିରେ ସେ ଭାରତର ସୁକାନ୍ତ କଦମଙ୍କୁ ସାଥୀ କରି ୨୧-୧୩, ୨୧-୧୭ରେ ପେରୁର ଗେରସନ ଜାରି ଓ ଡିଆନା ଗୋଲାକ ଯୋଡ଼ିଙ୍କୁ ହରାଇଥିଲେ । ୩୭ ବର୍ଷୀୟ ପ୍ରମୋଦ ନିଜର ୩ୟ ସ୍ୱର୍ଣ୍ଣ ପଦକ ମିକ୍ସଡ ଇଭେଣ୍ଟରୁ ପାଇଥିଲେ ।

ମିକ୍ସଡ ଫାଇନାଲରେ ପ୍ରମୋଦ ଓ ଆରତୀ ପାଟିଲଙ୍କୁ ସାଥୀ କରି ବିଜୟୀ ହୋଇଥିଲେ । 'ପ୍ରତ୍ୟେକ ବିଜୟ ମୋତେ ଆଗକୁ ବଢ଼ାଇବାକୁ ପ୍ରେରଣା ଯୋଗାଇଥାଏ । ଏଭଳି ଅନ୍ତର୍ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଭାରତ ପାଇଁ ଗୌରବ ଆଣିବା ସର୍ବଦା ସ୍ୱତନ୍ତ୍ର' ବୋଲି ୩୭ ବର୍ଷୀୟ ପ୍ରମୋଦ ଭଗତ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଏହି ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଗୋଟିଏ ବର୍ଷରେ ନିଜ ଠିକଣା ପ୍ରଦାନ କରିବାରେ ବିଫଳ ହେବାରୁ ବାସନ୍ଦର ସମ୍ମୁଖୀନ ହୋଇଥିଲେ । ଯେଉଁଥି ପାଇଁ ସେ ପ୍ୟାରିସ ପାରା ଅଲିମ୍ପିକ୍ସରୁ ବଞ୍ଚିତ ହୋଇଥିଲେ ।



### ଓଡ଼ିଶା ଖେଳାଳିଙ୍କ ଚମକ

ପ୍ରମୋଦଙ୍କ ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ୩ଜଣ ଖେଳାଳି ନୁରୂଲ ହୋସେନ ଖାନ, କୁଳଦୀପ୍ ମହାକୁଳ ଓ ବିଶ୍ୱରଞ୍ଜନ ପଣ୍ଡା ମଧ୍ୟ ପଦକ ସଫଳତା ପାଇଛନ୍ତି । ନୁରୂଲ ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୨ ଇଭେଣ୍ଟରେ ରୌପ୍ୟ ଏବଂ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେହିଭଳି କୁଳଦୀପ୍ ଓ ବିଶ୍ୱରଞ୍ଜନ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ । କୁଳଦୀପ୍ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୪ ଇଭେଣ୍ଟରେ ଏବଂ ବିଶ୍ୱରଞ୍ଜନ ଡବଲ୍ସର ଏସ୍‌ୟୁ-୫ ଇଭେଣ୍ଟରେ ଅଂଶଗ୍ରହଣ କରି ଏହି ସଫଳତା ପାଇଥିଲେ ।

### ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ଚାମ୍ପିଅନସିପ୍

## ବିଜୟରୁ ଭାରତର ଅଭିଯାନ ଆରମ୍ଭ

ଗୌହାଟୀ, ୬ ।୧୦ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍‌ରେ ଆୟୋଜକ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ସୋମବାର ଭାରତୀୟ ମିକ୍ସଡ ଟିମ୍ ଦଳ ପ୍ରଥମ ମ୍ୟାଚରେ ୪୫-୧୮, ୪୫-୧୭ ଗେମରେ ନେପାଳକୁ ହରାଇଥିଲା । ଏହି ମ୍ୟାଚରେ ବାଳକ ଡବଲ୍ସରେ ଭାରତର ଭାର୍ଗବ ରାମ ଓ ବିଶ୍ୱ ତେଜ୍ ଯୋଡ଼ି ୯-୩ରେ ବିଜୟୀ ହୋଇଥିଲେ । ସେହିଭଳି ବାଳିକା ଉନ୍ନତି ହୁଡା ଓ ତନଭୀ ଶର୍ମା ମଧ୍ୟ ସହଜରେ ନେପାଳ ପ୍ରତିପକ୍ଷ ଖେଳାଳିଙ୍କୁ ପରାସ୍ତ କରିଥିଲେ । ଏହି ଚାମ୍ପିଅନସିପ୍‌ରେ ମୋଟ୍ ୩୬ଟି ଦଳକୁ ୮ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ଗ୍ରୁପ୍-ଏଚ୍'ରେ ସ୍ଥାନ ପାଇଥିବା ଆୟୋଜକ ଭାରତ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଶ୍ରୀଲଙ୍କାକୁ ଏବଂ ବୁଧବାର ୟୁଏଇ ସହ ଖେଳିବ । ଉଦ୍‌ଘାଟନୀ ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଶ୍ରୀଲଙ୍କା ୩୦-୪୫, ୪୫-୩୪, ୪୫-୪୪ରେ ଶ୍ରୀଲଙ୍କାକୁ, ଚାଇନା ୪୫-୧୪, ୪୫-୧୦ରେ ଘାନାକୁ, କୋରିଆ ୪୫-୨୨, ୪୫-୨୯ରେ ହଙ୍ଗେରୀକୁ ହରାଇଥିଲା ।

## ବିଶ୍ୱକପ୍ ବିଜେତା ୱେଷ୍ଟଇଣ୍ଡିଜ୍ କ୍ରିକେଟର୍ ଜୁଲିଏନ୍‌ଙ୍କ ପରଲୋକ

ତ୍ରିନିଦାଦ୍, ୬ ।୧୦(ଏଜେନ୍ସି): ୱେଷ୍ଟଇଣ୍ଡିଜ ପୂର୍ବତନ ଅଲରାଉଣ୍ଡର ବର୍ଣ୍ଣାଡ ଜୁଲିଏନଙ୍କ ନର୍ଥ ତ୍ରିନିଦାଦର ଟାଉନ୍ ଅଫ୍ ଭାଲସେନରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ସେ ମୁଖ ଗହ୍ୱର କର୍କଟ ରୋଗରେ ପୀଡ଼ିତ ଥିଲେ । ଜୁଲିଏନ ୧୯୭୫ ବିଶ୍ୱକପ୍ ଚାମ୍ପିଅନ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ଥିଲେ । ତାଙ୍କ ଦେହାନ୍ତରେ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଏକ୍ସରେ



ପୋଷ୍ଟ କରି ଶୋକ ଜାହିର କରିଛି । ୧୯୭୩ ଜୁଲାଇ ୨୬ରେ ସେ ପ୍ରଥମ ଟେଷ୍ଟ ଖେଳିବା ସହ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ । ଜୁଲିଏନ୍ ତାଙ୍କ କ୍ୟାରିଅରରେ ୨୪ ଟେଷ୍ଟ ଓ ୧୨ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ । ସେ ଅନ୍ତର୍ଜାତୀୟ କ୍ରିକେଟରେ ୬୮ ଟି ୱିକେଟ ନେବା ସହ ୯୫୨ ରନ ସଂଗ୍ରହ କରିଥିଲେ । ଟେଷ୍ଟ ଫର୍ମାଟରେ ସେ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ଅର୍ଜନ କରିବା ସହ ୫୦ଟି ୱିକେଟ ଅକ୍ତିଆର କରିଥିଲେ । ସେହିପରି ଦିନିକିଆ ଫର୍ମାଟରେ ସେ ୧୮ ଟି ୱିକେଟ ଅକ୍ତିଆର କରିଥିଲେ । ୧୯୭୫ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ସେ ୩୭ ଟି ବଲର ସମ୍ମୁଖୀନ ହୋଇ ଅପରାଜିତ ୨୬ ରନ ସଂଗ୍ରହ କରି ୱେଷ୍ଟଇଣ୍ଡିଜକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ଜଣେ ଉଚ୍ଚକୋଟୀର ବାମହାତୀ ଦ୍ରୁତ ବୋଲର ସହ ହାର୍ଡ ହିଟର ବ୍ୟାଟର ଥିଲେ । ବର୍ଣ୍ଣାଡ ୧୯୭୦ରୁ ୧୯୭୭ ମଧ୍ୟରେ କେଣ୍ଟ ଟିମ୍ ତରଫରୁ ଇଂଲିଶ କାଉଣ୍ଟି ଖେଳିଥିଲେ । ସେ ୧୯୬୮ରୁ ୧୯୮୨ ମଧ୍ୟରେ ତ୍ରିନିଦାଦ ଓ ଟବାଗୋ ଦଳ ତରଫରୁ ଘରୋଇ କ୍ରିକେଟ ଖେଳିଥିଲେ ।

## ବାସ୍କେଟବଲ୍ ଜାତୀୟ ଚାମ୍ପିଅନସିପ୍ ଆରମ୍ଭ





ଭୁବନେଶ୍ୱର, ୬ ।୧୦ (ସମିସ): ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶା ଆନୁକୂଲ୍ୟରେ ବାସ୍କେଟବଲ୍ ଜାତୀୟ ଚାମ୍ପିଅନସିପ୍ ସୋମବାର ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୬ଟି ରାଜ୍ୟର ଖେଳାଳି ଅଂଶଗ୍ରହଣ କରିଛନ୍ତି । ସିନିଅର, ଜୁନିଅର ଓ ସବ୍-ଜୁନିଅର ବର୍ଗରେ ମ୍ୟାଚ୍ ଖେଳାଯିବ । ଅବସରପ୍ରାପ୍ତ କର୍ଣ୍ଣେଲ ଡକ୍ଟର କେଦାରନାଥ ଦାଶ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ସୋନାଲି ଚାନ୍ଦ, ସ୍ପେଶାଲ ଅଲିମ୍ପିକ୍ସ ଭାରତର ଜାତୀୟ ବୋର୍ଡ ସଦସ୍ୟ ରାଜଶେଖର ଚେଲି, ଗୋକୁଳାନନ୍ଦ ଦାଶ, କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ରଥ, କେଟି ଗ୍ଲୋବାଲ ସ୍କୁଲର ସିଇଓ ସିଦ୍ଧାର୍ଥ ରାଉତ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହିଥିଲେ ।

## ୩ ସପ୍ତାହ ପୂର୍ବରୁ ଏମ୍‌ସିଜି ଟିକଟ୍ ବିକ୍ରି ଶେଷ

ମେଲବୋର୍ଣ୍ଣ, ୬ ।୧୦(ଏଜେନ୍ସି): ଅକ୍ଟୋବର ୧୯ରୁ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଭାରତ ମଧ୍ୟରେ ସୀମିତ ଓଭର କ୍ରିକେଟ ସିରିଜ ଆରମ୍ଭ ହେବାକୁ ଯାଉଛି । ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ପ୍ରଥମେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବ । ଏହାପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ ଆରମ୍ଭ ହେବ । ମେଲବୋର୍ଣ୍ଣରେ ଦ୍ୱିତୀୟ ଟି-୨୦ ଅକ୍ଟୋବର ୩୧ରେ ଆୟୋଜନ ହେବ । ବିରାଟ କୋହଲି ଓ ରୋହିତ ଶର୍ମା ଟି-୨୦ ଫର୍ମାଟରୁ ଅବସର ନେଇ ସାରିଛନ୍ତି । ତେଣୁ ଏହି ଦୁଇ ସୁପରଷ୍ଟାର ଏହି ମ୍ୟାଚ୍ ଖେଳିବେ ନାହିଁ । କିନ୍ତୁ ଏହା ସତ୍ତ୍ୱେ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ର ସବୁ ଟିକଟ ମ୍ୟାଚର ୩ ସପ୍ତାହ ପୂର୍ବରୁ ବିକ୍ରି ସରିଛି । ଦର୍ଶକ ଏବେ ଅଭିଷେକ ଶର୍ମା ଓ ଗିଲ୍‌ଙ୍କ ଭଳି ଯୁବ ତାରକାଙ୍କୁ ଦେଖିବାକୁ ଉତ୍ସାହି ଅଛନ୍ତି । କୋହଲି ଓ ରୋହିତଙ୍କ ଅନୁପସ୍ଥିତି ସତ୍ତ୍ୱେ ଏକ ଲକ୍ଷ ଦର୍ଶକ କ୍ଷମତା ବିଶିଷ୍ଟ ଏମ୍‌ସିଜି ଟିକଟ୍ ଶେଷ ହୋଇଯିବା କ୍ରିକେଟ ପାଇଁ ଶୁଭଙ୍କର ବୋଲି କୁହାଯାଉଛି ।

## ପାକିସ୍ତାନ ବ୍ୟାଟର୍ ଅମିନଙ୍କ ୫୦ ପ୍ରତିଶତ ଫି' କଟିଲା




ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଆୟୋଜକ ଭାରତ ୮୮ ରନରେ ପାକିସ୍ତାନ ଦଳକୁ ମାତ୍ ଦେଇଥିଲା । ରବିବାର କଲମ୍ବୋର ଆର୍ ପ୍ରେମଦାସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୪୭ ରନ କରିଥିଲା । ଜବାବରେ ପାକିସ୍ତାନ ୪୩ ଓଭରରେ ୧୫୯ ରନରେ ଅଲଆଉଟ୍ ହୋଇ ଲଜ୍ଜାଜନକ ପରାଜୟବରଣ କରିଥିଲା । ଏହି ମ୍ୟାଚରେ ୮୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପାକିସ୍ତାନ ବ୍ୟାଟର୍ ସିଦ୍ରା ଅମିନଙ୍କ ଉପରେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ବଡ଼ ଜରିମାନା ଲଗାଇଛି । ଆଇସିସି ତାଙ୍କ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଅର୍ଥରାଶି କାଟିଦେଇଛି । ମ୍ୟାଚରେ ଅମିନ ୪୦ତମ ଓଭରରେ ସ୍ନେହ ରାଣାଙ୍କ ବଲରେ ଅଧିନାୟିକା ହରମନପ୍ରୀତ୍ କୌରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ । ତେବେ ଆଉଟ୍ ହେବାପରେ ରାଗିଯାଇ ସେ ବ୍ୟାଟ୍‌କୁ ଭୂମିରେ ଶକ୍ତ ଆଘାତ କରିଥିଲେ । ଯାହାକି ଆଇସିସି ଆଚରଣ ସଂହିତାର ଧାରା ୨.୨କୁ ଉଲ୍ଲଂଘନ କରିଥିଲା । ଆଇସିସିର ଏହି ଧାରା ଅନୁଯାୟୀ, ଯଦି ଖେଳାଳି ମ୍ୟାଚ୍ ସମୟରେ କ୍ରିକେଟ୍ ଉପକରଣ, ପୋଷାକ କିମ୍ବା ଭୂମିରେ ଥିବା କୌଣସି ସମ୍ପତ୍ତିକୁ କ୍ଷତି ପହଞ୍ଚାନ୍ତି ତେବେ ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ଦଣ୍ଡିତ କରାଯାଇଥାଏ ।

### ଆଇସିସି ମହିଳା ବିଶ୍ୱକପ୍

## ବ୍ରିଟ୍ସଙ୍କ ଶତକରେ ଦକ୍ଷିଣ ଆଫ୍ରିକା ବିଜୟୀ

ଇନ୍ଦୋର, ୬ ।୧୦ (ଏଜେନ୍ସି)




ଓପନର୍ ତାଜମିନ ବ୍ରିଟ୍ସଙ୍କ ରେକର୍ଡ ଶତକୀୟ ପାଳି ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ୨୩୨ ରନର ଟାର୍ଗେଟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୪୦.୫ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା । ଓପନର୍ ବ୍ରିଟ୍ସ ୧୦୧ ଓ ନଂ-୩ରେ ଆସିଥିବା ସୁନେ ଲସ୍ ଅପରାଜିତ ୮୩ ରନର ପାଳି ଖେଳି ଦଳକୁ ଚଳିତ ବିଶ୍ୱକପ୍‌ରେ ପ୍ରଥମ ବିଜୟ ଭେଟି ଦେଇଥିଲେ । ଉଭୟ ଦ୍ୱିତୀୟ ୱିକେଟରେ ୧୫୯ ରନର ଭାଗୀଦାରି ଗଢ଼ି ବିଜୟ ପଥ ପରିଷ୍କାର କରିଥିଲେ । ବ୍ରିଟ୍ସ ତାଙ୍କ ୮୯ ବଲ୍ ପାଳିରେ ୧୫ ଚୌକା ଓ ଗୋଟିଏ ଛକା ମାରିଥିଲେ । ୩୪ ବର୍ଷୀୟା ବ୍ରିଟ୍ସ ଏହି ଶତକୀୟ ପାଳି ଅବସରରେ ଏକ ବିଶ୍ୱରେକର୍ଡ କରିଛନ୍ତି । ଚଳିତ ବର୍ଷ ଏହା ତାଙ୍କର ଦିନିକିଆରେ ୧୧ତମ ମ୍ୟାଚରୁ ୫ମ ଶତକ ଥିଲା । ଏଥିସହ ଗୋଟିଏ ବର୍ଷରେ ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ଶତକ ଅର୍ଜନ କରିବାରେ ସେ ଭାରତର ସ୍ମୃତି ମନ୍ଧାନାଙ୍କୁ ପଛରେ ପକାଇ ଦେଇଛନ୍ତି । ମନ୍ଧାନା ୨୦୨୪ ଓ ୨୦୨୫ରେ ୪ଟି ଲେଖାଏ ଶତକ ମାରିଛନ୍ତି ।

ପୂର୍ବରୁ ସ୍ଥାନୀୟ ହୋଲକର୍ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ମହିଳା ଦଳ ଅଧିନାୟିକା ସୋଫି ଡିଭାଇନଙ୍କ ଅର୍ଦ୍ଧଶତକ ବଳରେ ୨୩୧ ରନ କରି ଅଲଆଉଟ୍ ହୋଇଥିଲା । ସୋଫି ସର୍ବାଧିକ ୮୫ ରନ କରିଥିଲେ । ବ୍ରୁକ୍ ହଲିଡେ ୪୫, ଜର୍ଜିଆ ପ୍ଲିମର ୩୧, ଆମେଲିଆ କେର୍ ୨୯ ରନ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ବାମହାତୀ ସ୍ପିନର ନନକୁଲୁଲେକୋ ମାଲ୍‌ବା ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ । ପୂର୍ବରୁ ପ୍ରଥମ ମ୍ୟାଚରେ ଇଂଲଣ୍ଡ ନିକଟରୁ ୧୦ ୱିକେଟ୍‌ରେ ହାରିଥିବା ଦକ୍ଷିଣ ଆଫ୍ରିକା ଏଥିସହ ୨ ପଏଣ୍ଟ ପାଇଁ ଖାତା ଖୋଲିଛି । ଅପରପକ୍ଷରେ ନ୍ୟୁଜିଲାଣ୍ଡର ଏହା କ୍ରମାଗତ ୨ୟ ପରାଜୟ ।

**ବିଶ୍ୱକପ୍‌ରେ ଆଜିର ମ୍ୟାଚ୍**
**ଇଂଲଣ୍ଡ-ବାଂଲାଦେଶ**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ଗୌହାଟୀ**

## ମିତାଲିଙ୍କ ନାମରେ ନାମିତ ହେବ ବିଶାଖାପାଟଣା ଷ୍ଟାଡିୟମ ଷ୍ଟାଣ୍ଡ



ବିଶାଖାପାଟନମ, ୬ ।୧୦(ଏଜେନ୍ସି): ସ୍ଥାନୀୟ ୱାଇଏସ୍‌ଆର ରାଜ ଶେଖର ରେଡ୍ଡୀ ଏସିଏ- ଭିଡିସିଏ ଷ୍ଟାଡିୟମରେ ପୂର୍ବତନ ଭାରତୀୟ ମହିଳା ଅଧିନାୟିକା ମିତାଲି ରାଜ ଓ ରବି କଲ୍ପନାଙ୍କ ସମ୍ମାନରେ ଦୁଇଟି ଷ୍ଟାଣ୍ଡ ନାମିତ ହେବ । ଅକ୍ଟୋବର ୧୨ରେ ଏହି ଦୁଇଟି ଷ୍ଟାଣ୍ଡର ଉଦ୍‌ଘାଟନ କରାଯିବ । ଏହି ଦିନ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ । ଏହି ହାଇପ୍ରୋଫାଇଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ଦୁଇଟି ଷ୍ଟାଣ୍ଡ ଦୁଇ କିମ୍ବଦନ୍ତୀ ମହିଳା ଖେଳାଳିଙ୍କ ନାମରେ ନାମିତ ହେବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି । ୪୨ ବର୍ଷୀୟା ମିତାଲି ଦୀର୍ଘ ୨୩ ବର୍ଷର କ୍ୟାରିଅରରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୧୨ଟି ଟେଷ୍ଟ ଓ ୨୩୨ଟି ଦିନିକିଆ ଓ ୮୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ମିତାଲି ଟେଷ୍ଟରେ ୪୩.୬୮ ହାରରେ ୬୯୯ ଓ ଦିନିକିଆରେ ୫୦.୬୮ ହାରରେ ୭,୮୦୫ ରନ ସଂଗ୍ରହ କରିଥିଲେ । ସେହିପରି ଟି-୨୦ରେ ସେ ୩୭. ୫୨ ହାରରେ ୨,୩୬୪ ରନ ସଂଗ୍ରହ କରିଥିଲେ । ଦିନିକିଆରେ ସେ ୭ଟି ଶତକ ଓ ୬୪ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ । ମିତାଲିଙ୍କୁ ଭାରତ ଓ ତଥା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମହିଳା ବ୍ୟାଟର ଭାବେ ବିବେଚନା କରାଯାଏ । ବିଶ୍ୱ କ୍ରିକେଟରେ ତାଙ୍କ ଅସାଧାରଣ ପ୍ରଦର୍ଶନ ପାଇଁ ମିତାଲିଙ୍କୁ କିମ୍ବଦନ୍ତୀ ଆଖ୍ୟା ମିଳିଛି । ସେହିପରି ଆନ୍ଧ୍ରପ୍ରଦେଶ ପାଇଁ ଜଣେ ୱିକେଟକିପର ବ୍ୟାଟର ଭାବେ ଖେଳିଥିବା ୨୯ ବର୍ଷୀୟ ରବି କଲ୍ପନା ଭାରତ ପାଇଁ ୭ଟି ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS